ସ୍ୱନକ୍ଷତ୍ର

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-170 ♦BHUBANESWAR ♦MONDAY ♦16 DECEMBER 2024 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୧୭୦ ♦ଭୁବନେଶ୍ୱର ♦ସୋମବାର ♦୧୬ ଡିସେମ୍ବର ୨୦୨୪ ♦ପୃଷ୍ଠା-୧୪ ♦ଟ.୬.୦୦








'ସକାଳ'ର ୪ର୍ଥ ସ୍ୱନକ୍ଷତ୍ର

### ଶୀତୁଆ ସକାଳରେ ରାଜ୍ୟବ୍ୟାପୀ ମିନି ମାରାଥନ୍

# ଦୌଡ଼ିଲା ସାରା ଓଡ଼ିଶା

■ **ଭୁବନେଶ୍ୱର, ୧୫।୧୨ (ସମିସ):** 'ସକାଳ'ର ଚତୁର୍ଥ ସ୍ୱନକ୍ଷତ୍ର ଅବସରରେ ରବିବାର ସକାଳୁ ସକାଳୁ ଦୌଡ଼ିଛି ସାରା ଓଡ଼ିଶା। କିଶୋର କିଶୋରୀଙ୍କଠାରୁ ଆରମ୍ଭ କରି ପରିଣତ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ବର୍ଗ, ବୟସ ନିର୍ବିଶେଷରେ

## ଦୌଡ଼ରେ ସାମିଲ ହେଲେ ୧୦ ହଜାରରୁ ଅଧିକ

ସମସ୍ତେ ପାଦରେ ପାଦ ମିଶାଇ ମିନି ମାରାଥନରେ ଅଂଶଗ୍ରହଣ କରିଛନ୍ତି। 'ସକାଳ' ଓ 'ନନ୍ଦିଘୋଷ ଟିଭି' ଏବଂ ରୁଚି ଫ୍ରୋଜିଟ୍ ସହଭାଗିତାରେ ରାଜ୍ୟର ୮ ଟି ପ୍ରମୁଖ ସହର ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ପୁରୀ, ଜୟପୁର, ବାଲେଶ୍ୱର, ଅନୁଗୋଳରେ ମିନି ମାରାଥନ ଆୟୋଜିତ ହୋଇଛି। ମାରାଥନରେ ୮ଟି ସହରରେ ୧୦୦୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରି ଜନସଚେତନତାର ବାର୍ତ୍ତା ଦେଇଛନ୍ତି। ସେହିପରି ଅନିବାର୍ଯ୍ୟ କାରଣବଶତଃ ସ୍ଥଗିତ ରହିଥିବା ସମ୍ବଲପୁର ଜୋନସ୍ତରୀୟ ମାରାଥନ ୨୨ ତାରିଖରେ ଅନୁଷ୍ଠିତ କରାଯିବାକୁ ସ୍ଥିରୀକୃତ ହୋଇଛି।

ସକାଳ ସାଢ଼େ ୫ଟାରୁ ଏକ ସମୟରେ ରାଜ୍ୟର ୮ଟି ସହରରେ ଏହି ମାରାଥନ ଆୟୋଜିତ ହୋଇଥିଲା। ଭୁବନେଶ୍ୱରରେ ଶିଶୁଭବନ ଛକରୁ ଏହି ଗଣଦୌଡ଼ ଆରମ୍ଭ ହୋଇ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ନିକଟସ୍ଥ ଏକାମ୍ର ହାଟରେ ଶେଷ ହୋଇଥିଲା। ଏଥିରେ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ସେହିପରି କଟକର 'ଆଇ ଲଭ୍ କଟକ' ବାଲିଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ମାରାଥନ୍ ଅନୁଷ୍ଠିତ ହୋଇଥିବା ବେଳେ ପୁରୀରେ ତାଳବଣିଆ ସ୍ପୋର୍ଟସ କମ୍ପ୍ଲେକ୍ସରୁ ଆରମ୍ଭ ▶ପୃଷ୍ଠା-୭


RUCHI FOODLINE
Since 1976
Karlo Dosti Sehat Se.
Completing 50 YEARS in 2025
FROZIT
"Time Ki Bachat, Eat Fresh Fatafat"


### ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା

# ବରିଷ୍ଠରେ ପ୍ରସମିତ, କନିଷ୍ଠରେ ବିନ୍ଧିଆ ପ୍ରଥମ

■ **ଭୁବନେଶ୍ୱର, ୧୫।୧୨ (ସମିସ):** ଦୈନିକ 'ସକାଳ'ର ଚତୁର୍ଥ ସ୍ୱନକ୍ଷତ୍ର ଅବସରରେ 'ସକାଳ ଓ ନନ୍ଦିଘୋଷ ଟିଭି' ପକ୍ଷରୁ ରବିବାର ସ୍ଥାନୀୟ ଗୀତ ଗୋବିନ୍ଦ ସଦନରେ ରାଜ୍ୟ ସ୍ତରୀୟ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କନିଷ୍ଠ ବର୍ଗରେ ବଲାଙ୍ଗିର ଜିଲ୍ଲା ବିଶ୍ୱାମ୍ବୀ ବିଦ୍ୟା ମନ୍ଦିରର ଛାତ୍ରୀ ବିନ୍ଧିଆ ବେହେରା ପ୍ରଥମ ହୋଇଥିବା ବେଳେ କେନ୍ଦ୍ରାପଡ଼ା ସେଣ୍ଟ ଜାଭିୟର ହାଇସ୍କୁଲର ତେଜ୍ ତନ୍ମୟ ଦ୍ୱିତୀୟ ଓ ଅନୁଗୋଳ ଜିଲ୍ଲା ନାଲ୍କୋ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରିନ୍ସ ରାଉତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରିଷ୍ଠ ବର୍ଗରେ କଟକ ଜିଲ୍ଲା ଖ୍ରୀଷ୍ଟ ମହାବିଦ୍ୟାଳୟର ଛାତ୍ର ପ୍ରସମିତ କାନୁନଗୋ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଭୁବନେଶ୍ୱର ଜୋନ୍‌ରୁ ପ୍ରତିନିଧିତ୍ୱ କରି ଇଗ୍ନୋର ଛାତ୍ରୀ ଶୁଭାଙ୍ଗୀ ମଧୁସ୍ମିତା ବସ୍ତିଆ ଦ୍ୱିତୀୟ ଓ

### 'ପ୍ରତିଯୋଗିତାରେ ପ୍ରଥମ ହେବାଠାରୁ ଭଲ ମଣିଷ ହେବା ଜରୁରୀ'


BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India


ଅନୁଗୋଳ ଜିଲ୍ଲାରୁ ପ୍ରତିନିଧିତ୍ୱ କରି ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ର ରଞ୍ଜିତ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

କନିଷ୍ଠ ବର୍ଗରେ 'ସାମ୍ପ୍ରତିକ ସମୟରେ ମଣିଷ ପାଇଁ କଣ ଗୁରୁତ୍ୱପୂର୍ଣ୍ଣ? ପରମ୍ପରା ନା ଆଧୁନିକତା' ଶୀର୍ଷକରେ ମତ ରଖି ପ୍ରତିଯୋଗୀମାନେ କହିଥିଲେ, ପରମ୍ପରା ଭିତରେ ମୂଲ୍ୟବୋଧ ଲୁଚିଥାଏ। ଏହା ମଧ୍ୟ ଆଧୁନିକତାର ମୂଳଦୁଆ। ସମୟ ଉପଯୋଗୀ ପରିବର୍ତ୍ତନକୁ ଆଧୁନିକତା କହିପାରିବା। ପରମ୍ପରା ସହ ଆଧୁନିକତା ଅପରିହାର୍ଯ୍ୟ। ଉଭୟକୁ ଅଲଗା ଭାବେ ଦେଖାଯାଇ ପାରିବ ନାହିଁ। ଆଧୁନିକତାର ଦ୍ୱାହି ଦେଇ ମଧ୍ୟ ପରମ୍ପରାକୁ ଭୁଲିଯିବା ବା ଅସମ୍ମାନ କରିବା ଉଚିତ ନୁହେଁ ବୋଲି ପ୍ରତିଯୋଗୀମାନେ ମତବ୍ୟକ୍ତ କରିଛନ୍ତି।

ସେହିପରି 'ଭାରତ ପାଇଁ ଉପଯୋଗୀ ହେବ କି 'ଏକ ଦେଶ ଏକ ନିର୍ବାଚନ' ଶୀର୍ଷକରେ ବରିଷ୍ଠ ବର୍ଗର ପ୍ରତିଯୋଗୀମାନେ ନିଜ ନିଜର ଯୁକ୍ତି ଉପସ୍ଥାପନ କରି କହିଥିଲେ, ଭାରତରେ ଏକ ସମୟରେ ନିର୍ବାଚନ ହେଲେ ନିର୍ବାଚନ ବାବଦ ଖର୍ଚ୍ଚ କମିବ; ସମୟ ବଞ୍ଚିବ। ବାରମ୍ବାର ନିର୍ବାଚନ ଆଚରଣ ବିଧି ପାଇଁ ବାଧାପ୍ରାପ୍ତ ▶ପୃଷ୍ଠା-୭

# ଆଇସିୟୁରେ ଉସ୍ତାଦ୍ ଜାକିର ହୁସେନ



■ **ସାନ୍ ଫ୍ରାନ୍ସିସ୍କୋ, ୧୫।୧୨ (ଏଜେନ୍ସି):** ଭାରତୀୟ ସଙ୍ଗୀତ ଜଗତର ଉଜ୍ଜ୍ୱଳ ନକ୍ଷତ୍ର ବିଶ୍ୱପ୍ରସିଦ୍ଧ ତବଲା ବାଦକ ଉସ୍ତାଦ ଜାକିର ହୁସେନଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଗୁରୁତର ହୋଇପଡ଼ିଛି। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି। ଆଇସିୟୁରେ ରଖି ତାଙ୍କର ଚିକିତ୍ସା କରାଯାଉଥିବା ଜଣାପଡ଼ିଛି। ୭୩ ବର୍ଷୀୟ ଜାକିର ହୃତ୍‌ପିଣ୍ଡ ଜନିତ ସମସ୍ୟାରେ ପୀଡ଼ିତ ଅଛନ୍ତି। ଆମେରିକା ସାନ୍ ଫ୍ରାନ୍ସିସ୍କୋ ହସ୍ପିଟାଲରେ ଗତ ସପ୍ତାହ ତାଙ୍କୁ ଭର୍ତ୍ତି କରାଯାଇଛି।

ଜାକିର ହୁସେନଙ୍କୁ ନେଇ ଆଜି ଦ୍ୱନ୍ଦ୍ୱାତ୍ମକ ଖବର ପ୍ରଚାରିତ ହେବାପରେ ତାଙ୍କର ପୁତୁରା ଟୁଇଟ୍ କରି କହିଥିଲେ, ତବଲା ବାଦକ ଜୀବିତ ଅଛନ୍ତି ଏବଂ ତାଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି। ଏହି ଖବର ମିଳିବା ପରେ ତାଙ୍କୁ ନେଇ ଭାରତ ସରକାରଙ୍କ ପକ୍ଷରୁ ଶୋକ ପ୍ରକାଶ କରି ଯେଉଁ ଟୁଇଟ୍ (ଏକ୍ସ) କରାଯାଇଥିଲା, ତାହାକୁ ହଟାଇ ଦିଆଯାଇଛି। ଅମିତ ଶାହଙ୍କ ସମେତ ଅନେକ କେନ୍ଦ୍ର ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ସେମାନଙ୍କର ସାମାଜିକ ଗଣମାଧ୍ୟମ ପୋଷ୍ଟକୁ ହଟାଇ ଦେଇଛନ୍ତି। ୧୯୫୧ ମାର୍ଚ୍ଚ ୯ରେ ମୁମ୍ବଇରେ ଜନ୍ମ ଗ୍ରହଣ ଜାକିରଙ୍କ ପିତା ଉସ୍ତାଦ ▶ପୃଷ୍ଠା-୭

### ସିବିଆଇ ଦ୍ୱାରା ୧୦ ଲକ୍ଷ ଟଙ୍କା ଜବତ ମାମଲା

# ଅସୁସ୍ଥତା ଦର୍ଶାଇ ଆସିଲେନି ବିଷ୍ଣୁପଦ

- ତାରକା ହୋଟେଲ ମ୍ୟାନେଜରଙ୍କୁ ୪୫ ମିନିଟ୍ ଜେରା
- ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଉପରେ ପୁଣି ସିବିଆଇ ଚଢଉ
- ବିଷ୍ଣୁପଦ ସେଠୀ ପ୍ରଦାନ କରିଥିବା ୨୦ ଠିକାକୁ ନେଇ ଯାଞ୍ଚ
- ଅଭିଯୁକ୍ତଙ୍କ ସମ୍ପର୍କୀୟ, ଅଫିସ୍ କର୍ମଚାରୀଙ୍କୁ ଘନଘନ ଜେରା
- ଇଡି ଓ ଆୟକର ବିଭାଗର ସହାୟତା ଲୋଡ଼ିଲା ସିବିଆଇ

■ **ଭୁବନେଶ୍ୱର, ୧୫।୧୨ (ସମିସ):** ରାଜଧାନୀର ଏକ ତାରକା ହୋଟେଲ୍ ସମ୍ମୁଖରୁ ୧୦ ଲକ୍ଷ ଟଙ୍କା ଜବତ ଘଟଣାରେ ସିବିଆଇ ସମନ ସତ୍ତ୍ୱେ ହାଜର ହୋଇ ନାହାନ୍ତି ଅନୁସୂଚୀତ ଜାତି ଓ ଜନଜାତି ବିଭାଗର ପ୍ରମୁଖ ସଚିବ ତଥା ଆଇଏଏସ୍ ବିଷ୍ଣୁପଦ ସେଠୀ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ସିବିଆଇ କାର୍ଯ୍ୟାଳୟରେ ପହଞ୍ଚି ନାହାନ୍ତି। ଅସୁସ୍ଥତା ଯୋଗୁଁ ସେ ଦିଲ୍ଲୀ ଯାଇଥିବା ଯୋଗୁଁ ସିବିଆଇରେ ହାଜର ହୋଇ ନ ଥିବା କୁହାଯାଉଛି।

ଅନ୍ୟପକ୍ଷରେ ଯେଉଁ ତାରକା ହୋଟେଲ ସମ୍ମୁଖରେ କାର୍‌ରୁ ଟଙ୍କା ଜବତ ହୋଇଥିଲା, ସେହି ହୋଟେଲର ବରିଷ୍ଠ ମ୍ୟାନେଜର ଶୁଭମୟ ବାନାର୍ଜୀଙ୍କୁ ସିବିଆଇ ପ୍ରାୟ ୪୫ ମିନିଟ୍ ଧରି ପଚରାଉଚରା କରିଛି। ଏହି ସମୟରେ ଶୁଭମୟଙ୍କୁ ବସିବାକୁ ବି ସୁଯୋଗ ଦିଆଯାଇ ନ ଥିଲା, ଠିଆଠିଆ ଦୀର୍ଘ ୪୫ ମିନିଟ୍ ଧରି ସେ ସିବିଆଇ ଜେରାର ସମ୍ମୁଖୀନ ହୋଇଥିବା କୁହାଯାଉଛି। ଟଙ୍କା ଜବତ ହୋଇଥିବା ଦିନ ଓ ଏହାର ପୂର୍ବଦିନ ହୋଟେଲରେ ରହିଥିବା ଅତିଥିମାନଙ୍କ ସମ୍ପର୍କରେ ତାଙ୍କଠାରୁ ବିସ୍ତୃତ ସୂଚନା ଲୋଡ଼ିଛି। ଏହା ସହ ହୋଟେଲର ସିସିଟିଭିକୁ ମଧ୍ୟ ସିବିଆଇ ଯାଞ୍ଚ କରିଛି। ସିବିଆଇ ଅଫିସ୍‌ରୁ ବାହାରିବା ପରେ ମ୍ୟାନେଜର ଶୁଭମୟଙ୍କୁ ଗଣମାଧ୍ୟମ ଗୁଡ଼େଇତୁଡ଼େଇ ଅନେକ ପ୍ରଶ୍ନ କରିଥିଲେ ହେଁ ସେ କୌଣସି ଉତ୍ତର ନ ଦେଇ ଚାଲିଯିବା ସନ୍ଦେହ ସୃଷ୍ଟି କରିଛି। ସିବିଆଇ ଅଧିକାରୀମାନେ ଜେରା ସମୟରେ ହୋଟେଲ ମ୍ୟାନେଜରଙ୍କୁ ବସିବାକୁ ଚେୟାର ଦେଇନଥିବା ▶ପୃଷ୍ଠା-୭



# ଜାଡ଼ରେ ଥରୁଛି ସାରା ଓଡ଼ିଶା

## ୧୦ ଡିଗ୍ରୀ ତଳେ ୮ ଟି ସହରର ତାପମାତ୍ରା

■ **ଭୁବନେଶ୍ୱର, ୧୫।୧୨ (ସମିସ):** ରାଜ୍ୟରେ ଗତ ତିନି/ଚାରି ଦିନ ହେବ ତାପମାତ୍ରା କମିବା ସହ ଜାଡ଼ ବଢ଼ିଛି। ବିଶେଷକରି ଆଭ୍ୟନ୍ତରୀଣ ଓଡ଼ିଶାରେ ୫ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମିଛି। ଆଜି ରାଜ୍ୟର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିବା ବେଳେ ୮ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ପ୍ରବଳ ଜାଡ଼ ଅନୁଭୂତ ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ତେବେ ଆସନ୍ତାକାଲି ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୨୪ ଘଣ୍ଟାରେ ଏହା ଅବପାତର ରୂପ ନେଇ ଦୁଇ ଦିନ ଯାଏଁ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରି ତାମିଲନାଡୁ ଉପକୂଳମୁହାଁ ହେବ। ଏହା ପ୍ରଭାବରେ କୋହଲା ପାଗ ଲାଗି ରହିବ।

ସଂପ୍ରତି ଅଧିକାଂଶ ଜିଲ୍ଲାରେ ତାପମାତ୍ରା ସ୍ୱଭାବିକଠାରୁ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଥିବା ବେଳେ ଆଉ ଦିନକ ପାଇଁ ଶୀତ ଲହରୀ ଜାରି ରହିବା ନେଇ ସତର୍କ ସୂଚନା ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଆଜି ପାଇଁ ସୁନ୍ଦରଗଡ଼ ଓ ଝାରସୁଗୁଡାକୁ ସତର୍କତା ଜାରି

### ୧୭ ତାରିଖରେ ଆସୁଛି ଲଘୁଚାପ; କମିବ ଶୀତ

### ୩ ଦିନ ସାରା ରାଜ୍ୟରେ ହାଲୁକା ବର୍ଷା ସମ୍ଭାବନା

କରାଯାଇଛି। ଅପରପକ୍ଷେ ୧୭ ତାରିଖରୁ ଲଘୁଚାପ ପ୍ରଭାବରେ ପାଗ ବଦଳିବା ସମ୍ଭାବନା ଅଛି। ୧୭ରୁ ୧୯ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମଧ୍ୟମରୁ ହାଲୁକା ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

ଅଧିକାଂଶ ସହରର ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିବା ସମ୍ଭାବନା ଅଛି। ସୁନ୍ଦରଗଡ଼, ▶ପୃଷ୍ଠା-୭

### କାଠଯୋଡ଼ି ପଠାରେ ମହିଳାଙ୍କୁ ହତ୍ୟା ଘଟଣା

# ସ୍ୱାମୀ, ୨ ଦିଅର ଗିରଫ



- ପରକୀୟା ପ୍ରୀତିରୁ ହତ୍ୟା; ୪୮ ଘଣ୍ଟାରେ ପୁଲିସକୁ ସଫଳତା
- 'ନିଉ ଷ୍ଟାର୍ ଟେଲର୍ସ' ଷ୍ଟିକର୍ ଖୋଲିଲା ହତ୍ୟାକାଣ୍ଡର ରହସ୍ୟ
- ଗୁଜରାଟ ପୁଲିସ ଓ କମିସନରେଟ୍ ପୁଲିସର ମିଳିତ ଅପରେସନ୍

■ **କଟକ, ୧୫।୧୨ (ସମିସ):** ପରମହଂସ ନିକଟସ୍ଥ କାଠଯୋଡ଼ି ନଦୀପଠାରୁ ଅଚିହ୍ନା ମହିଳାଙ୍କ ମୃତଦେହ ଉଦ୍ଧାର ହେବା ଘଟଣାରେ କମିସନରେଟ୍ ପୁଲିସକୁ ସଫଳତା ମିଳିଛି। ଘଟଣାର ମାତ୍ର ୪୮ ଘଣ୍ଟା ମଧ୍ୟରେ ପୁଲିସ୍ ହତ୍ୟାକାରୀମାନଙ୍କୁ ଗିରଫ କରିବା ସହ ହତ୍ୟା ପଛର ରହସ୍ୟ ଉନ୍ମୋଚନ କରିଛି। ପରକୀୟା ପ୍ରୀତି ସନ୍ଦେହରେ ପତ୍ନୀଙ୍କୁ ନଦୀପଠାକୁ ଡାକି ଆଣି ୨ ଭାଇଙ୍କ ସହ ମିଶି ହତ୍ୟା କରିଥିଲା ସ୍ୱାମୀ। ପୁଲିସ୍ ପାଇଁ ଘଟଣାଟି ଯେତିକି ଜଟିଳ ଥିଲା; ମୃତକ ଓ ହତ୍ୟାକାରୀଙ୍କୁ ଚିହ୍ନଟ କରିବା ତା'ଠାରୁ ଅଧିକ କଷ୍ଟକର ହୋଇପଡ଼ିଥିଲା। ଏକାଧିକ ଟିମ୍‌ର ମିଳିତ ତଦନ୍ତକ୍ରମେ ପୁଲିସ୍ ହତ୍ୟାକାରୀ ୩ ଭାଇଙ୍କୁ ଗିରଫ କରିଛି। ମୃତ ମହିଳାଜଣଙ୍କ ହେଲେ, କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନା ଅନ୍ତର୍ଗତ ଭିତର ସୋବଳ ଗାଁର ବଳରାମ ଦୁହୁରୀଙ୍କ ପତ୍ନୀ ପଦ୍ମାବତୀ ସାମଲ (୩୫)। ଘଟଣାରେ ମୁଖ୍ୟ ଅଭିଯୁକ୍ତ ହେଉଛି ପଦ୍ମାବତୀଙ୍କ ସ୍ୱାମୀ ବଳରାମ ଦୁହୁରୀ(୨୭), ତା' ସାନ ଭାଇ ଜଗନ୍ନାଥ ଦୁହୁରି(୨୭) ଓ ସମ୍ପର୍କୀୟ ସାନ ଭାଇ ହାପି ଦୁହୁରି(୨୦)। ହତ୍ୟାକାଣ୍ଡରେ ବ୍ୟବହୃତ ଚାପଡ଼ ଓ ଗୋଟିଏ କଳା ରଙ୍ଗର ଆକ୍ଟିଭା ଜବତ ହୋଇଛି ବୋଲି ପୁଲିସ କମିସନର୍ ଏସ୍ ଦେବଦତ୍ତ ସିଂହ ସୂଚନା ଦେଇଛନ୍ତି।

ପୁଲିସ୍ ସୂଚନାନୁସାରେ, ଗତ ଶୁକ୍ରବାର ସକାଳେ କାଠଯୋଡ଼ି ପଠାରୁ ▶ପୃଷ୍ଠା-୭

# ଶୋଇଥିବା ଅବସ୍ଥାରେ ୨ ଶିଶୁଙ୍କୁ ଦଳିଦେଲା ଦନ୍ତା



■ **ବଣାଇଁ, ୧୫।୧୨ (ସମିସ):** ବଣାଇଁ ବନଖଣ୍ଡ ତାମଡ଼ା ରେଞ୍ଜ ଅଧୀନ କଣ୍ଟାପାଲି ମୁଣ୍ଡାସାହିରେ ଏକ ଦୁଃଖଦ ଘଟଣା ଘଟିଛି। ଘରେ ଶୋଇଥିବା ଦୁଇ ଶିଶୁଙ୍କୁ ଶନିବାର ରାତି ଅଧରେ ଟାଣି ନେଇ ଦଳି ମାରି ଦେଇଛି ଏକ ଦନ୍ତା ହାତୀ। ମୃତ ଶିଶୁଦ୍ୱୟ ହେଲେ, ଗ୍ରାମର ରଞ୍ଜନ ମୁଣ୍ଡାଙ୍କ ଝିଅ ସାମୀୟା ମୁଣ୍ଡା (୧୩) ଓ ଚାନ୍ଦିନୀ ମୁଣ୍ଡା (୩)।

ଖାଦ୍ୟ ଅନ୍ୱେଷଣରେ ଏକ ଗୋଠଛଡ଼ା ଦନ୍ତା ଗତକାଲି ବିଳମ୍ବିତ ରାତିରେ କଣ୍ଟାପାଲି ମୁଣ୍ଡା ବସ୍ତିରେ ପଶି ଉପଦ୍ରବ କରିଥିଲା। ଏହି ସମୟରେ ଘରେ ଶୋଇଥିବା ରଞ୍ଜନ, ତାଙ୍କ ପତ୍ନୀ ଓ ବଡ଼ ପୁଅ-ଝିଅ ଜୀବନ ବିକଳରେ ବାହାରକୁ ଦୌଡ଼ି ପଳାଇଥିଲେ। ▶ପୃଷ୍ଠା-୭

# ଶୀତ ଲହରୀରେ ଥରୁଛି ଉତ୍ତର ଭାରତ

## ଏନ୍‌ସିଆର୍ ସମେତ ପଞ୍ଜାବ, ହରିୟାଣାର ବିଭିନ୍ନ ସ୍ଥାନରେ ୪ ଡିଗ୍ରୀ ତଳେ ତାପମାତ୍ରା

ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):

ଉତ୍ତର ଭାରତର ବିଭିନ୍ନ ରାଜ୍ୟରେ ଏବେ ପ୍ରବଳ ଶୀତ ଲହରୀ ଯୋଗୁ ତାପମାତ୍ରା ହ୍ରାସ ପାଇବା ସହିତ ସ୍ଥିତି ଜଟିଳ ହେବାରେ ଲାଗିଛି। ଦିଲ୍ଲୀ ଏବଂ ଏନସିଆର ସମେତ ପଞ୍ଜାବ, ହରିୟାଣା ଏବଂ ଉତ୍ତରପ୍ରଦେଶର କିଛି ଜିଲ୍ଲା ଶୀତ ଲହରୀ ଯୋଗୁଁ ସର୍ବାଧିକ ପ୍ରଭାବିତ ହୋଇଛି। ଏହିସବୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ୪ ଡିଗ୍ରୀ ତଳକୁ ଖସିଥିବାର ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇପଡ଼ିଥିବା କୁହାଯାଇଛି। ରବିବାର ସନ୍ଧ୍ୟା ସୁଦ୍ଧା ଦିଲ୍ଲୀ ତାପମାତ୍ରା ୪.୮ ଡିଗ୍ରୀ ରେକର୍ଡ କରାଯାଇଥିଲାବେଳେ ସର୍ବନିମ୍ନ ତାପମାତ୍ରା ୩.୮ ଡିଗ୍ରୀ ରେକର୍ଡ ହୋଇଛି। ସେପଟେ ପ୍ରଦୂଷଣକୁ ନେଇ ବାୟୁମାନ ହ୍ରାସ ପାଇ ଚାଲିଥିଲା ବେଳେ ଶୀତ ଲହରୀ ସ୍ଥିତିକୁ ଆହୁରି ଜଟିଳ କରିଛି। ଅନ୍ୟପକ୍ଷରେ ପଞ୍ଜାବ ଏବଂ ହରିୟାଣାରେ ତାପମାତ୍ରାରେ ଯଥେଷ୍ଟ ହ୍ରାସ ଘଟି ବିଭିନ୍ନ ସ୍ଥାନରେ ତାପମାତ୍ରା ୪ ଡିଗ୍ରୀ ତଳକୁ ରହିଛି। ଗୁରୁଦାସପୁରରେ ସର୍ବନିମ୍ନ ଭାବେ ତାପମାତ୍ରା ୨ ଡିଗ୍ରୀ ରେକର୍ଡ କରାଯାଇଥିଲା ବେଳେ ପଠାନକୋଟ୍‌ରେ ୩.୫ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ପତିଆଲାରେ ୩.୮ ଏବଂ ଅମୃତସରରେ ତାପମାତ୍ରା ୩.୯ ଡିଗ୍ରୀ ରହିଛି। ହରିୟାଣାର ହିସାର ଅଞ୍ଚଳରେ ରବିବାର ତାପମାତ୍ରା ୧.୭ ଡିଗ୍ରୀ ରେକର୍ଡ କରାଯିବା ସହ ନରନଲ୍ ତାପମାତ୍ରା ୩ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଉତ୍ତରପ୍ରଦେଶ ଏବଂ ରାଜସ୍ଥାନର କେତେକ ଅଞ୍ଚଳରେ ମଧ୍ୟ ତାପମାତ୍ରା ଯଥେଷ୍ଟ ହ୍ରାସ ପାଇଛି। ଆଗାମୀ ଦିନରେ ଉତ୍ତର ଭାରତରେ ଶୀତ ଲହରୀର ପ୍ରକୋପ ଆହୁରି ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହାକୁ ନେଇ ସ୍ଥିତି ଜଟିଳ ହୋଇପାରେ ବୋଲି ଆଶଙ୍କା ବଢ଼ିଛି।



### ପୁଣି ମଣିପୁରରେ ଉତ୍ତେଜନା

# ୨ ପ୍ରବାସୀ ଶ୍ରମିକଙ୍କୁ ହତ୍ୟା



ଇମ୍ଫାଲ, ୧୫।୧୨ (ଏଜେନ୍ସି): ମଣିପୁରରେ ହିଂସା ଥମିବାର ନା ଧରୁନି। ଏହା ପୁଣି ଉଗ୍ର ହୋଇ ଉଠିଛି। ଉଗ୍ରବାଦୀ ସାଧାରଣ ନାଗରିକଙ୍କୁ ଆକ୍ରମଣ ଜାରି ରଖିଛନ୍ତି। ଏହି କ୍ରମରେ ଶନିବାର ସନ୍ଧ୍ୟା ପ୍ରାୟ ୫ଟା ୨୦ରେ କାର୍ଯ୍ୟ ସାରି ସାଇକଲ (ଶୂନଗାଡ଼ି)ରେ ଘରକୁ ଫେରୁଥିବାବେଳେ କାକ୍‌ଚିଂର କେରାକ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ୨ ପ୍ରବାସୀ ଶ୍ରମିକଙ୍କୁ ଉଗ୍ରବାଦୀ ଗୁଳିମାଡ଼ କରିଛନ୍ତି। ଏଥିରେ ସୁନାଲାଲ କୁମାର (୧୮) ଏବଂ ଦଶରଥ କୁମାର (୧୭)ଙ୍କ ମୃତ୍ୟୁ ହୋଇଛି। ଏହି ଦୁଇ ଜଣ ବିହାର ଗୋପାଳଗଞ୍ଜର ବାସିନ୍ଦା।

**ପୁଲିସ ସହ ସଂଘର୍ଷରେ ଉଗ୍ରବାଦୀ ନିପାତ**

**୬ ଗିରଫ; ବିପୁଳ ଗୋଳାବାରୁଦ ଜବତ**

ଅନ୍ୟପକ୍ଷରେ ମଣିପୁରର ଥୌବଲରେ ଏକ ଉଗ୍ରବାଦୀ ଗୋଷ୍ଠୀ ସହ ପୁଲିସର ସଂଘର୍ଷ ହୋଇଛି। ଏଥିରେ ଜଣେ ଉଗ୍ରବାଦୀ ନିପାତ ହୋଇଛି। ୬ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି। କିଛି ଦିନ ତଳେ ପୁଲିସ ଅସ୍ତ୍ର ଭଣ୍ଡାରରୁ ଏହା ଲୁଟ୍ କରାଯାଇଥିଲା। ପୁଲିସ ସୂଚନା ଅନୁଯାୟୀ ସଲୁଙ୍ଗଫାମ ଅଞ୍ଚଳରେ ଉଗ୍ରବାଦୀଙ୍କ କାର୍ଯ୍ୟକଳାପ ନେଇ ସୂଚନା ମିଳିଥିଲା। ଏଠାରେ ତଲାସୀ ସମୟରେ ପୁଲିସ ଏକ କାର୍‌କୁ ଅଟକାଇ ଥିଲା। ଏହି କାର୍‌ରେ କାରରେ ଯାଉଥିବା ୭ ଉଗ୍ରବାଦୀ ଅଟକିବା ପରିବର୍ତ୍ତେ ପୁଲିସ ଉପରେ ଗୁଳିମାଡ଼ କରିଥିଲେ। ପରେ ପୁଲିସ ଜବାବୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଏଥିରେ ଜଣେ ନିହତ ହୋଇଥିଲା। ଏହି ଉଗ୍ରବାଦୀ 'ପିପୁଲ୍ସ ରିଭୋଲ୍ୟୁସନାରୀ ପାର୍ଟି ଅଫ୍ କାଙ୍ଗଲିପାକ'ର ସଦସ୍ୟ ଥିଲେ। ତେବେ ମୃତ ଉଗ୍ରବାଦୀ ପ୍ରେମକୁ ନେଇ ବିବାଦ ସୃଷ୍ଟି ହୋଇଛି। ଗତ ଅଗଷ୍ଟରେ ସେ ନିଖୋଜ ଥିବା ନେଇ ତାଙ୍କ ପରିବାର ସଦସ୍ୟ ଅଭିଯୋଗ କରିଥିଲେ। ମୃତ୍ୟୁ ଖବର ପାଇବା ପରେ ଲୋକେ ଥୌବଲ ଥାନା ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରେମ ଉଗ୍ରବାଦୀ ନ ଥିବା ଦାବି କରିଥିଲେ। ସୂଚନାଯୋଗ୍ୟ ଯେ ସଂରକ୍ଷଣକୁ ନେଇ କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ଆରମ୍ଭ ହୋଇଥିବା ଏହି ହିଂସାରେ ଏ ପର୍ଯ୍ୟନ୍ତ ୨୩୭ରୁ ଅଧିକ ଲୋକଙ୍କ ମୃତ୍ୟୁ ହେଲାଣି। ୧୫୦୦ରୁ ଅଧିକ ଲୋକ ଆହତ ହୋଇଥିବାବେଳେ ୬୦ ହଜାର ଲୋକ ଘରଛାଡ଼ି ରିଲିଫ କ୍ୟାମ୍ପରେ ରହୁଛନ୍ତି।

# ୨୦୨୬ ମାର୍ଚ୍ଚ ସୁଦ୍ଧା ନିପାତ ହେବେ ମାଓବାଦୀ: ଶାହ




ରାୟପୁର,୧୫।୧୨(ଏଜେନ୍ସି): ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ଛତିଶଗଡ଼ରେ ମାଓବାଦୀଙ୍କୁ ସମ୍ପୂର୍ଣ୍ଣ ନିପାତ କରାଯିବ। ଏହାଦ୍ୱାରା ସାରା ଦେଶରେ ମାଓବାଦୀ କାର୍ଯ୍ୟକଳାପ ନେଇ ରହିଥିବା ସମସ୍ୟା ଦୂର ହେବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର ରାୟପୁର ପୁଲିସ ଗ୍ରାଉଣ୍ଡଠାରେ ଅନୁଷ୍ଠିତ 'ପ୍ରେସିଡେଣ୍ଟସ୍ କଲର ଆୱାର୍ଡ' ଉତ୍ସବରେ ଯୋଗ ଦେଇ କହିଛନ୍ତି। ଶ୍ରୀ ଶାହ କହିଛନ୍ତି ଯେ ପୂର୍ବ ତୁଳନାରେ ବର୍ତ୍ତମାନ ବିଭିନ୍ନ ମାଓପ୍ରବଣ ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପ ଯଥେଷ୍ଟ ହ୍ରାସ ପାଇଛି। ବିଶେଷକରି ଛତିଶଗଡ଼ରେ ମାଓ କାର୍ଯ୍ୟକଳାପ ସର୍ବାଧିକ ରହିଥିଲା ବେଳେ ଏଠାରେ ମଧ୍ୟ ମାଓବାଦୀଙ୍କୁ ଦମନ କରିବାରେ ରାଜ୍ୟ ସରକାରଙ୍କ ଭୂମିକା ଉଲ୍ଲେଖନୀୟ ରହିଛି। ତେବେ ଛତିଶଗଡ଼ ଏବଂ କେନ୍ଦ୍ର ସରକାରଙ୍କ ମିଳିତ ଅଭିଯାନରେ ଏହି ରାଜ୍ୟରୁ ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦୀଙ୍କୁ ସମ୍ପୂର୍ଣ୍ଣ ନିପାତ କରାଯିବ ବୋଲି ସେ କହିଛନ୍ତି। ଗତବର୍ଷ ସୁରକ୍ଷାକର୍ମୀଙ୍କ ଅପରେସନରେ ୨୮୭ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୦୦୦ ମାଓବାଦୀଙ୍କୁ ଗିରଫ କରାଯାଇଛି। ଏହାଛଡ଼ା ୮୩୭ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି ବୋଲି ଶାହ କହିଛନ୍ତି।

### ଫଡ଼ନବୀସ୍ ସରକାରର ସଂପ୍ରସାରଣ

# ଶପଥ ନେଲେ ମହାୟୁତି ମେଣ୍ଟର ୩୯ ମନ୍ତ୍ରୀ



ମୁମ୍ବାଇ,୧୫।୧୨(ଏଜେନ୍ସି): ମହାରାଷ୍ଟ୍ରର ବହୁ ପ୍ରତୀକ୍ଷିତ ମହାୟୁତି ସରକାରର ସଂପ୍ରସାରଣ ହୋଇଛି। ରବିବାର ନାଗପୁରଠାରେ ରାଜଭବନରେ ଅନୁଷ୍ଠିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଦେବେନ୍ଦ୍ର ଫଡ଼ନବୀସ୍ ନେତୃତ୍ୱ ମନ୍ତ୍ରିମଣ୍ଡଳରେ ୩୯ ମନ୍ତ୍ରୀ ସାମିଲ ହୋଇଛନ୍ତି। ବିଜେପିର ୧୯ ମନ୍ତ୍ରୀ ଶପଥ

**୩୩ ଜଣଙ୍କୁ କ୍ୟାବିନେଟ୍, ୬ ଜଣଙ୍କୁ ରାଜ୍ୟପାହ୍ୟା**

ନେଇଥିଲା ବେଳେ ଏକନାଥ ସିନ୍ଦେ ନେତୃତ୍ୱ ଶିବସେନାର ୧୧ ଏବଂ ଏନସିପି(ଅଜିତ) ଦଳର ୯ ମନ୍ତ୍ରୀ ଶପଥ ନେଇଛନ୍ତି। ରାଜ୍ୟପାଳ ସି ପି ରାଧାକ୍ରିଷ୍ଣନ ସମସ୍ତ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏହି ମନ୍ତ୍ରୀମାନଙ୍କ ମଧ୍ୟରୁ ୩୩ ଜଣଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଥିଲା ବେଳେ ଏବଂ ଅନ୍ୟ ୬ ମନ୍ତ୍ରୀ ରାଜ୍ୟପ୍ୟାହା ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏହି ୩୯ ମନ୍ତ୍ରୀଙ୍କ ଶପଥ ପରେ ଫଡ଼ନବୀସ୍ ସରକାରର ସଦସ୍ୟ ସଂଖ୍ୟା ୪୨ରେ ପହଞ୍ଚିଛି। ପୂର୍ବରୁ ଗତ ୫ ତାରିଖରେ ଦେବେନ୍ଦ୍ର ଫଡ଼ନବୀସ୍ ମୁଖ୍ୟମନ୍ତ୍ରୀ ଏବଂ ଏକନାଥ ସିନ୍ଦେ ଓ ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏହାର ୧୦ ଦିନ ପରେ ଅନ୍ୟ ମନ୍ତ୍ରୀମାନେ ଶପଥ ନେଇଛନ୍ତି। ମହାୟୁତି ମେଣ୍ଟର ଫର୍ମୁଲା ଅନୁସାରେ ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳ ସଦସ୍ୟ ସଂଖ୍ୟା ସର୍ବାଧିକ ୪୩ ରହିବା କଥା। ତେବେ ବର୍ତ୍ତମାନ ସୁଦ୍ଧା ୪୨ ସଦସ୍ୟ ସାମିଲ ହୋଇସାରିଥିବାରୁ ମନ୍ତ୍ରିମଣ୍ଡଳର ସମ୍ପୂର୍ଣ୍ଣ ସଂପ୍ରସାରଣ ହୋଇଥିବା କୁହାଯାଇଛି। ତେବେ ବିଭାଗ ବଣ୍ଟନ ନେଇ କିଛି ସ୍ପଷ୍ଟ କରାଯାଇ ନାହିଁ। ଗୃହ ବିଭାଗକୁ ନେଇ ବିଜେପି ଏବଂ ଶିବସେନା ମଧ୍ୟରେ ଦ୍ୱନ୍ଦ୍ୱ ବଢ଼ିଥିଲା ବେଳେ ଏହି ବିଭାଗ କାହା ହାତକୁ ଯାଇଛି ତାହା ଜଣାପଡ଼ି ନାହିଁ।

# ଜଗଜିତ୍‌ଙ୍କ ୨୦ ଦିନର ଆମରଣ ଅନଶନ



**ମେଡିକାଲ ସହାୟତା ନେବାକୁ ମନାକଲେ**

**୧୮ରେ ରେଳରୋକ କରିବେ ଚାଷୀ**

ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି): ପଞ୍ଜାବ ଏବଂ ହରିୟାଣାର ଖନଉରୀ ସୀମାରେ ଚାଷୀମାନେ ଆନ୍ଦୋଳନ ଜାରି ରଖିଥିଲା ବେଳେ ଚାଷୀ ନେତା ଜଗଜିତ୍ ଦଲେୱାଲ ବିଗତ ୨୦ ଦିନ ଧରି ଆମରଣ ଅନଶନ ଚଳାଇଛନ୍ତି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାକୁ ଲାଗିଥିବାରୁ ତାଙ୍କୁ ମେଡିକାଲ ସହାୟତା ଦେବା ଲାଗି କିଛି ବରିଷ୍ଠ ସରକାରୀ ଅଧିକାରୀ ରବିବାର ଆନ୍ଦୋଳନ ସ୍ଥଳରେ ପହଞ୍ଚିଥିଲେ। ଗୃହମନ୍ତ୍ରାଳୟ ନିର୍ଦ୍ଦେଶକ ମୟାଙ୍କ ଯାଦବ ଏବଂ ପଞ୍ଜାବ ଡିଜିପି ଗୌରବ ଯାଦବଙ୍କ ସହିତ ଆଉ କିଛି ବରିଷ୍ଠ ଅଧିକାରୀ ଜଗଜିତ୍‌ଙ୍କୁ ଭେଟି ତାଙ୍କୁ ତୁରନ୍ତ ମେଡିକାଲ ସହାୟତା ଦେବାକୁ ଚାହିଁଥିଲେ ସେ ଏହାକୁ ମନା କରିଦେଇଥିଲେ। ବରଂ କୃଷକମାନଙ୍କ ଦାବିକୁ ନେଇ କିଭଳି ଯଥାଶୀଘ୍ର ସମାଧାନ ଅଣାଯାଇପାରିବ ତାହାକୁ ଗୁରୁତ୍ୱ ଦେବାକୁ ଜଗଜିତ୍ କହିଥିଲେ। ପଞ୍ଜାବ ଏବଂ ହରିଆଣା ସୀମାରେ ପ୍ରାୟ ବର୍ଷେ ଧରି ଚାଷୀମାନେ ଧାରଣାରେ ବସିଥିଲା ବେଳେ ଏହି ସମସ୍ୟାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଗୃହମନ୍ତ୍ରୀ ଅମିତ ଶାହ ଏବଂ କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଆଜି କେନ୍ଦ୍ରୀୟ ଅଧିକାରୀମାନେ ଜଗଜିତ୍‌ଙ୍କୁ ଭେଟିଥିଲେ।

# ଭାଉଜକୁ ହତ୍ୟା ପରେ ୩ ଖଣ୍ଡକଲା ଦିଅର

କୋଲକାତା, ୧୫।୧୨ (ଏଜେନ୍ସି): ଭାଉଜଙ୍କୁ ପ୍ରେମ ନିବେଦନ କରିଥିଲେ। ମାତ୍ର ସେ ଏହାକୁ ଖାରଜ କରିଦେଇଥିଲେ। ଏଥିରେ ଦିଅର ଉତ୍‌କ୍ଷିପ୍ତ ହୋଇ ଭାଉଜଙ୍କୁ ବେକ କାଟି ହତ୍ୟା କରିଥିଲେ। ପରେ ମୁଣ୍ଡ ଗଣ୍ଡି ଅଲଗା କରିଥିଲେ। ମୃତଦେହକୁ ତିନି ଖଣ୍ଡ କରି ବିଭିନ୍ନ ସ୍ଥାନରେ ଫୋପାଡ଼ି ଥିଲା। କୋଲକାତାର ଟଲିଗଞ୍ଜ ଅଞ୍ଚଳରେ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ପୁଲିସ ଶୁକ୍ରବାର ସକାଳେ ରିଜେଣ୍ଟ ପାର୍କ ଅଞ୍ଚଳରୁ ମହିଳାଙ୍କ ମୁଣ୍ଡ ଏବଂ ଉଦ୍ଧାର କରିଥିଲା। ଏହା ପରେ ଏକ ପୋଖରୀ ନିକଟରୁ ଗଣ୍ଡି ଏବଂ ଅନ୍ୟ ଭାଗ ମିଳିଥିଲା। ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ୩୫ ବର୍ଷୀୟ ଦିଅର ତଥା ଅତିଉର ରହମାନ ଲସ୍କର ଭାଉଜକୁ ହତ୍ୟା କରିଥିବା ସ୍ୱୀକାର କରିଛି। ଏହି ମହିଳା ଦୁଇ ବର୍ଷ ତଳେ ସ୍ୱାମୀଙ୍କଠାରୁ ଅଲଗା ହୋଇ ଯାଇଥିଲେ। ସେ ଲସ୍କର ସହ ଘରୋଇ ସହାୟକ ଭାବେ କାମ କରୁଥିଲେ। ଦିଅର ବାରମ୍ବାର ତାଙ୍କୁ ପ୍ରେମ ନିବେଦନ କରୁଥିଲା। କିନ୍ତୁ ମହିଳା ଏହାକୁ ଏଡ଼ାଇ ଚାଲିଥିଲେ। ଡିସିପି ବିଦିଶା କଳିତାଙ୍କ ସୂଚନା ଅନୁଯାୟୀ ପୀଡ଼ିତା କ୍ରମାଗତ ଭାବେ ଲସ୍କରକୁ ଅଣଦେଖା କରିବାରୁ ଲସ୍କର ଉତ୍‌କ୍ଷିପ୍ତ ହୋଇ ଯାଇଥିଲା। ଗତ ଗୁରୁବାର ସନ୍ଧ୍ୟାରେ ସେ ମହିଳାଙ୍କୁ ଟେକିନେଇ ହତ୍ୟା କରି ଫେରାର ହୋଇ ଯାଇଥିଲା।

# ୧୭, ୯୪୦ ଭାରତୀୟଙ୍କୁ ବାହାର କରିବେ ଟ୍ରମ୍ପ

ୱାଶିଂଟନ, ୧୫।୧୨ (ଏଜେନ୍ସି): ଆମେରିକା ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶପଥ ନେବା ପରେ ୧୭,୯୪୦ ଭାରତୀୟଙ୍କୁ ଆମେରିକାରୁ ବାହାର କରିପାରନ୍ତି। ଏମାନେ ସମସ୍ତେ ବେଆଇନ ପ୍ରବାସୀ। ବିନା କାଗଜପତ୍ରରେ ଆମେରିକାରେ ରହୁଛନ୍ତି। ନାଗରିକତା ହାସଲ ପାଇଁ ଆବଶ୍ୟକୀୟ ବୈଧ ପ୍ରମାଣପତ୍ର ମଧ୍ୟ ରଖିନାହାନ୍ତି। ବେଆଇନ ପ୍ରବାସୀ ମାମଲା ଦେଖୁଥିବା ଆମେରିକାର ସରକାରୀ ସଂସ୍ଥା ଆଇସିଇ ସୂଚନା ଅନୁଯାୟୀ ଦେଶରେ ୧୫ ଲକ୍ଷ ଲୋକ ବେଆଇନ ଭାବେ ରହୁଛନ୍ତି। ଏମାନଙ୍କ ମଧ୍ୟରେ ୧୭, ୯୪୦ ଭାରତୀୟ ସାମିଲ ଅଛନ୍ତି। ପୂର୍ବରୁ ଶପଥ ନେବା ପରେ ପ୍ରଥମେ ବେଆଇନ ପ୍ରବାସୀଙ୍କୁ ଦେଶରୁ ବାହାର କରିବା ପାଇଁ ପଦକ୍ଷେପ ନେବେ ବୋଲି ଟ୍ରମ୍ପ କହିଥିଲେ।

### ■ ଆପ୍ ଜାରିକଲା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

# ନୂଆଦିଲ୍ଲୀରୁ କେଜ୍ରିୱାଲ, କାଲକାଜୀରୁ ଲଢ଼ିବେ ଆତିଶୀ

ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି): ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନକୁ ନେଇ ଆମ ଆଦମୀ ପାର୍ଟି ରବିବାର ଏହାର ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏହି ପର୍ଯ୍ୟାୟରେ ୩୮ ଜଣଙ୍କୁ ସ୍ଥାନ ଦିଆଯାଇଥିଲା ବେଳେ ଦିଲ୍ଲୀର ସମସ୍ତ ୭୦ ଆସନ ପାଇଁ ଦଳ ପ୍ରାର୍ଥୀ ଚୂଡ଼ାନ୍ତ କରିଛି। ଦଳୀୟ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ନୂଆଦିଲ୍ଲୀ ଆସନ ଏବଂ ମୁଖ୍ୟମନ୍ତ୍ରୀ ଆତିଶୀ ମାର୍ଲେନା କାଲକାଜୀ ଆସନରୁ ଲଢ଼ିବେ ବୋଲି ସ୍ପଷ୍ଟ ହୋଇଛି। ନୂଆଦିଲ୍ଲୀ ଆସନରେ କଂଗ୍ରେସ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିଲା ଦିକ୍ଷୀତଙ୍କ ପୁଅ ସନ୍ଦୀପ ଦିକ୍ଷୀତଙ୍କୁ ପ୍ରାର୍ଥୀ କରିଥିଲା ବେଳେ କେଜ୍ରିୱାଲଙ୍କ ସହ ତାଙ୍କର କଡ଼ା ଟକ୍କର ହେବ ବୋଲି କୁହାଯାଉଛି। ଅବଶ୍ୟ ବିଜେପି ଏହି ଆସନରେ କାହାକୁ ପ୍ରାର୍ଥୀ କରିବ ତାହା ସ୍ପଷ୍ଟ ହୋଇନାହିଁ। ଆସନ୍ତା ବର୍ଷ ପ୍ରାରମ୍ଭରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ରହିଥିଲା ବେଳେ ଏବେ ଠାରୁ ସବୁ ଦଳ ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି। ଆପ୍ ଏବଂ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା କରାଯିବା ସହିତ ପ୍ରଚାର ଅଭିଯାନ ମଧ୍ୟ ଆରମ୍ଭ ହୋଇଯାଇଛି। ହେଲେ ବିଜେପି ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରାର୍ଥୀଙ୍କ ତାଲିକା ଘୋଷଣା କରାଯାଇ ନାହିଁ।

### କହି କିମ୍ବା ସହି ପାରୁ ନ ଥିଲେ କାର୍ଯ୍ୟଚାପ

# ଚାରି ଆଙ୍ଗୁଠି କାଟିଦେଲେ ଯୁବକ



ସୁରଟ, ୧୫।୧୨ (ଏଜେନ୍ସି): ଏକ ହୀରା କମ୍ପାନୀରେ 'କମ୍ପ୍ୟୁଟର ଅପରେଟର' ଭାବେ କାମ କରୁଥିଲେ। କାର୍ଯ୍ୟଚାପରେ ଅତିଷ୍ଠ ହୋଇ ଯାଇଥିଲେ। ଚାକିରି ଛାଡ଼ିବାକୁ ଚାହୁଁଥିଲେ। ମାତ୍ର କମ୍ପାନୀର ମାଲିକ ବାପାଙ୍କ ସମ୍ପର୍କୀୟ ହୋଇଥିବାରୁ ଏହା କହିବାକୁ ସାହସ ଜୁଟାଇ ପାରୁ ନ ଥିଲେ। ଏ ନେଇ କହି କିମ୍ବା ସହି ପାରୁ ନ ଥିଲେ। ଶେଷରେ ଚାକିରିରେ ଅଯୋଗ୍ୟ ହେବାର ଭୂତ ମୁଣ୍ଡରେ ପଶିଥିଲା। ଏଥିପାଇଁ ଚରମ ପଦକ୍ଷେପ ନେବାକୁ ଉଚିତ ମଣିଥିଲେ। ଦୋକାନରୁ ଧାରୁଆ ଛୁରି କିଣି ନିଜ ବାଆଁ ହାତର ଚାରୋଟି ଆଙ୍ଗୁଠି କାଟି ଦେଇଥିଲେ। ପରେ ଘଟଣାକୁ ଲୁଟ୍ ଭାବେ ଦେଖାଇବା ପାଇଁ ଷଡ଼ଯନ୍ତ୍ର କରିଥିଲେ। ପରିସ୍ରା କରୁଥିବା ସମୟରେ ଚେତା ହରାଇ ପଡ଼ିଯିବା ପରେ ଲୁଟେରା ତାଙ୍କ ଆଙ୍ଗୁଠି କାଟି ନେଇଥିବା କହିଥିଲେ। ପ୍ରଥମେ ପୁଲିସ ଏହାକୁ ଗୁଣିଗାରେଡି ମାମଲାରେ ଭାବେ ଦେଖୁଥିଲା। ମାତ୍ର ପର୍ସ, ଘଣ୍ଟା ଏବଂ ଗାଡ଼ି ଚୋର ନେଇ ନ ଥିବାରୁ ପୁଲିସର ସନ୍ଦେହ ହୋଇଥିଲା। ତଦନ୍ତରୁ ଧିରେ ଧିରେ ସତ ସାମ୍ନାକୁ ଆସି ଯାଇଥିଲା। ସିସିଟିଭି ଫୁଟେଜ ଏବଂ ଟେକ୍ନିକାଲ ପ୍ରମାଣ ଆଧାରରେ ତାଙ୍କ ମିଛର ପେଡି ଖୋଲି ଯାଇଥିଲା।

ଗୁଜରାଟ ସୁରଟ ସହରର ୩୨ ବର୍ଷୀୟ ଯୁବକ ମୟୁର ତରାପରା ଏଭଳି ପଦକ୍ଷେପ ନେଇଥିଲେ। ସେ ଚାକିରି ଛାଡ଼ିବା ପାଇଁ ନିଜକୁ ବିକଳାଙ୍ଗ ସଜେଇ ଦେଇଛନ୍ତି। ଏବେ ଏକ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କର ପତ୍ନୀ ଏବଂ ଦୁଇ ବର୍ଷର ଝିଅ ଅଛନ୍ତି। ତାଙ୍କ ବାପା ୱାଧବାନ ଗାଁରେ ରହୁଛନ୍ତି। ୫୦ ହଜାର ଟଙ୍କା ଦରମାରେ ସେ ଏହି କମ୍ପାନୀରେ କାମ କରୁଥିଲେ। ତେବେ ପୁଲିସ ତାଙ୍କ ବିରୋଧରେ ମାମଲା ଚଳାଇବ ନାହିଁ ବୋଲି କହିଛି।

ମୟୁର ପ୍ରଥମେ ପୁଲିସକୁ ଭୁଆଁ ବୁଲାଇ ଥିଲେ। ସେ କହିଥିଲେ ଯେ ଗତ ୮ ତାରିଖ ରାତିରେ ବାଇକରେ ଘରକୁ ଯାଉଥିବାବେଳେ ଅମରୋଲି ରିଙ୍ଗ ରୋଡ୍ ନିକଟସ୍ଥ ବେଦାନ୍ତା ସର୍କଲରେ ଅଚାନକ ମୁଣ୍ଡ ବୁଲାଇ ପଡ଼ି ଯାଇଥିଲେ। ଚେତା ଫେରିବା ପରେ ହାତରେ ଚାରୋଟି ଆଙ୍ଗୁଠି ନ ଥିବା ଦେଖିବାକୁ ପାଇଥିଲେ। ଏହି ମାମଲା ସୁରଟ କ୍ରାଇମବ୍ରାଞ୍ଚକୁ ଦିଆଯାଇଥିଲା। ପୁଲିସ ପକ୍ଷରୁ କୁହାଯାଇଛି ଯେ ଏହି ଘଟଣାର ଚାରି ଦିନ ପୂର୍ବରୁ ମୟୁର ଏକ ଛୁରି କିଣିଥିଲେ। ୮ ତାରିଖ ରାତି ୧୦ଟାରେ ଅମରୋଲି ରିଙ୍ଗରୋଡ୍‌ରେ ଗାଡ଼ି ରଖି ଛୁରିରେ ନିଜ ଆଙ୍ଗୁଠି କାଟି ଦେଇଥିଲେ। ରକ୍ତସ୍ରାବ ବନ୍ଦ କରିବାକୁ ସେ କହୁଣୀରେ ଏକ ରଶି ବାନ୍ଧି ନେଇଥିଲେ। ଏହା ପରେ ଆଙ୍ଗୁଠି ଏବଂ ଛୁରିକୁ ବ୍ୟାଗ୍‌ରେ ରଖି ନାଳକୁ ଫୋପାଡ଼ି ଦେଇଥିଲେ। ପୁଲିସ ଏ ସବୁ ଜବତ କରିଛି।

### ଇଣ୍ଡିଆ ମେଣ୍ଟରେ ପୁଣି ବିବାଦ ବଢ଼ାଇଲେ ଓମାର ଅବଦୁଲ୍ଲା

# ଇଭିଏମକୁ ନେଇ ସମସ୍ୟା ଥିଲେ ନିର୍ବାଚନ ଲଢ଼ନି

ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି):



ଦେଶରୁ ଏନଡିଏ ସରକାରକୁ ହଟାଇବାକୁ ୨୦୨୩ ଜୁନରେ ବହୁ ବିରୋଧୀ ଦଳଙ୍କୁ ନେଇ ଗଠିତ ହୋଇଥିଲା ଇଣ୍ଡିଆ ମେଣ୍ଟ। କିନ୍ତୁ ମାତ୍ର ଦେଢ ବର୍ଷ ପରେ ଏବେ ମେଣ୍ଟର ସ୍ଥିତି ଯେଭଳି ରୂପ ନେଇଛି ତଦ୍ୱାରା ଏହି ମେଣ୍ଟର ଉଦ୍ଦେଶ୍ୟ ସାଧନ ହୋଇପାରିବ କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଥମତଃ ଏବେ ଏହି ମେଣ୍ଟର ନେତୃତ୍ୱକୁ ନେଇ ବିବାଦ ଉଠିଥିଲା ବେଳେ ଅନ୍ୟତମ ଅଂଶୀଦାର ନ୍ୟାସନାଲ କନଫରେନ୍ସ(ଏନସି) ନେତା ତଥା ଜମ୍ମୁ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଇଣ୍ଡିଆ ମେଣ୍ଟ ଆଭିମୁଖ୍ୟକୁ ନେଇ ଯେଭଳି ମନ୍ତବ୍ୟ ଦେଇଛନ୍ତି ତାହା ଚର୍ଚ୍ଚାର ବିଷୟ ହୋଇଛି। ହରିୟାଣା ଏବଂ ପରେ ପରେ ମହାରାଷ୍ଟ୍ର ନିର୍ବାଚନରେ ଇଣ୍ଡିଆ ମେଣ୍ଟର ପରାଜୟ ପରେ ଇଣ୍ଡିଆ ମେଣ୍ଟର ପ୍ରମୁଖ ଅଂଶୀଦାର ଇଭିଏମକୁ ନେଇ ବାରମ୍ବାର ପ୍ରଶ୍ନ ଉଠାଇଥିଲା। ଇଭିଏମରେ ଗଡ଼ବଡ଼ କରି ଏହି ଦୁଇ ରାଜ୍ୟରେ ଏନଡିଏ ବିଜୟୀ ହେଲା ବୋଲି କଂଗ୍ରେସ ଅଭିଯୋଗ କରିଥିଲା। ତେଣୁ ଏବେ ବାଲଟ୍ ପେପରରେ ନିର୍ବାଚନ କରିବାକୁ ଦଳ ଦାବି କରିଥିଲା। କିନ୍ତୁ ଏହି ପ୍ରସଙ୍ଗରେ ଓମାର ଅବଦୁଲ୍ଲା ଯାହା କହିଛନ୍ତି ତାହା କେବଳ କଂଗ୍ରେସ ନୁହେଁ, ଇଣ୍ଡିଆ ମେଣ୍ଟକୁ ବିସ୍ମିତ କରିଦେଇଛି। ଅବଦୁଲ୍ଲା କହିଛନ୍ତି ଯେ, ଯେଉଁଠି ବିଜୟ ମିଳିବ ସେଠି ଇଭିଏମ୍ ଠିକ୍ ଅଛି ; କିନ୍ତୁ ପରାଜୟ ହେଲେ ସେଠି ଇଭିଏମ ଉପରେ ଦୋଷ ଲଦିବା ଆଦୌ ସମ୍ଭବ ନୁହେଁ। ଯଦି ଇଭିଏମକୁ ନେଇ କୌଣସି ଦଳର ସମସ୍ୟା ଥାଏ ତେବେ ସେହି ଦଳ ନିର୍ବାଚନ ଲଢ଼ିବା ଉଚିତ ନୁହେଁ ବୋଲି ସେ କଂଗ୍ରେସକୁ ନିଶାଣ କରି କହିଛନ୍ତି। ଇଭିଏମ ବ୍ୟବହାର କରି ଇଣ୍ଡିଆ ମେଣ୍ଟ ୨୦୨୪ ଲୋକସଭା ନିର୍ବାଚନରେ ୧୦୦ରୁ ଅଧିକ ଆସନ ପାଇଥିଲା। କିନ୍ତୁ ଏହାର କିଛି ଦିନ ପରେ ହରିୟାଣା ଏବଂ ମହାରାଷ୍ଟ୍ର ନିର୍ବାଚନରେ ସେହି ଇଭିଏମ ବ୍ୟବହାର ହୋଇଥିଲା ଏବଂ ଏଥିରେ ଇଣ୍ଡିଆ ମେଣ୍ଟର ଶୋଚନୀୟ ପରାଜୟ ପରେ ଇଭିଏମ ଉପରେ ଦୋଷ ଲଦାଯାଉଛି। ତେଣୁ ବିଜୟ ପରେ ଇଭିଏମ ସମ୍ପର୍କରେ କିଛି ନ କହିବା ଏବଂ ପରାଜୟ ପରେ ଇଭିଏମ ଉପରେ ଦୋଷ ଲଦିବା ସମୀଚିନ ହେବ ନାହିଁ ବୋଲି ଅବଦୁଲ୍ଲା କହିଛନ୍ତି।

### ■ ମଣିଶଙ୍କରଙ୍କ ବିସ୍ଫୋରକ ବୟାନ

# ମୋ ରାଜନୈତିକ କ୍ୟାରିୟର ଗଢ଼ିବା, ଭାଙ୍ଗିବା ପଛରେ ଗାନ୍ଧୀ ପରିବାର

ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି): ସଦାସର୍ବଦା ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହିଆସିଥିବା ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମଣିଶଙ୍କର ଆୟାର ପୁଣି ଚର୍ଚ୍ଚିତ ହୋଇପଡ଼ିଛନ୍ତି। ନିଜ ରାଜନୈତିକ କ୍ୟାରିୟରକୁ ନେଇ ଗାନ୍ଧୀ ପରିବାରକୁ ନିଶାଣ କରିବା ସହିତ ବିସ୍ଫୋରକ ବୟାନ ଦେଇଛନ୍ତି। ତାଙ୍କ ରାଜନୈତିକ କ୍ୟାରିୟର ଗଢ଼ିବା ଏବଂ ଭାଙ୍ଗିବା ପଛରେ ଯଦି କିଏ ଥାଏ ତେବେ ସେ ହେଉଛି ଗାନ୍ଧୀ ପରିବାର ବୋଲି ମଣିଶଙ୍କର କହିଛନ୍ତି। ସେ ପିଟିଆଇକୁ ଏକ ସାକ୍ଷାତକାର ଦେବା ଅବସରରେ କଂଗ୍ରେସ ସହ ତାଙ୍କ ରାଜନୈତିକ କ୍ୟାରିୟର ଏବଂ ଗାନ୍ଧୀ ପରିବାର ସହ ସମ୍ପର୍କକୁ ନେଇ ଅନେକ କଥା କହିଛନ୍ତି। ବିଗତ ୧୦ ବର୍ଷ ମଧ୍ୟରେ ସେ ଦଳରେ ଅଲୋଡ଼ା ହୋଇଯାଇଛନ୍ତି। ଏପରିକି ଏହି ୧୦ ବର୍ଷ ମଧ୍ୟରେ ଦଳର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ତାଙ୍କୁ ଭେଟିବାକୁ ଦିଆଯାଇ ନାହିଁ। ସେହିପରି ରାହୁଲ ଗାନ୍ଧୀଙ୍କୁ ମଧ୍ୟ ଥରୁଟିଏ ଭେଟିବାକୁ ଦିଆଯାଇଛି। କେବଳ ଦୁଇଟି କାର୍ଯ୍ୟକ୍ରମରେ ପ୍ରିୟଙ୍କା ଗାନ୍ଧୀଙ୍କୁ ଭେଟିବାକୁ ସୁଯୋଗ ମିଳିଛି ବୋଲି ମଣିଶଙ୍କର କହିଛନ୍ତି।

## ନିରବ ସରକାର; ହନ୍ତସନ୍ତ ଖାଉଟି

# କେବେ କମିବ ଆଳୁ, ପିଆଜ ଦର

**ଭୁବନେଶ୍ୱର,୧୫।୧୨(ସମିସ):** ଅଗଷ୍ଟ ୨୧ ତାରିଖରେ ପଶ୍ଚିମବଙ୍ଗ ଓଡ଼ିଶାକୁ ଆଳୁ ରପ୍ତାନୀ ବନ୍ଦ କଲା। ମାସାଧିକ କାଳ ଏହି ସମସ୍ୟା ଲାଗିରହିଲା। ଓଡ଼ିଶାରେ ଆଳୁ ଦର ହୁ'ହୁ' ହୋଇ ବଢ଼ିଲା। ଖାଉଟି ସର୍ବାଧିକ କିଲୋ ପିଛା ୮୦ ଟଙ୍କା ଦେଇ ଆଳୁ କିଣିଲେ। ଶେଷରେ ଠିକ୍ ମାସକ ପରେ ଅର୍ଥାତ୍ ସେପ୍ଟେମ୍ବର ୨୧ରେ ବଙ୍ଗ ବ୍ୟବସାୟୀଙ୍କ ଚାପରେ ସେଠା ସରକାର ରପ୍ତାନୀ କଟକଣା ହଟାଇଲେ। କେତେକ ସର୍ତ୍ତ ଓ ପୂର୍ବାପେକ୍ଷା ଉଚ୍ଚା ଦାମ୍‌ରେ ଓଡ଼ିଶା ବ୍ୟବସାୟୀ ଆଳୁ ଆମଦାନୀ କଲେ। ଏହାପରେ ପୁଣି ମାସେରୁ ଅଧିକ ସମୟ ହେଲାଣି କଟକଣା ଲାଗିଛି ଯେ ଏପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରୁନି। ଫଳରେ ବ୍ୟବସାୟୀମାନେ ଗଳାବାଟରେ ଆମଦାନୀ କରୁଛନ୍ତି। ଏହାଦ୍ୱାରା ପରିବହନ ଖର୍ଚ୍ଚ ଦୁଇଗୁଣ ଦେବାକୁ ପଡୁଛି। ଏହାର ପ୍ରଭାବ ସିଧାସଳଖ ଖାଉଟିଙ୍କ ଉପରେ ପଡୁଛି।

ସେହିଭଳି ସେପ୍ଟେମ୍ବର ତୃତୀୟ ସପ୍ତାହରୁ ପିଆଜ ଦର ୩୦ ଟଙ୍କାରୁ ବଢ଼ି ୫୦-୬୦ରେ ପହଞ୍ଚିଥିଲେ ବି ସରକାର ନିୟନ୍ତ୍ରଣକୁ ଆଣିପାରୁ ନାହାନ୍ତି। ଉଭୟ ଆଳୁ ଓ ପିଆଜ ଓଡ଼ିଶା ଲୋକଙ୍କ ଖାଦ୍ୟ ଥାଳିର ପ୍ରମୁଖ ଖାଦ୍ୟ। ଦରବୃଦ୍ଧି ଯୋଗୁଁ ସାଧାରଣ ଗରିବ, ଖାଉଟି ନାକରେ କାନ୍ଦିଲେଣି। ତଥାପି ସରକାରଙ୍କ ଚେତା ପଶୁନି।

ପୂର୍ବରୁ ତିରୋଟ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ବଢ଼ିଛି। ହେଲେ ଲଗାତାର ୫ ମାସ ଧରି ରାଜ୍ୟବାସୀ କେବେ ଏଭଳି ଦରବୃଦ୍ଧିର ସାମ୍ନା କରିନାହାନ୍ତି। ଆଳୁ ଓ ପିଆଜର ଦରବୃଦ୍ଧି ଚଳିତଥର ସର୍ବକାଳୀନ ବୋଲି ବ୍ୟବସାୟୀ ମହଲରେ ଆଲୋଚନା ହେଉଛି। ତେଣୁ ଏହାକୁ ରୋକିବା ଦିଗରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଫେଲ୍ ମାରିଥିବା ଉଭୟ ଖାଉଟି ଓ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ପାଇକାରୀ ବଜାରରେ ୨୩ରୁ ୨୮ ଟଙ୍କା ଭିତରେ ରହୁଛି। ତେଣୁ ଖୁଚୁରା ବଜାରରେ ସର୍ବାଧିକ ୩୫ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେବା କଥା। ହେଲେ ଦୁଃଖର ବିଷୟ, କୋଉଠି ବି ୪୦ରୁ କମ୍ ଟଙ୍କାରେ ଆଳୁ ମିଳୁନି।

ସେହିଭଳି ବିଭିନ୍ନ କିସମ ପିଆଜର ପାଇକାରୀ ଦର ୨୫ରୁ ୩୫ ଟଙ୍କାରେ ବିକ୍ରି ହେଉଥିବାବେଳେ ଖୁଚୁରା ବଜାରରେ ୫୦ରୁ ୬୦ ଟଙ୍କାରେ ବିକ୍ରି ହେଉଛି। ବ୍ୟବସାୟୀଙ୍କ କହିବାନୁସାରେ, ନୂଆ ଆଳୁ ଅମଳ ହେବା ପର୍ଯ୍ୟନ୍ତ ବର୍ତ୍ତମାନ ଆଳୁ କିଲୋ ୨୫ ଟଙ୍କାରେ ବିକ୍ରି ହେବା କଥା। ହେଲେ ଲଗାତର ଦର ୮୦ ପ୍ରତିଶତ ଉଚ୍ଚାରେ ଖାଉଟି କିଣୁଛନ୍ତି। ସେହିଭଳି ପିଆଜ ମଧ୍ୟ ୩୦ରୁ ୩୫ ଟଙ୍କାରେ ବିକ୍ରି ହେଲେ ଗ୍ରାହକ କିଣିବାକୁ ସକ୍ଷମ ରଖିବେ। ହେଲେ ଲଗାତାର ଦୀର୍ଘ ସମୟ ଧରି ସାଧାରଣ ଲୋକ ଦୁଇ ଗୁଣ ଅଧିକ ଅର୍ଥ ଦେଇ ଖାଦ୍ୟ ସାମଗ୍ରୀ କିଣୁଥିଲେ ହେଁ ସରକାରଙ୍କ କୌଣସି ପଦକ୍ଷେପ ନେଉନାହାନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସରକାର ତୁରନ୍ତ ଏହା ଉପରେ ନୀତିଗତ ନିଷ୍ପତ୍ତି ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡା କହିଛନ୍ତି, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ପଞ୍ଜାବରୁ ଦେଶବ୍ୟାପୀ ସମସ୍ତ ରାଜ୍ୟ ସର୍ବାଧିକ ପରିମାଣରେ ଆଳୁ ଯୋଗାଉଛନ୍ତି। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିବାବେଳେ କୌଣସି ରାଜ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଆମଦାନୀ ଓ ରପ୍ତାନୀରେ ଉପରେ କଟକଣା ଲାଗୁ କରିପାରିବେ ନାହିଁ। ହେଲେ ପଶ୍ଚିମବଙ୍ଗ ସରକାର ବାରମ୍ବାର ଏଭଳି ମୌଖିକ କଟକଣା ଜାରି କରୁଥିଲେ ହେଁ କେନ୍ଦ୍ର ସରକାର ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ସେହିଭଳି ରାଜ୍ୟ ସରକାର ମଧ୍ୟ ଏନେଇ କେନ୍ଦ୍ର ପାଖରେ ଅଭିଯୋଗ କରୁନାହାନ୍ତି। ତେଣୁ ସାଧାରଣ ଖାଉଟି ଦରବୃଦ୍ଧି ଯନ୍ତ୍ରଣାରେ ଦହଗଞ୍ଜ ହେଉଥିଲେ ହେଁ ସରକାର ଏହାକୁ ଗୁରୁତ୍ୱର ସହ ନେଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ଓଡ଼ିଆ ଅସ୍ମିତା ପରିଷଦର ସଭାପତି ରବି ବେହେରା କହିଛନ୍ତି, ପୂର୍ବରୁ ୧୦ରୁ ୧୫ ଦିନ କୌଣସି ଅତ୍ୟାବଶ୍ୟକ ସାମଗ୍ରୀର ଦର ଉଚ୍ଚା ରୁହେ। ହେଲେ ଚଳିତଥର ସର୍ବକାଳୀନ ରେକର୍ଡ ଭାବେ ୫ମାସ ଧରି ଦରବୃଦ୍ଧି କଳବଲ କଲାଣି। ସରକାର ଏହା ଉପରେ ସାମାନ୍ୟତମ ଦୃଷ୍ଟି ଦେଉଥିବା ଭଳି ମନେ ହେଉନି। ସରକାର ରିହାତି ଦରରେ ସରକାରୀ ଖୁଚୁରା କେନ୍ଦ୍ର ସାହାଯ୍ୟରେ ଆଳୁ ଓ ପିଆଜ ନିୟମିତ ଭାବେ ଯୋଗାଇ ଦିଅନ୍ତୁ। ତେବେ ଯାଇ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି।

- ଦୀର୍ଘକାଳୀନ ରେକର୍ଡ ଦରବୃଦ୍ଧି
- ନାକରେ କାନ୍ଦିଲେଣି ଗରିବ ଖାଉଟି
- ଡିଲର ପଏଣ୍ଟରେ ବିକ୍ରି କରନ୍ତୁ ସରକାର



# ଅଟୋ ଚାଳକଙ୍କୁ ଗଳାକାଟି ହତ୍ୟା



**ଟିକିରି,୧୫।୧୨(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଟିକିରି ଥାନା ଅନ୍ତର୍ଗତ ଫୁଲଜବା ଛକ ନିକଟରେ ଜଣେ ଅଟୋ ଚାଳକଙ୍କୁ ଗଳାକାଟି ହତ୍ୟା କରିଛନ୍ତି ଦୁର୍ବୃତ୍ତ। ମୃତକ ହେଲେ, କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଗାରିଡି ଗ୍ରାମର କୁସୁମଲ ଖରାଙ୍କ ପୁଅ ବଳରାମ ଖରା। ଗତକାଲି ରାତି ପ୍ରାୟ ୭ଟାରେ ବଳରାମ ଅଟୋରେ ସିଙ୍ଗାରାମ ପଟୁ ଟିକିରି ଆଡ଼କୁ ଯାଉଥିବା ବେଳେ ତାଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଥିବା ଅନୁମାନ କରାଯାଉଛି। ଖବର ପାଇ ଟିକିରି ଥାନା ଏଏସ୍‌ଆଇ ମନୋଜ ଜେନା, ମହେଶ୍ୱର ପାଇକ, ଦୋରାଗୁଡା ଆଇଆଇସି କିରଣବାଳା ସାମଲ, କାଶୀପୁର ଆଇଆଇସି ସୂର୍ଯ୍ୟ ପ୍ରକାଶ ନାୟକଙ୍କ ସହ ପୁଲିସ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ରାୟଗଡ଼ା ଏସ୍‌ଡିପିଓ ରଶ୍ମିରଂଜନ ସେନାପତି ମଧ୍ୟ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ବଳରାମଙ୍କ ପରିବାରଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ କେଉଁ କାରଣରୁ ଓ କିଏ ବଳରାମଙ୍କୁ ହତ୍ୟା କରିଛି, ତାହା ଜଣାପଡ଼ିନାହିଁ। ପୁଲିସ୍ ବିଭିନ୍ନ ଦିଗକୁ ନେଇ ତନାଘନା ଚାଲିଛି। ବିଶେଷକରି ତାଙ୍କର କାହା ସହ ପୂର୍ବ ଶତ୍ରୁତା ଥିଲା କି ନାହିଁ, ସେ ସଂପର୍କରେ ଜାଣିବାକୁ ଉଦ୍ୟମ କରୁଛି। ବଳରାମ ଡଙ୍ଗାସିଲ ଗ୍ରାମର ବିପାଶା ପାଣିଙ୍କୁ ୧୦ ବର୍ଷ ତଳେ ବିବାହ କରିଥିଲେ। ବିପାଶା ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିବାରୁ ଦୋରାଗୁଡାସ୍ଥିତ ଆର୍‌ଆର୍ କଲୋନିରେ ରହୁଥିଲେ। ତାଙ୍କର ୨ଟି କନ୍ୟା ସନ୍ତାନ ରହିଛନ୍ତି।

## ■ ଡିଲ ପାଇଁ ଅପେକ୍ଷା ବେଳେ ମାଡ଼ି ବସିଲା ବନବିଭାଗ

# ଦୁଇ କଲରାପତରିଆ ବାଘଛାଲ ଜବତ; ଜଣେ ଗିରଫ




**ରାୟଗଡ଼ା, ୧୫।୧୨(ସମିସ):** ରାୟଗଡ଼ାର ଏକ ଲଜ୍‌ରେ ୨ଟି ବାଘଛାଲ ପାଇଁ ଡିଲ୍ ହେବାକୁ ଥିଲା। କିନ୍ତୁ ଏହା ପୂର୍ବରୁ ବେପାରୀକୁ ମାଡ଼ି ବସିଲା ଓଡ଼ିଶା ଭିଜିଲାନ୍ସ ଟିମ୍‌ର ଫରେଷ୍ଟ ୱିଙ୍ଗ୍ ଓ ରାୟଗଡ଼ା ବନ ବିଭାଗର ଏକ ଟିମ୍। ବିଶେଷ ସୂତ୍ରରୁ ଖବର ପାଇ କଟକ ବନବିଭାଗ (ଡିସିଏଫ୍) ଭିଜିଲାନ୍ସ ଅଧିକାରୀ ରଜନୀ କୁମାର ମହାନ୍ତିଙ୍କ ନେତୃତ୍ୱରେ ୮ ଜଣିଆ ଏକ ଟିମ୍ ଏବଂ ରାୟଗଡ଼ା ଡିଭିଜନ ରାୟଗଡ଼ା ସେକ୍ସନ ୬ଜଣିଆ ଟିମ୍ ମିଳିତ ଭାବେ ୩୨୬ନମ୍ବର ଜାତୀୟ ରାଜପଥ ରାୟଗଡ଼ା ସହରର ସତ୍ୟମ ସୁନ୍ଦରମ ଲଜ୍‌ଠାରେ ଚଢ଼଼ଉ କରି ୨ଟି ବାଘଛାଲ ଜବତ କରିଛନ୍ତି। ଏହାସହ ଏହି ଘଟଣାରେ ସମ୍ପୃକ୍ତ ରେଞ୍ଜି କୌଶଲ୍ୟାଙ୍କୁ ଅଟକ ରଖିଛି। ଅଭିଯୁକ୍ତର ଘର ରାୟଗଡ଼ା ଜିଲ୍ଲା ଶେଷଖାଲ ଥାନା ଅନ୍ତର୍ଗତ ଜିମିଡ଼ିପେଟା ନିକଟସ୍ଥ ପ୍ରେମନଗରରେ। ଜବତ ବାଘଛାଲ ଦୁଇଟି କଲରାପତରିଆର ବୋଲି ପ୍ରାଥମିକ ଅନୁସନ୍ଧାନରୁ ଟିମ୍ ଜାଣିବାକୁ ପାଇଥିବା ବେଳେ ତାହାକୁ ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଯିବ ବୋଲି ସୂଚନା ମିଳିଛି।

## ତାପମାତ୍ରା

| ସ୍ଥାନ | ତାପମାତ୍ରା |
|---|---|
| ଭୁବନେଶ୍ୱର | ୧୩.୦ |
| କଟକ | ୧୧.୫ |
| ଅନୁଗୁଳ | ୯.୦ |
| କେନ୍ଦୁଝର | ୯.୨ |
| ରାଉରକେଲା | ୬.୮ |
| ଫୁଲବାଣୀ | ୮.୫ |
| ଦାରିଙ୍ଗବାଡ଼ି | ୮.୫ |
| ଝାରସୁଗୁଡ଼ା | ୬.୮ |
| ଭବାନୀପାଟଣା | ୯.୪ |
| ସୁନ୍ଦରଗଡ଼ | ୯.୪ |
| ସମ୍ବଲପୁର | ୧୨.୬ |
| କୋରାପୁଟ | ୧୧.୧ |
| ଯାଜପୁର | ୧୩.୩ |
| ବାଲେଶ୍ୱର | ୧୧.୬ |
| ଛତ୍ରପୁର | ୧୫.୬ |
| ମାଲକାନଗିରି | ୧୩.୮ |

# ଆଜିଠୁ ଶ୍ରୀମନ୍ଦିରରେ ପହିଲି ଭୋଗ

**ପୁରୀ,୧୫।୧୨(ସମିସ):** ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ସୋମବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ମହାପ୍ରଭୁଙ୍କ ପହିଲି ଭୋଗ ନୀତି। ମକର ସଂକ୍ରାନ୍ତି ପୂର୍ବଦିନ ଅର୍ଥାତ୍ ଜାନୁଆରୀ ୧୩ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଏହି ନୀତି ଚାଲିବ। ଗତ ବୁଧବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ପହିଲି ଭୋଗ ନୀତିକୁ ଅନୁମୋଦନ ମିଳିଛି। ପହିଲି ଭୋଗ ଧନୁ ସଂକ୍ରାନ୍ତି ଅର୍ଥାତ୍ ଡିସେମ୍ବର ୧୬ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୧୩ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ରାତ୍ର ୨ଟାରେ ଦ୍ୱାରଫିଟା, ଭିତର ଶୋଧ ୨ଟା ୩୦, ୩ଟାରେ ମଙ୍ଗଳ ଆଳତି ନୀତି ସମ୍ପନ୍ନ ହେବ। ଭୋର୍ ସାଢ଼େ ୫ରୁ ୬ଟା ମଧ୍ୟରେ ପହିଲି ଭୋଗ ନୀତି ବଢ଼ିବ। ସକାଳ ୬ଟା ୩୦ରୁ ୮ଟା ସକାଳ ଧୂପ (କେବଳ କୋଠଭୋଗ), ୮ଟା ୨୦ରୁ ୧୦ଟା ଭୋଗମଣ୍ଡପ, ୧୦ଟା ୩୦ ମଧ୍ୟାହ୍ନ ୧୨ଟା ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ), ୭ଟା ୪୫ରୁ ୯ଟା ୩୦ ଦ୍ୱିତୀୟ ଭୋଗମଣ୍ଡପ ହୋଇ ଅନ୍ୟାନ୍ୟ ନୀତି ଚାଲିବ। ଅପରାହ୍ଣ ୫ଟାରେ ସନ୍ଧ୍ୟା ଆଳତି, ୬ଟା ୩୦ରୁ ରାତି ୮ଟା ସନ୍ଧ୍ୟାଧୂପ, ୯ଟାରେ ଚନ୍ଦନ ଲାଗି, ୧୦ଟାରେ ବଡ଼ସିଂହାର ବେଶ, ୧୦ଟା ୩୦ ବଡ଼ସିଂହାର ଭୋଗ ଏବଂ ୧୧ଟାରେ ରାତ୍ର ପହୁଡ଼ ନୀତି ସମ୍ପନ୍ନ ଲାଗି ନୀତି ନିର୍ଘଣ୍ଟ ହୋଇଛି।

> ରାତି ୨ଟାରେ ଫିଟିବ ଦ୍ୱାର, ଭୋର ସାଢ଼େ ୫ରେ ପହିଲି ଭୋଗ

## ■ ଘଟଗାଁ ତାରିଣୀ ମନ୍ଦିରରେ ଅଘଟଣ

# ଦୀପରୁ ନିଆଁ ଲାଗି ମହିଳା ଗୁରୁତର

**କେନ୍ଦୁଝର/ଢେଙ୍କିକୋଟ, ୧୫।୧୨(ସମିସ):** କେନ୍ଦୁଝର ଜିଲ୍ଲା ଘଟଗାଁ ମା' ତାରିଣୀ ମନ୍ଦିର ଭିତରେ ରବିବାର ଏକ ଅଘଟଣ ଘଟିଛି। ଦୀପଷ୍ଟାଣ୍ଡ ନିକଟରେ ଦୀପ ଲଗାଇବା ବେଳେ ନିଆଁ ଲାଗି ଜଣେ ମହିଳା ଶ୍ରଦ୍ଧାଳୁ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ, ଢେଙ୍କାନାଳ ଜିଲ୍ଲା କୁରୁଣ୍ଡି ଗ୍ରାମର ମୀନାକ୍ଷୀ ବରାଳ। ତାଙ୍କୁ ଚିକିତ୍ସା ଲାଗି ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ଡିସେମ୍ବର ରବିବାର ଥିବାରୁ ଘଟଗାଁ ମା' ତାରିଣୀ ମନ୍ଦିରରେ ଆଜି ନାହିଁ ନଥିବା ଭିଡ଼ ଥିଲା। ଭକ୍ତମାନେ ଘଣ୍ଟାଘଣ୍ଟା ଧରି ଲାଇନ୍‌ରେ ଛିଡ଼ା ହୋଇ ମା'ଙ୍କର ଦର୍ଶନ କରିଥିଲେ। ଢେଙ୍କାନାଳ ଅଞ୍ଚଳରୁ ପରିବାର ସହ ଆସିଥିବା ମୀନାକ୍ଷୀ ମା'ଙ୍କୁ ଦର୍ଶନ କରି ଦୀପଷ୍ଟାଣ୍ଡରେ ଦୀପ ଲଗାଇଥିଲେ। କିନ୍ତୁ ଅସାବଧାନତା ଯୋଗୁଁ ତାଙ୍କ ଦେହରେ ଦୀପ ନିଆଁ ଲାଗିଯାଇଥିଲା। କିନ୍ତୁ ପରିତାପ ଓ ଉଦ୍‌ବେଗର ବିଷୟ ହେଲା, ଏପରି ସ୍ଥିତିରେ ତାଙ୍କୁ ରକ୍ଷା କରିବା ପାଇଁ କେହି ଜଣେ ହେଲେ ମନ୍ଦିର ମହିଳା କର୍ମଚାରୀ ସେଠାରେ ନିୟୋଜିତ ନଥିଲେ। ସେଠାରେ ଉପସ୍ଥିତ ଅନ୍ୟ ଜଣେ ଶ୍ରଦ୍ଧାଳୁ ନିଜ ଜୀବନକୁ ବାଜି ଲଗାଇ ତାଙ୍କୁ ରକ୍ଷା କରିଥିଲେ। କିନ୍ତୁ ସେତେବେଳକୁ ମୀନାକ୍ଷୀଙ୍କ ଅଧା ଶରୀର ପୋଡ଼ିଯାଇଥିଲା। ତାଙ୍କ ଘରଲୋକ ଓ ଅନ୍ୟ ଭକ୍ତମାନେ ତାଙ୍କୁ ଉଦ୍ଧାର କରି ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ।



## ଚଳନ୍ତା ଟ୍ରେନ୍‌ରେ ଚଢ଼ିବା ବେଳେ ଗୋଡ଼ ଖସିଗଲା

# ଦୁଇ ସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ

**ବ୍ରହ୍ମପୁର, ୧୫।୧୨(ସମିସ):** ଟ୍ରେନ୍‌ରେ ଚଢ଼ିବା ବେଳେ ଗୋଡ଼ ଖସିଯିବାରୁ ଦୁଇ ସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ ଘଟିଛି। ବ୍ରହ୍ମପୁର ଉପକଣ୍ଠ ସୁରଳ ଷ୍ଟେସନ୍‌ରେ ଆଜି ଏହି ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ପିତାତଳି ପଞ୍ଚାୟତ ଜଗନ୍ନାଥପୁର ଗାଁର ପାର୍ବତୀ ଗୌଡ଼ ଓ ଝୁନୁ ଗୌଡ଼। ଉଭୟ ପାଚିକା ସହାୟିକା। ଭୁବନେଶ୍ୱରରେ ଆୟୋଜିତ ହେଉଥିବା ସଂଘର ବୈଠକରେ ସାମିଲ ହେବା ପାଇଁ ସେମାନେ ମେମୁ ଟ୍ରେନ୍‌ରେ ଚଢୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଟ୍ରେନ୍‌ଟି ଷ୍ଟେସନ୍ ଛାଡୁଥିବାରୁ ଦୁହେଁ ତରବରିଆ ଭାବେ ହାତ ଧରାଧରି ହୋଇ ଚଢ଼ିବା ବେଳେ ସେମାନଙ୍କ ଗୋଡ଼ ଖସିଯାଇଥିଲା ଏବଂ ଦୁହେଁ ଟ୍ରାକ୍‌ରେ ଗଳି ପଡ଼ିଥିଲେ। ଏହି ସମୟରେ ଟ୍ରେନ୍‌ଟି ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ହିଁ ଦୁହିଁଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଗୋଳନ୍ଥରା ଥାନା ଓ ବ୍ରହ୍ମପୁର ରେଳବାଇ ଥାନା ପୁଲିସ୍ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ପିତାତଳି ପଞ୍ଚାୟତରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖବର ପାଇ ନିଖିଳ ଓଡ଼ିଶା ପାଚକ ପାଚିକା ମହାସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ଶୋକ ପ୍ରକାଶ କରିଛନ୍ତି। ପୂର୍ବତନ ସରକାରଙ୍କ ସମୟରେ ପାଚକପାଚିକାମାନେ ଡ୍ୟୁଟି ବେଳେ ପ୍ରାଣ ହରାଇଲେ ସେମାନଙ୍କ ପରିବାରକୁ ୧ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଉଥିଲା। ବର୍ତ୍ତମାନର ସରକାର ପ୍ରାଥମିକତା ଦୃଷ୍ଟିରେ ପ୍ରଥମେ ଉଭୟଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ଯୋଗାଇଦେବା ସହିତ ପରବର୍ତ୍ତୀ ସମୟରେ ଆଉ ଅଧିକ ସହାୟତା ଯୋଗାଇ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।




## ■ କାମ ଦେଲା ଦରମା ବନ୍ଦ ଧମକ

# କାର୍ଯ୍ୟରେ ଯୋଗଦେଲେ ବଦଳି ଅଧିକାରୀ

**ଭୁବନେଶ୍ୱର,୧୫।୧୨(ସମିସ):** କାମ ଦେଲା କାର୍ଯ୍ୟାନୁଷ୍ଠାନ ଧମକ। ଦରମା ବନ୍ଦ ଆଉ ନିଲମ୍ବନ ହେବା ଭୟରେ ଅଧିକାଂଶ ଓଏଏସ୍ ଅଧିକାରୀ ବଦଳି ହୋଇଥିବା ସ୍ଥାନରେ ଯୋଗ ଦେଇଛନ୍ତି। ଜଣେ ଦୁଇ ଜଣଙ୍କୁ ଛାଡ଼ି ବାକି ସମସ୍ତେ କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡିଛି। ଗତ ମାସରୁ ବଦଳି ହୋଇଥିବା ପ୍ରାୟ ୨୦୦ ବରିଷ୍ଠ ଓଏଏସ୍ ଅଧିକାରୀଙ୍କୁ ଚଳିତ ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ନୂଆ ସ୍ଥାନରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ଅବମାନନା କଲେ ଦରମା ବନ୍ଦ ସହିତ ନିଲମ୍ବନ କରାଯିବ ବୋଲି ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖି ନିର୍ଦ୍ଦେଶ ଦିଆଯାଇଥିଲା। ସେମାନେ ଯେପରି ଶୀଘ୍ର ବଦଳି ସ୍ଥାନକୁ ଯାଇପାରିବେ ସେଥିପାଇଁ ଗତ ୨୬ ତାରିଖରେ ସମସ୍ତ ଅଧିକାରୀଙ୍କୁ ସେଣ୍ଟ୍ରାଲି ରିଲିଭ୍ କରାଯାଇଥିଲା। କିନ୍ତୁ ଏହା ସତ୍ତ୍ୱେ ଅଧିକାଂଶ ଅଧିକାରୀ ପୁରୁଣା ସ୍ଥାନ ଛାଡ଼ିବାକୁ ପ୍ରସ୍ତୁତ ନଥିଲେ। ନୂଆ ସରକାର ଗଠନର କିଛି ଦିନ ପରେ ମୁଖ୍ୟ ସଚିବ ସବୁ ବିଭାଗକୁ ପତ୍ର ଲେଖି ବଦଳି ଆଦେଶ ପାଇଁ ଚାପ ପ୍ରୟୋଗ ବନ୍ଦ କରିବା ପାଇଁ ତାଗିଦ କରିଥିଲେ। କାହା ଦ୍ୱାରା ଚାପ ପକାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦିଆଯାଇଥିଲା। ଏହାକୁ ନେଇ ରାଜ୍ୟବ୍ୟାପୀ ପ୍ରଶାସନରେ ହଟଚମଟ ସୃଷ୍ଟି ହୋଇଥିଲା। ତେବେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବା ସାଧାରଣ ପ୍ରଶାସନ ବିଭାଗରେ ଅବ୍ୟବସ୍ଥା ଦେଖା ଦେଇଛି। ଅକ୍ଟୋବର ୨୯ ତାରିଖରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୨୯ ଜଣ ବରିଷ୍ଠ ଓଏଏସ୍ ଅଧିକାରୀଙ୍କ ବଦଳି କରାଯାଇଥିଲା। କିନ୍ତୁ ଅନେକ ନୂଆ ସ୍ଥାନରେ ଯୋଗ ଦେଇ ନ ଥିଲେ।

## ଭୁଲ ଇଞ୍ଜେକସନ୍ ଯୋଗୁଁ ଛାତ୍ରଙ୍କ ମୃତ୍ୟୁ ଘଟଣା

# ଔଷଧ ଦୋକାନୀ ଗିରଫ

**ତୁରୁମୁଙ୍ଗା, ୧୫।୧୨(ସମିସ):** ଭୁଲ୍ ଇଞ୍ଜେକସନ୍ ଯୋଗୁଁ ଜଣେ ଛାତ୍ରଙ୍କ ମୃତ୍ୟୁ ହେବା ଘଟଣାରେ ପାଟଣା ଥାନା ପୁଲିସ୍ ଆଜି ଅଭିଯୁକ୍ତ ଔଷଧ ଦୋକାନୀଙ୍କୁ କେନ୍ଦୁଝର ବସ୍‌ଷ୍ଟାଣ୍ଡରୁ ଗିରଫ କରିଛି। ଅଭିଯୁକ୍ତଜଣଙ୍କ ହେଲେ, ସାହାରପଡ଼ା ବଜାରରେ ଥିବା ସର୍ବେଶ୍ୱର ଔଷଧ ଦୋକାନର ମାଲିକ ପାଟଣା ଥାନା ରାୟପୁର ଗ୍ରାମର ମନୋଜ କୁମାର ମହାନ୍ତ।

ସାହାରପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ତଥା ପଣ୍ଡାପଡ଼ା ଥାନା ଧରାପଡ଼ା ଗ୍ରାମର ବିଜୟ ମୁଣ୍ଡାଙ୍କ ପୁଅ ଶୁକଦେବଙ୍କୁ କାଛୁକୁଣ୍ଡିଆ ହୋଇଥିବାରୁ ତାଙ୍କ ବାପା ସାହାରପଡ଼ା ବଜାରରେ ଥିବା ସର୍ବେଶ୍ୱର ଔଷଧ ଦୋକାନକୁ ମଲମ କିଣିବାକୁ ଯାଇଥିଲେ। କିନ୍ତୁ ଔଷଧ ଦୋକାନୀ ମନୋଜ ତାଙ୍କୁ ଇଞ୍ଜେକସନ୍ ଦେବାକୁ କହିଥିଲା। ଇଞ୍ଜେକସନ୍ ନେବାର କିଛି ସମୟ ପରେ ଶୁକଦେବଙ୍କ ବାନ୍ତି ହେବା ସହ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ କରଞ୍ଜିଆ ମେଡିକାଲକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ମନୋଜ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ପାଟଣା ପୁଲିସ୍ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉଦୟପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କ ସହାୟତାରେ ତଦନ୍ତ କରି ଶୁକଦେବ ନେଇଥିବା ଇଞ୍ଜେକସନ୍‌କୁ ଜବତ କରିଥିଲେ। ଏହାସହ ଆଜି ମନୋଜଙ୍କୁ କେନ୍ଦୁଝରରୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଘଟଗାଁ ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି। ପୁଲିସ୍ ତାଙ୍କଠାରୁ ୨ଟି ଇଞ୍ଜେକସନ୍ ଜବତ କରିଛି। ତେବେ ଉକ୍ତ ମେଡିସିନ୍ ଦୋକାନ ମାଲିକ ଫାର୍ମାସିଷ୍ଟ ସାର୍ଟିଫିକେଟ୍ ଭଡ଼ାରେ ଆଣି ଔଷଧ ଦୋକାନ ଚଳାଉଥିବା ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଇ ଔଷଧ ଦୋକାନକୁ ଯାଞ୍ଚ କରିବାକୁ ଦାବି ହେଉଛି।



## ହାତୀଦାନ୍ତ ମାଫିଆଙ୍କ ଆତଙ୍କରାଜ

# ବନ ଅଧିକାରୀଙ୍କୁ ୪ ରାଉଣ୍ଡ ଗୁଳି

**ମୁନିଗୁଡ଼ା,୧୫।୧୨(ସମିସ):** ହାତୀଦାନ୍ତ ଚୋରାଚାଲାଣର ତଦନ୍ତ କରିବା ପାଇଁ ଗାଁକୁ ଯାଇଥିବା ବନ ବିଭାଗ ଟିମ୍ ଉପରକୁ ଗୁଳିମାଡ଼। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବନଖଣ୍ଡ ମୁନିଗୁଡ଼ା ରେଞ୍ଜ ଜାରପା ଗ୍ରାମରେ ଶନିବାର ରାତିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ହାତୀଦାନ୍ତ ମାଫିଆମାନେ ବନ ବିଭାଗ ଗାଡ଼ି ଉପରକୁ ୪ ରାଉଣ୍ଡ ଗୁଳି କରିଛନ୍ତି। ତେବେ ଜୀବନ ବଞ୍ଚାଇ ବନ ବିଭାଗ କର୍ମଚାରୀ ସେଠାରୁ ଖସି ଆସିଥିବା ଜଣାପଡ଼ିଛି। କିନ୍ତୁ ଏ ସଂପର୍କରେ ବନ ବିଭାଗ ଅଧିକାରୀମାନେ ମୁହଁ ଖୋଲୁନାହାନ୍ତି।

ସୂଚନାନୁଯାୟୀ, ରାୟଗଡ଼ା ବନଖଣ୍ଡ ମୁନିଗୁଡା ରେଞ୍ଜ ମାଲିମୁଣ୍ଡା ଓ ଜାରପା ଗ୍ରାମର କିଛି ମାଫିଆ ହାତୀ ଦାନ୍ତ ଡିଲ୍ ପାଇଁ ଛତିଶଗଡ଼ ରାଜ୍ୟର ବେପାରୀଙ୍କ ସହ ଯୋଗାଯୋଗ କରିଥିଲେ। ଛତିଶଗଡ଼ ବନ ବିଭାଗ ଟିମ୍ ସୂଚନା ପାଇ ମାଫିଆଙ୍କ ପିଛା କରିବା ସହ ରାୟଗଡ଼ା ଜିଲ୍ଲା ବନ ବିଭାଗକୁ ଖବର ଦେଇଥିଲା। ପରେ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ମୁନିଗୁଡା ରେଞ୍ଜରଙ୍କ ସମେତ ଅମ୍ବାଦଳା ଓ ମୁନିଗୁଡା ବନ ବିଭାଗ, ପଡ଼ୋଶୀ କଳାହାଣ୍ଡି ସାଉଥ୍ ରେଞ୍ଜ ବନବିଭାଗ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଡିଲ୍ ବେଳେ ହାତୀଦାନ୍ତ ସହ ୫ଜଣ ମାଫିଆଙ୍କୁ କାବୁ କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

ତେବେ ସେମାନଙ୍କ ସହ ସାମିଲ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ରାତିରେ ମୁନିଗୁଡ଼ା ରେଞ୍ଜ ଶିବପଦର ପଞ୍ଚାୟତ ଜାରପା ଗ୍ରାମରେ ପହଞ୍ଚିଥିଲେ। ଏହା ଦେଖି ଦୁର୍ବୃତ୍ତମାନେ ଅସ୍ତ୍ରଶସ୍ତ୍ର ଆଣିବାକୁ ଘର ଭିତରକୁ ଦୌଡ଼ି ପଶି ଯାଇଥିଲେ। ବନ ବିଭାଗ କର୍ମଚାରୀମାନେ ସନ୍ଦେହ କରି ଗାଡ଼ି ଭିତରେ ବସି ଖସି ଯିବାକୁ ଚେଷ୍ଟା କରିବା ବେଳେ କିଛି ଅଭିଯୁକ୍ତ ଗାଡ଼ି ସମ୍ମୁଖକୁ ଆସି ୪ ରାଉଣ୍ଡ ଗୁଳି ଚଳାଇଥିବା ଜାଣିବାକୁ ମିଳିଛି। ତେବେ ଜୀବନ ବଞ୍ଚାଇ ବନ କର୍ମଚାରୀମାନେ ସେଠାରୁ ଖସି ଆସିଛନ୍ତି।



> ବନ ବିଭାଗ ପଞ୍ଝାରେ ୫ ମାଫିଆ, ଦାନ୍ତ ଜବତ

## ପଛରେ ପଡ଼ିଛି ମହାନଗର

# ପୁରୁଷ ବନ୍ଧ୍ୟାକରଣରେ ଉଦାହରଣ ସାଜିଛି ଆଦିବାସୀ ଜିଲ୍ଲା

**ଭୁବନେଶ୍ୱର,୧୫।୧୨(ସମିସ):** ବନ୍ଧ୍ୟାକରଣ ଅସ୍ତ୍ରୋପଚାରରେ ପୁରୁଷମାନେ ପଛକୁ ହଟି ଯାଉଥିବା ବେଳେ ମହିଳାମାନେ ଆଗରେ ରହିବା ସାଧାରଣ କଥା। କିନ୍ତୁ ଓଡିଶାର ଆଦିବାସୀ ବହୁଳ ଜିଲ୍ଲାର ପୁରୁଷମାନେ ସାରା ଦେଶ ପାଇଁ ଉଦାହରଣ ରଖିଛନ୍ତି। କୋରାପୁଟ, ରାୟଗଡ଼ା, ସୁନ୍ଦରଗଡ଼ ଜିଲ୍ଲାରେ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ପ୍ରତି ପୁରୁଷମାନଙ୍କ ଆଗ୍ରହ ବଢୁଛି, କିନ୍ତୁ ଭୁବନେଶ୍ୱର, ସମ୍ବଲପୁର, କଟକ, ବ୍ରହ୍ମପୁର, ପୁରୀ ଭଳି ସ୍ଥାନରେ ଏହାର ବିପରିତ ଧାରା ଦେଖିବାକୁ ମିଳୁଛି। ଏହି ସଫଳତା ପଛରେ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଆଶା, ଅଙ୍ଗନବାଡ଼ି ତଥା ସ୍ୱାସ୍ଥ୍ୟ କର୍ମୀମାନଙ୍କର ବଡ଼ ଭୂମିକା ରହିଛି।

ହସ୍ତଗତ ତଥ୍ୟ ଅନୁସାରେଳ କିଛି ମାସ ଭିତରେ କୋରାପୁଟରେ ୩୦୭, ସୁନ୍ଦରଗଡ଼ରେ ୨୮୨, ରାୟଗଡ଼ାରେ ୨୬୪ ଜଣ ପୁରୁଷ ବନ୍ଧ୍ୟାକରଣ କରାଇଛନ୍ତି। ଏହି ସମୟରେ କଟକରେ ମାତ୍ର ୨୮, ଖୋର୍ଦ୍ଧାରେ ୨୬, ଗଞ୍ଜାମରେ ୬୯, ବାଲେଶ୍ୱରରେ ୮୦, ମାଲକାନଗିରିରେ ୫୪ ଜଣ ପୁରୁଷ ଏହି ତାଲିକାରେ ସାମିଲ ହୋଇଛନ୍ତି। ବଡ଼ ବଡ଼ ସହରରେ ଲୋକଲଜ୍ଜାକୁ ଡରି ଅଧିକାଂଶ ପୁରୁଷ ପରିବାର ନିୟୋଜନ ଅସ୍ତ୍ରୋପଚାରଠାରୁ ଦୂରେଇ ରହୁଥିବା କୁହାଯାଇଛି। ପୁରୁଷ ବନ୍ଧ୍ୟାକରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଯୋଜନା କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୧୭୯୨ ଜଣ ପୁରୁଷ ବନ୍ଧ୍ୟାକରଣ ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ୨ ହଜାର ଅସ୍ତ୍ରୋପଚାର ପାଇଁ ବିଭାଗ ଲକ୍ଷ୍ୟ ରଖିଛି। ଗତ ଆର୍ଥିକ ବର୍ଷରେ ସମ୍ବଲପୁର, ନୟାଗଡ଼, ଅନୁଗୁଳ, ଢେଙ୍କାନାଳ ଭଳି ଜିଲ୍ଲାରେ ପୁରୁଷ ବନ୍ଧ୍ୟାକରଣ ସଂଖ୍ୟା ଦୁଇ ଅଙ୍କ ଟପିପାରି ନାହିଁ। ବଲାଙ୍ଗିର, ଦେବଗଡ଼ ଜିଲ୍ଲାରେ ଜଣେ ହେଲେ ବି ପୁରୁଷ ବନ୍ଧ୍ୟାକରଣ କରି ନାହାନ୍ତି। ୨୦୨୦-୨୧ ମସିହାରେ ରାଜ୍ୟରେ ୭୧୯ ଜଣ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଇଥିବା ବେଳେ ୨୦୨୧-୨୨ରେ ୧୫୬୯, ୨୦୨୨-୨୩ରେ ୧୭୮୨ ଜଣ ପୁରୁଷ ବନ୍ଧ୍ୟାକରଣ କରାଇଛନ୍ତି। ଯଦି ମହିଳା ବନ୍ଧ୍ୟାକରଣ କଥା ଦେଖାଯାଏ, ତା'ହେଲେ ଯେଉଁଠି ହଜାରେରୁ କମ୍ ପୁରୁଷ ଆଗକୁ ଆସୁଛନ୍ତି, ସେଠି ୭୦/୮୦ ହଜାର ମହିଳା ଅସ୍ତ୍ରୋପଚାର କରାଉଛନ୍ତି। ୨୦୨୧-୨୨ରେ ୮୨୧୫୨ ମହିଳା ପରିବାର ନିୟୋଜନ ଅସ୍ତ୍ରୋପଚାର କରାଇଥିବା ବେଳେ ୨୦୨୨-୨୩ରେ ଏହି ସଂଖ୍ୟା ୯୨,୫୨୯ ଅଛି। ତେବେ ଗତ ଆର୍ଥିକ ବର୍ଷରେ ଏହା ହ୍ରାସ ପାଇ ୭୯,୫୮୩ରେ ପହଞ୍ଚିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ମହିଳାଙ୍କ କ୍ଷେତ୍ରରେ ପରିବାର ନିୟୋଜନ ଅସ୍ତ୍ରୋପଚାର ବେଦନା ଦାୟକ ହୋଇଥିବା ବେଳେ ପୁରୁଷଙ୍କ କ୍ଷେତ୍ରରେ ଏହା ବହୁତ ସହଜ। ପୁରୁଷଙ୍କ ଶରୀର କାଟିବାକୁ ପଡି ନ ଥାଏ। ଏହା ସତ୍ତ୍ୱେ ମହିଳାଙ୍କ ତୁଳନାରେ ପୁରୁଷଙ୍କ ସଂଖ୍ୟା ନଗଣ୍ୟ ରହିବା ପଛରେ ବଡ଼ କାରଣ ହେଉଛି ସାମାଜିକ ଅପନିନ୍ଦା ଏବଂ କୁପ୍ରଥା। ଏହା ଦ୍ୱାରା ପୁରୁଷଙ୍କ କ୍ଷେତ୍ରରେ ଶାରୀରିକ ଅକ୍ଷମତା ଦେଖାଦିଏ ବୋଲି ଯାହା କୁହାଯାଏ ତାହା ସମ୍ପୂର୍ଣ୍ଣ ମିଥ୍ୟା। ପରିବାର ନିୟୋଜନ ଅସ୍ତ୍ରୋପଚାର କଲେ ପୁରୁଷଙ୍କୁ ସରକାର ୨ ହଜାର ଏବଂ ମହିଳାମାନଙ୍କୁ ୧୪୦୦ ଟଙ୍କା ଆର୍ଥିକ ପ୍ରୋତ୍ସାହନ ଦେଉଛନ୍ତି।

> ସାମାନ୍ୟ କମିଲା ମହିଳା ବନ୍ଧ୍ୟାକରଣ

# ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପକ୍ଷରୁ ଆୟୋଜିତ ମିନି ମାରାଥନର କୃତୀ ପ୍ରତିଯୋଗୀ





**ଭୁବନେଶ୍ୱର** ବାମରୁ ଯଦୁନାଥ ମାଝୀ (ପୁରୁଷ) ଓ ମାମିନା ମୁର୍ମୁ(ମହିଳା) ପ୍ରଥମ, ପରମେଶ୍ୱର ମାଝୀ (ପୁରୁଷ) ଓ ରାଜଲକ୍ଷ୍ମୀ ବଟୁ (ମହିଳା) ଦ୍ୱିତୀୟ ଏବଂ ଏସ୍ ଲୋକନାଥ (ପୁରୁଷ) ଓ ସୁମିତ୍ରା ସ୍ୱାଇଁ (ମହିଳା) ତୃତୀୟ





**କଟକ** ବାମରୁ ଦୀପୁ କିସ୍କୁ (ପ୍ରଥମ), ନାରାୟଣ ମୁର୍ମୁ (ଦ୍ୱିତୀୟ) ଓ ରାମ ହାଁସଦା (ତୃତୀୟ)





**ବାଲେଶ୍ୱର** ବାମରୁ ପୂଜା ସୋରେନ (ପ୍ରଥମ), କାଜଲ ସିଂ (ଦ୍ୱିତୀୟ) ଓ ଲକ୍ଷ୍ମୀପ୍ରିୟା ମୁର୍ମୁ (ତୃତୀୟ)





**ବ୍ରହ୍ମପୁର** ବାମରୁ ନାରାୟଣ ଗୌଡ଼ (ପ୍ରଥମ), ଚନ୍ଦ୍ରକାନ୍ତ ସାହୁ (ଦ୍ୱିତୀୟ) ଓ ସନ୍ତୋଷ କୁମାର ସେଠୀ (ତୃତୀୟ)



**ଜୟପୁର** ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ



**ଅନୁଗୋଳ** ଡାହାଣରୁ ସୁମନ ଦେହୁରୀ (ପ୍ରଥମ), ଶ୍ରୀତମ ସେଠୀ (ଦ୍ୱିତୀୟ) ଏବଂ ଅସିତ କୁମାର ସ୍ୱାଇଁ (ତୃତୀୟ)



**ପୁରୀ** ପୁରୁଷ ବର୍ଗରେ ଲିପୁନା ଜେନା ପ୍ରଥମ, ସୋମନାଥ ମୁଦୁଲି ଦ୍ୱିତୀୟ, ସ୍ୱାଧୀନ ବେହେରା ତୃତୀୟ ଏବଂ ମହିଳା ବର୍ଗରେ ଶୁଭଶ୍ରୀ ସାହୁ ପ୍ରଥମ, ମାମାଲି ନାୟକ ଦ୍ୱିତୀୟ, ପ୍ରୀତି ପତି ତୃତୀୟ






**ରାଉରକେଲା** ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ

# 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା























## ଯାତ୍ରାପାର୍ଟି ତୋରଣ ଗେଟ୍ ଭୁଶୁଡ଼ି ୫୦ରୁ ଊର୍ଦ୍ଧ୍ୱ ଆହତ

**ସାଲେପୁର,୧୫।୧୨(ସମିସ):** ଯାତ୍ରାପାର୍ଟି ଏଣ୍ଟ୍ରି ଗେଟ୍ (ସମ୍ମୁଖ ତୋରଣ) ଭୁଶୁଡ଼ି ପଡ଼ିବାରୁ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ୭ଜଣ ଗୁରୁତର ଆହତ ହୋଇଛନ୍ତି। ଗତକାଲି ସାଲେପୁର ଥାନା ଅନ୍ତର୍ଗତ ରାଇସୁଙ୍ଗୁଡ଼ା ଶନିପଡ଼ିଆରେ ରାଜାରାଣୀ ଯାତ୍ରା ରଙ୍ଗମଞ୍ଚ ପକ୍ଷରୁ ଯାତ୍ରା ମଞ୍ଚସ୍ଥ କରାଯାଉଥିଲା। ରାତି ପ୍ରାୟ ୧୨ଟାରେ ଦର୍ଶକମାନେ ଏଣ୍ଟ୍ରି ଗେଟ୍ ଦେଇ ଭିତରକୁ ପଶୁଥିବା ସମୟରେ ହଠାତ୍ ଏଣ୍ଟ୍ରି ଗେଟ୍ ଭୁଶୁଡ଼ି ପଡ଼ିବାରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପୁରୁଷ, ବୟସ୍କ, ମହିଳା, ଛୋଟ ପିଲାମାନେ ଆହତ ହୋଇଥିବା ବେଳେ ୭ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତଙ୍କ ମଧ୍ୟରେ ରାଇସୁଙ୍ଗୁଡ଼ାର ରଶ୍ମି ବାରିକ, ଆନନ୍ଦପୁରର ଶିଶିର ନାୟକ, ଗଙ୍ଗେଶ୍ୱରର ମଙ୍ଗୁ ଖାଁ, କାନପୁରର କାଳନ୍ଦୀ ସାହୁ, ମାହାଙ୍ଗା ଅଞ୍ଚଳର ମଣ୍ଟୁ ବିଶ୍ୱାଳ ସମେତ ୭ଜଣ ଗୁରୁତର ଆହତ ହୋଇଥିଲେ। ହଠାତ୍ ତୋରଣ ଗେଟ୍‌ଟି ଭୁଶୁଡ଼ି ପଡ଼ିବାରୁ ଗେଟ୍ ତଳେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଦର୍ଶକ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ସାଲେପୁର ପୁଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତ ଓ ଗୁରୁତରଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ଗୁରୁତରମାନଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଆଜି ସାଲେପୁର ପୁଲିସ ଏକ ମାମଲା ରୁଜୁ କରି ଯାତ୍ରାପାର୍ଟିର ମ୍ୟାନେଜର୍ ତଥା ହିରୋ ଯାଜପୁର ଅଞ୍ଚଳର ଇନ୍ଦ୍ରଜିତ୍ ବରାଳଙ୍କୁ ଗିରଫ କରାଯାଇଥିବା ସାଲେପୁର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ଗତକାଲି ରାଜାରାଣୀ ଅପେରା ପକ୍ଷରୁ ସୁପରହିଟ୍ ନାଟକ ଯାଜପୁରିଆ ବନ୍ଧୁ ନାଟକ ମଞ୍ଚସ୍ଥ ହେଉଥିଲା। ମାତ୍ରାଧିକ ଦର୍ଶକ ଏକ ସଙ୍ଗେ ଏଣ୍ଟ୍ରାନ୍ସ ଗେଟ୍‌ରେ ଏଣ୍ଟ୍ରି କରିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି।



- ୭ ଗୁରୁତରଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର
- ଯାତ୍ରାପାର୍ଟି ସଂସ୍ଥାର ମ୍ୟାନେଜର ଗିରଫ

■ 'ପରବ' ମଞ୍ଚରେ ରାଜନୀତି

## ବାହିନୀପତି- ବଳଭଦ୍ର କଥା କଟାକଟି

**କୋରାପୁଟ, ୧୫।୧୨ (ସମିସ):** ଶନିବାର 'ପରବ' ମୁଖ୍ୟ ସମାରୋହ ଉଦଘାଟନୀ ମଞ୍ଚ ପାଲଟିଥିଲା ରାଜନୀତିର ମଞ୍ଚ। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ବିଭିନ୍ନ ଦାବି ଉପସ୍ଥାପନ କରିଥିବା ବେଳେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ପ୍ରତିକ୍ରିୟାଶୀଳ ହୋଇ କଂଗ୍ରେସ ସରକାରକୁ କଟାକ୍ଷ କରିଥିଲେ। କିଛି ସମୟ ଧରି ଉଭୟଙ୍କ ମଧ୍ୟରେ ମଞ୍ଚ ଉପରେ କଥା କଟାକଟି ହୋଇଥିବା ଦେଖିବାକୁ ମିଳିଥିଲା। ଏହା ଜିଲ୍ଲା ରାଜନୀତିକୁ ଉଷ୍ମ କରିଥିବା ବେଳେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ଶନିବାର କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ 'ପରବ' ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସମାରୋହରେ ଜୟପୁର ବିଧାୟକ ଶ୍ରୀ ବାହିନୀପତି ଯୋଗଦେଇ ନିଜ ଅଭିଭାଷଣରେ କୋରାପୁଟ ଜିଲ୍ଲାର ବିଭିନ୍ନ ସମସ୍ୟା ଓ ଦାବିଗୁଡ଼ିକ ଉପରେ ବକ୍ତବ୍ୟ ରଖିଥିଲେ। କୋରାପୁଟ ମେଡ଼ିକାଲ କଲେଜ ବର୍ତ୍ତମାନ ରେଫରାଲ ହସ୍ପିଟାଲ ହୋଇଥିବା କହିବା ସହ ତାହା ନାମକୁ ମାତ୍ର ମେଡ଼ିକାଲ କଲେଜ ବୋଲି କହିଥିଲେ। ରୋଗୀଙ୍କ ମେଡିକାଲ ଉପରେ ଆସ୍ଥା ନଥିବା ଓ ଠିକ୍‌ରେ ଚିକିତ୍ସା ମିଳୁନଥିବା ଅଭିଯୋଗ ଆଣିଥିଲେ। କୋରାପୁଟଠାରେ ଭାରତ ସରକାର ଏକ ଏମ୍ସ ପ୍ରତିଷ୍ଠା କରିବାକୁ ବାହିନୀପତି ଦାବି କରିଥିଲେ। ଏଥିସହ ଦିନ ସମୟରେ କୋରାପୁଟଠାରୁ ଭୁବନେଶ୍ୱର ଟ୍ରେନ୍, କୋରାପୁଟ ଆଦିବାସୀ ଭାଷାକୁ ଜାତୀୟ ମାନ୍ୟତା, ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜିଲ୍ଲାଭିତ୍ତିକ ନିଯୁକ୍ତି, କୋରାପୁଟଠାରୁ ଦିଲ୍ଲୀକୁ ବନ୍ଦେ ଭାରତ ଟ୍ରେନ୍ ଚଳାଇବା, କଡ଼ାକଡ଼ି ଭାବେ ପେସା ଆଇନ କାର୍ଯ୍ୟକାରୀ କରିବା, କୋରାପୁଟରେ ସୈନିକ ସ୍କୁଲ ପ୍ରତିଷ୍ଠା, ଜୟପୁର ଜଗନ୍ନାଥ ସାଗର ପୁନରୁଦ୍ଧାର ପାଇଁ ଆବଶ୍ୟକ ପାଣ୍ଠି ଯୋଗାଇ ଦେବା ପ୍ରଭୃତି ଦାବି ଉପରେ ବିଧାୟକ ବାହିନୀପତି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବାହିନୀପତିଙ୍କ ଦାବିଗୁଡ଼ିକ ଶୁଣି ସ୍ଥାନୀୟ ଯୁବଗୋଷ୍ଠୀ ଓ ବିଭିନ୍ନ ସଂଗଠନର ସଦସ୍ୟମାନେ ଜୋରଦାର ତାଳି ସହ ସପକ୍ଷରେ ସ୍ଲୋଗାନ ଦେଇଥିଲେ। ପରେ ସାଂସଦ ବଳଭଦ୍ର ମାଝୀ ପ୍ରତିକ୍ରିୟାଶୀଳ ହୋଇ ନିଜ ବକ୍ତବ୍ୟରେ ଶ୍ରୀ ବାହିନୀପତିଙ୍କୁ ଜବାବ ଦେଇଥିଲେ। ସାଂସଦ ଶ୍ରୀ ମାଝୀ ବକ୍ତବ୍ୟ ରଖି ଅବିଭକ୍ତ କୋରାପୁଟ ଜିଲ୍ଲାର ବିକାଶ ପଛରେ ପଡ଼ିବା କାରଣ କଂଗ୍ରେସ ବୋଲି କଟାକ୍ଷ କରିଥିଲେ। ବାହିନୀପତିଙ୍କ ଦଳ ଓଡ଼ିଶା ଓ ଦେଶକୁ ଅନେକ ବର୍ଷ ଶାସନ କରିଛି। କିନ୍ତୁ କୋରାପୁଟ ବିକାଶ ପ୍ରତି କେବେ ଧ୍ୟାନ ଦେଇନାହିଁ ବୋଲି ସେ କହିଥିଲେ। ଶ୍ରୀ ବାହିନୀପତି ଆଜି ପେସା ଆଇନ ଓ ସ୍ଥାନୀୟ ନିଯୁକ୍ତି କଥା କହି ରାଜନୀତି କରୁଛନ୍ତି। ଏହି କଥାକୁ ନେଇ କିଛି ସମୟ ପାଇଁ ଉଭୟଙ୍କ ମଧ୍ୟରେ ବାଦିପାଲା ଚାଲିଥିଲା ବେଳେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିଥିଲେ।

## ଶ୍ରୀମନ୍ଦିରରୁ ବଙ୍ଗୀୟ ଲୁଟେରା ଗ୍ୟାଙ୍ଗ ଠାବ

**ପୁରୀ, ୧୫।୧୨ (ସମିସ):** ଶ୍ରୀମନ୍ଦିର ଭିତରେ ଭକ୍ତଙ୍କୁ ଲୁଟ୍ କରୁଥିବା ଏକ ବଡ଼ ଗ୍ୟାଙ୍ଗକୁ ଠାବ କରିଛି ସିଂହଦ୍ୱାର ଥାନା ପୁଲିସ୍। ଗ୍ୟାଙ୍ଗର ୪ ମହିଳାଙ୍କ ସମେତ ୭ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୨୨ଗ୍ରାମ୍ ଓଜନର ଏକ ସୁନାଚେନ୍, ଗୋଟିଏ ସ୍କର୍ପିଓ, ୪ହଜାର ଟଙ୍କା ଓ ମୋବାଇଲ୍ ଜବତ କରିଛି। ଅଭିଯୁକ୍ତମାନେ ହେଲେ, ଶୁଭଙ୍କର ସରକାର, ରାଧିକା ଚୌଧୁରୀ, ଜୁଲି ଗୁପ୍ତା, ପୂଜା ସାହୁ, ଆଶା ଦାସ, ଅରୁଣ ମୁଦାଲି ଓ ରାହୁଲ ଦାସ। ସମସ୍ତଙ୍କ ଘର ପଶ୍ଚିମବଙ୍ଗରେ। ସେମାନେ ଏକ ସ୍କର୍ପିଓରେ ପୁରୀ ଆସିଥିଲେ। ତେବେ ଆଗରୁ ଏମାନେ ଶ୍ରୀମନ୍ଦିର ଭିତରେ ଲୁଟ୍‌ପାଟ୍ କରିଛନ୍ତି କି ନାହିଁ, ସେ ସଂପର୍କରେ ପୁଲିସ୍ ଖୋଳତାଡ଼ କରୁଛି। ଆଜି ସମସ୍ତଙ୍କୁ କୋର୍ଟଚାଲାଣ କରିଛି।

ସୂଚନାନୁଯାୟୀ, ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ହେଉଛି। ଦ୍ୱିତୀୟ ଶନିବାର ପ୍ରବଳ ଗହଳି ଥିଲା। ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଖୋର୍ଦ୍ଧା ଫୁଲନଖରା ଥାନା ଜନ୍ମଜୟପୁରର ମମତା ସାମନ୍ତରାୟ ତାଙ୍କ ସମ୍ପର୍କୀୟଙ୍କ ସହ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ବେକରୁ ସୁନାଚେନ ଝାମ୍ପିନେବା ସହ ମନି ପର୍ସରୁ ୪୦୦୦ ଟଙ୍କା ନେଇଯାଇଥିଲା। ଖୋଜାଖୋଜି ପରେ ନ ପାଇବାରୁ ସିଂହଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ନାଟମଣ୍ଡପରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ନିୟୋଜିତ ସାଦା ପୋଷାକଧାରୀ ପ୍ରଥମେ ୩ଜଣ ପୁରୁଷ ଲୁଟେରାଙ୍କୁ କାବୁ କରିଥିଲେ। ସେମାନଙ୍କୁ ଜେରା କରିବା ପରେ ମହିଳା ଲୁଟେରାଙ୍କ ସମ୍ପର୍କରେ ସୂଚନା ପାଇଥିଲା ପୁଲିସ। ସେମାନଙ୍କଠାରୁ ୨୨ ଗ୍ରାମ୍ ଓଜନର ଏକ ସୁନାଚେନ୍, ୪ ହଜାର ଟଙ୍କା, ଗୋଟିଏ ସ୍କର୍ପିଓ (ନଂ.ଡବ୍ଲ୍ୟୁବି୩୮ଆର-୮୨୪୯) ଏବଂ ୪ଟି ମୋବାଇଲ ଫୋନ୍ ଜବତ ହୋଇଛି।

ଉଲ୍ଲେଖଯୋଗ୍ୟ, ଶ୍ରୀମନ୍ଦିରରେ ଏବେ ସକ୍ରିୟ ହୋଇଛନ୍ତି ବଙ୍ଗୀୟ ଲୁଟେରା। କିଛି ଦିନ ହେବ ଭିଡ଼ ଭିତରେ ଭକ୍ତ ଲୁଟ୍‌ର ଶିକାର ହେଉଛନ୍ତି। ଅନେକ ଭକ୍ତ ମୁହଁ ଖୋଲୁ ନଥିବା ବେଳେ କାଁ ଭାଁ ଅଭିଯୋଗ ପଦାକୁ ଆସୁଛି।

- ୪ ମହିଳାଙ୍କ ସମେତ ୭ ଗିରଫ, ସୁନାଚେନ୍ ଜବତ
- ସ୍କର୍ପିଓରେ ଆସି ପୁରୀରେ ବିଛାଇଥିଲେ ଲୁଟ୍‌ର ଜାଲ

'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ମିନି ମାରାଥନ୍

# ଫିଟ୍ ରହିବା ପାଇଁ ଦୌଡ଼ ଭଲ ଅଭ୍ୟାସ

## ମହିଳାରେ ଶୁଭଶ୍ରୀ, ପୁରୁଷରେ ଲିପୁନା ପ୍ରଥମ

ପୁରୀ,୧୫।୧୨(ସମିସ)

ଅସରନ୍ତି ସମ୍ଭାବନାକୁ ସାଥୀରେ ଧରି ପ୍ରତ୍ୟେକଙ୍କ ଜୀବନରେ ଆସେ ଏକ ନୂଆ ସକାଳ। ଏହି ସକାଳର ଆଗମନରେ ଘୁଞ୍ଚିଯାଏ ରାତିର ଅନ୍ଧାର। ପୁଣି କେହି ଶୁଭ ଖବର ପାଇବାକୁ ଚାହିଁ ରହିଥାଏ ସକାଳକୁ। ଜୀବନର ନବପର୍ବ ଆରମ୍ଭ ହୁଏ ସକାଳର ସୁନେଲୀ କିରଣରୁ। ପୁଣି ସକାଳ ଆସେ 'ସକାଳ' ଖବରକାଗଜ ପୃଷ୍ଠାରେ ସତେଜ ଏବଂ ତାଜା ଖବର ନେଇ। ଚାରିବର୍ଷରେ ବେଶ୍ ପାଠକୀୟ ଭଲପାଇବା ସାଉଣ୍ଟିଥିବା 'ସକାଳ' କେବଳ ଖବର ଦେଇ ନ ଥାଏ ଜନସାଧାରଣଙ୍କୁ ସୁସ୍ଥତାର ମନ୍ତ୍ର ଦେବା ପାଇଁ ସକାଳୁ ବି ଦୌଡ଼ିଥାଏ। ଓଡ଼ିଶାର ଲୋକପ୍ରିୟ ଦୈନିକ ଖବରକାଗଜ 'ସକାଳ'ର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ରବିବାର 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ପୁରୀରେ ଅନୁଷ୍ଠିତ ହୋଇଥିଲା ମିନି ମାରାଥନ। ପାଦ ସହିତ ପାଦ ମିଶାଇ ଦୌଡ଼ିଥିଲେ ବହୁ ଯୁବଗୋଷ୍ଠୀ। ପୁରୁଷ ବିଭାଗରେ ଆୟୁଷ ଆଥଲେଟିକ୍‌ର ଲିପୁନା ଜେନା ପ୍ରଥମ, ଜିଲ୍ଲା ସ୍କୁଲ ଆଥଲେଟିକ୍‌ର ସୋମନାଥ ମୁଦୁଲି ଦ୍ୱିତୀୟ ଓ ଆୟୁଷ ଆଥଲେଟିକ୍‌ର ସ୍ୱାଧୀନ ବେହେରା ତୃତୀୟ ହୋଇଥିବା ବେଳେ ମହିଳା ବିଭାଗରେ ଜଙ୍ଗଲୀ କ୍ଲବର ଶୁଭଶ୍ରୀ ସାହୁ ପ୍ରଥମ, ଆଥଲେଟିକ୍ କ୍ଲବ ପୁରୀର ମାମାଲି ନାୟକ ଦ୍ୱିତୀୟ ଓ ଆୟୁଷ ଆଥଲେଟିକ୍‌ର ପ୍ରୀତି ପତି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି।

ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ପତାକା ଦେଖାଇ ଏହି ମାରାଥନକୁ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଉତ୍କଳ ବିଦ୍ୱତ୍ ପରିଷଦର ଅଧ୍ୟକ୍ଷ ମନୋଜ ରଥ, ସମାଜସେବୀ ପଦ୍ମନାଭ ଦାସ ପ୍ରମୁଖ ଶୁଭାରମ୍ଭ କରିଥିଲେ। ଏହି ମିନି ମାରାଥନ ହେଲିପ୍ୟାଡ ଛକ, ପିକେଆରଆଇଟି ଛକ, କେନ୍ଦ୍ରୀୟ ବିଦ୍ୟାଳୟ, ଭୁଦାନ ଛକ, ଫରେଷ୍ଟ ରୋଡ ଦେଇ ପୁନଶ୍ଚ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଶେଷ ହୋଇଥିଲା। ଆଜିକାଲି ସମସ୍ତେ ନିଜ ନିଜର ସ୍ୱାସ୍ଥ୍ୟକୁ ନେଇ ବେଶ୍ ଚିନ୍ତିତ। ତେଣୁ ପ୍ରତ୍ୟେକ ନିଜକୁ ଫିଟ୍ ରଖିବା ପାଇଁ ହେଲେ ଦୌଡ଼ିବା ଏକ ଭଲ ଅଭ୍ୟାସ। ଜୀବନର ପ୍ରତିଟି କ୍ଷଣରେ ପ୍ରତିଯୋଗିତାକୁ ସାମ୍ନା କରିବାକୁ ପଡ଼ିବ। କିନ୍ତୁ ନିଜ ଭିତରେ ପ୍ରତିଯୋଗିତା ମନୋଭାବ ନ ରଖି ଆଗକୁ ଦୌ÷ଡ଼ିବାକୁ ହେବ। ଏହାଦ୍ୱାରା ସଫଳତାର ଶୀର୍ଷକୁ ଛୁଇଁ ହେବ ବୋଲି ଅତିଥିମାନେ କହିଥିଲେ। 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ସଚେତନତା ଉଦ୍ଦେଶ୍ୟରେ ଆୟୋଜିତ ମିନି ମାରାଥନକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏଥିରେ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୁରୀର ଡିଫେନ୍ସ କ୍ଲବ, ଆୟୁଷ ଆଥଲେଟିକ୍, ବକ୍ସିଂ ଏକାଡେମୀ, ଜଙ୍ଗଲୀ କ୍ଲବ, ସଫ୍ଟବଲ ଆସୋସିଏସନ, ଜିଲ୍ଲା ସ୍କୁଲ ଆଥଲେଟିକ୍ସ, ଝାଡେଶ୍ୱରୀ କ୍ଲବ, ହ୍ୟାଣ୍ଡବଲ ଆସୋସିଏସନ, ପୁରୀ ଆଥଲେଟିକ୍ କ୍ଲବ, ଏସ୍‌ସିସି କଲେଜ ସମେତ ବିଭିନ୍ନ ଅନୁଷ୍ଠାନରୁ ପ୍ରତିଯୋଗୀ ଭାଗ ନେଇଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନେକ ମହିଳା ପ୍ରତିଯୋଗୀ ସାମିଲ ହୋଇ ଏହି ସଚେତନତା କାର୍ଯ୍ୟକ୍ରମରେ ନିଜର ସହଭାଗିତା ରଖିଥିଲେ। ଏହି ଅବସରରେ ଅତିଥିଙ୍କ ଉପସ୍ଥିତିରେ ଚତୁର୍ଥ ସ୍ୱନକ୍ଷତ୍ର ଦିବସ ପାଳନ ନେଇ ଜଣେ କୁନି ଆଥଲେଟଙ୍କ ଦ୍ୱାରା କେକ୍ କଟାଯାଇଥିଲା।

ଏହି ମିନି ମାରାଥନର ପୁରୁଷ ବିଭାଗରେ ଆୟୁଷ ଆଥଲେଟିକ୍‌ର ଲିପୁନା ଜେନା ପ୍ରଥମ, ଜିଲ୍ଲା ସ୍କୁଲ ଆଥଲେଟିକ୍‌ର ସୋମନାଥ ମୁଦୁଲି ଦ୍ୱିତୀୟ ଓ ଆୟୁଷ ଆଥଲେଟିକ୍‌ର ସ୍ୱାଧୀନ ବେହେରା ତୃତୀୟ ହୋଇଥିବା ବେଳେ ମହିଳା ବିଭାଗରେ ଜଙ୍ଗଲୀ କ୍ଲବର ଶୁଭଶ୍ରୀ ସାହୁ ପ୍ରଥମ, ଆଥଲେଟିକ୍ କ୍ଲବ ପୁରୀର ମାମାଲି ନାୟକ ଦ୍ୱିତୀୟ ଓ ଆୟୁଷ ଆଥଲେଟିକ୍‌ର ପ୍ରୀତି ପତି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ସେମାନଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଥିଲା।

ଏହି ଅବସରରେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପରିବାର ପକ୍ଷରୁ ଅତିଥି ଏବଂ ବିଭିନ୍ନ କଳା ପ୍ରଦର୍ଶନରେ ସାମିଲ ଅନୁଷ୍ଠାନଙ୍କୁ ସମ୍ମାନିତ କରାଯାଇଥିଲା। ଏତଦ୍‌ବ୍ୟତୀତ ସ୍ୱତନ୍ତ୍ର ଭାବେ ଭାରତର ସଫ୍ଟବଲ କୋଚ ରାଜକିଶୋର ପଟ୍ଟନାୟକ, ସେଭ୍ କୋଷ୍ଟାଲ ଲାଇଫ୍‌ର ସ୍ୱେଚ୍ଛାସେବୀ ପ୍ରକୃତିବନ୍ଧୁ ସରୋଜ ଜେନା, ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଲାଇଭ୍ ପେଣ୍ଟିଂ କରିଥିବା ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାମାଧବ କର ଏବଂ ଗୋଟିପୁଅ ପରିବେଷଣ କରିଥିବା ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, କୋଣାର୍କର ପ୍ରଧାନଶିକ୍ଷକ ତଥା ସମାଜସେବୀ ରାମକୃଷ୍ଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଅତିଥି ସମ୍ବର୍ଦ୍ଧନାରେ ଶ୍ରଦ୍ଧା ସ୍ମାରକୀ ପ୍ରଦାନ କରାଯାଇଥିଲା। 'ସକାଳ' ଜିଲ୍ଲା ପ୍ରତିନିଧି ହେମନ୍ତ ନାୟକ, 'ନନ୍ଦିଘୋଷ ଟିଭି' ବ୍ୟୁରୋ ମୁଖ୍ୟ ସୌମିତ୍ର ହରିଚନ୍ଦନ, ରବୀନ୍ଦ୍ରନାଥ ବାହିନୀପତି, ଶିବପ୍ରସାଦ ଦାସ, ସରୋଜ ମଲ୍ଲିକ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମଞ୍ଚ ସଂଚାଳନ କରିଥିଲେ ଯୁବ ଉଦ୍‌ଘୋଷକ ବିଶ୍ୱନାଥ ମିଶ୍ର। କାର୍ଯ୍ୟକ୍ରମକୁ ସାଗର ମଲ୍ଲିକ, ଅନୀଲ ସାହୁ, ବିକାଶ ପୃଷ୍ଟି, ବିକାଶ ମହାନ୍ତି, ଆନନ୍ଦ ସାହୁ, ସୁଜିତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



### ଆକର୍ଷଣ ସାଜିଲା ଗୋଟିପୁଅ




କୋଣାର୍କ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ଛାତ୍ରମାନେ ଗୋଟିପୁଅରେ ବନ୍ଧ ନୃତ୍ୟ ପରିବେଷଣ କରିଥିଲେ। ଗୋଟିପୁଅର ଚିରାଚରିତ ଧାରାରୁ ସାମାନ୍ୟ ବାହାରି ଏକ ଭିନ୍ନ ଢଙ୍ଗରେ ଏହାକୁ ମଞ୍ଚରେ ଦେଖାଇଥିଲେ କଳାକାର। ଯାହାକି ବେଶ୍ ଆକର୍ଷଣୀୟ ହୋଇଥିଲା। ଏହାକୁ ଉଭୟ ପ୍ରତିଯୋଗୀ ଏବଂ ଅତିଥି ସମସ୍ତେ ପ୍ରଶଂସା କରିଥିଲେ।

### ତିନି ପ୍ରତିଭା ସମ୍ବର୍ଦ୍ଧିତ

ମିନି ମାରାଥନ ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୩ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲା 'ସକାଳ' ଓ 'ନନ୍ଦିଘୋଷ ଟିଭି'। ଏହି ପ୍ରତିଭାମାନେ ହେଲେ ଭାରତୀୟ ସଫ୍ଟବଲ ଦଳର କୋଚ ରାଜକିଶୋର ପଟ୍ଟନାୟକ, ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ଓ ସେଭ୍ କୋଷ୍ଟାଲ ଲାଇଫ୍ ସ୍ୱେଚ୍ଛାସେବୀ ସଙ୍ଗଠନ ମୁଖ୍ୟ ପ୍ରକୃତିବନ୍ଧୁ ସରୋଜ କୁମାର ଜେନା। ଚଳିତବର୍ଷ ତାଇୱାନର ତାଇଚୁଙ୍ଗ ତାଇପେଇଠାରେ ଏସିଆନ ୟୁନିଭର୍ସିଟି ମହିଳା ସଫ୍‌ଟବଲର ଏସିଆ କପ୍ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପୁରୀର ରାଜକିଶୋର ପଟ୍ଟନାୟକ ଭାରତୀୟ ଦଳର କୋଚ୍ ଭାବେ ଯୋଗଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଅଳ୍ପକେ ପଦକରୁ ବଞ୍ଚିତ ହୋଇ ଚତୁର୍ଥ ସ୍ଥାନ ହାସଲ କରିଥିଲା। ୨୦୧୪ ମସିହାରେ ସେ ଭାରତୀୟ ପୁରୁଷ ଦଳର କୋଚ୍ ଭାବେ ସିଙ୍ଗାପୁର ଯାତ୍ରା କରିଥିଲେ। ଏଥିସହ ସେ ଅନ୍ତର୍ଜାତୀୟସ୍ତରରେ ସଫ୍ଟବଲର ଜଣେ ପରିଚିତ ରେଫରୀ ଅଟନ୍ତି। ସେହିପରି ବାଲୁକା ଶିଳ୍ପୀ ଶ୍ରୀ ସାହୁ କେବଳ ଓଡ଼ିଶା କି ଭାରତରେ ନୁହେଁ ବିଦେଶରେ ବି ବାଲୁକା କଳା ପ୍ରଦର୍ଶନ କରି ପ୍ରଶଂସା ସାଉଣ୍ଟିଛନ୍ତି। ପ୍ରକୃତି ବନ୍ଧୁ ଜେନା ବେଳାଭୂମି ସଫେଇ, ଅଲିଭରିଡ୍‌ଲେଙ୍କର ସୁରକ୍ଷା ଦିଗରେ କାମ କରୁଥିବା ବେଳେ ନିଜେ ମଧ୍ୟ ଝାଉ ଜଙ୍ଗଲ ତିଆରି କରିଛନ୍ତି।

### କାନ୍‌ଭାସରେ ନୌବୀରଙ୍କ ପରାକାଷ୍ଠା

ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମାରାଥନ ଅବସରରେ ରଙ୍ଗତୂଳୀରେ ଭାରତୀୟ ନୌବୀରଙ୍କ ପରାକାଷ୍ଠା ଦେଖାଇଥିଲେ। ନିକଟରେ ଗତ ୪ ତାରିଖରେ ପୁରୀରେ ପ୍ରଥମଥର ପାଇଁ ପାଳନ କରାଯାଇଥିଲା ନøସେନା ଦିବସ। ଏଥିପାଇଁ ପୁରୀ ସମୁଦ୍ରରେ ୧୨ଟି ଜାହାଜ ଲାଗିଥିବା ବେଳେ ବେଳାଭୂମିରେ ଟ୍ୟାଙ୍କ ଏବଂ ୪୭ଟି ବିମାନ, ଏୟାରକ୍ରାଫ୍ଟ ଦେଖିବାକୁ ମିଳିଥିଲା। ଏଥିରେ ନୌ ବୀରମାନେ ସେମାନଙ୍କ ପରାକାଷ୍ଠା ଏବଂ ଯୁଦ୍ଧ କୌଶଳ ଦେଖାଇଥିଲେ। ଶିଳ୍ପୀମାନେ କାନ୍‌ଭାସରେ ଏ ସବୁ ଦୃଶ୍ୟକୁ ବେଶ୍ ସ୍ପଷ୍ଟ ଭାବେ ଫୁଟାଇଥିଲେ।





























## ୫ଶହ ଦିବ୍ୟାଙ୍ଗଙ୍କୁ 'ଇ-ରିକ୍ସା' ବଣ୍ଟନ



**ସମ୍ବଲପୁର,୧୫।୧୨(ସମିସ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ରବିବାର ସମ୍ବଲପୁରରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ଉପକରଣ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏନେଇ ମହଲିଆ ଗ୍ରାମ ପଡ଼ିଆରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ ଯେ ଭିନ୍ନକ୍ଷମଙ୍କୁ ସାମାଜିକ ସୁରକ୍ଷାରେ ସାମିଲ କରିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ସେମାନଙ୍କୁ ଆବଶ୍ୟକ ସୁବିଧାସୁଯୋଗ ସହ ସରକାରଙ୍କ ପ୍ରୋତ୍ସାହନ ମିଳିଲେ ସେମାନେ ସାଧାରଣ ମଣିଷଙ୍କଠାରୁ ମଧ୍ୟ ଉତ୍କୃଷ୍ଟ ପ୍ରଦର୍ଶନ କରିପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲ୍ଲାରୁ ଆସିଥିବା ୫୦୦ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ବ୍ୟାଟେରୀ ଚାଳିତ ଇ-ରିକ୍ସା ବଣ୍ଟନ କରିଥିଲେ।

## ଭାରତୀୟ କନିଷ୍ଠ ମହିଳା ହକି ଦଳକୁ ନବୀନଙ୍କ ଶୁଭେଚ୍ଛା

**ଭୁବନେଶ୍ୱର,୧୫।୧୨(ସମିସ):** ଭାରତୀୟ ମହିଳା (କନିଷ୍ଠ) ହକି ଦଳର ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ମହିଳା ଏସିଆ କପରେ ଚୀନକୁ ୩-୨ ଗୋଲରେ ପରାସ୍ତ କରିବାରେ ଓଡ଼ିଶାର ହକି କ୍ରୀଡ଼ାବିତ୍ ସୁନେଲିତା ଟପ୍ପୋଙ୍କ ନିର୍ଣ୍ଣାୟକ ଗୋଲ ଖେଳର ଗତି ବଦଳାଇ ଦେଇଥିଲା। ଏଥିପାଇଁ ନବୀନ ସୋନାଲିତା ଓ ଭାରତୀୟ ହକି ଦଳକୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଭାରତୀୟ ଦଳର ଏହି ସଫଳତା ସାରା ଦେଶକୁ ଗର୍ବିତ କରିଛି ବୋଲି ଉଲ୍ଲେଖ କରି ନବୀନ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଅନିମେଶଙ୍କ ସହ ୭ ଓଡ଼ିଆଙ୍କୁ ଓଡ଼ିଶା କ୍ୟାଡର୍

**ଭୁବନେଶ୍ୱର, ୧୫ ।୧୨(ସମିସ):** ୨୦୨୩ ସିଭିଲ ସର୍ଭିସ୍ ପରୀକ୍ଷାରେ ଦ୍ୱିତୀୟ ରାଙ୍କ ପାଇଥିବା ତାଳଚେରର ଅନିମେଶ ପ୍ରଧାନଙ୍କୁ ମିଳିଛି ଓଡ଼ିଶା କ୍ୟାଡର୍। ତାଙ୍କ ସହ ୨୪ନଂ ରାଙ୍କରେ ଥିବା ପ୍ରଜ୍ଞାନନ୍ଦନ ଗିରି ଓ ୪୦୯ନଂ ରାଙ୍କରେ ଥିବା ସନ୍ତୋଷ କୁମାର ପାତ୍ରଙ୍କୁ ମଧ୍ୟ ଓଡ଼ିଶା କ୍ୟାଡର୍ ମିଳିଛି। ସେହିପରି ୫୪ ନଂ ରାଙ୍କରେ ଥିବା ହରିୟାଣାର ଇର୍ଶିସ୍ ବକ୍ସି, ୬୮ନଂ ରାଙ୍କରେ ଥିବା କେରଳର କସ୍ତୁରୀ ସା, ୭୧ ନମ୍ବରରେ ଥିବା କେରଳର ଫବି ରସିଦ, ୧୨୫ନଂ ରାଙ୍କରେ ଥିବା ରାଜସ୍ଥାନର ମୃଣାଳିକା ରାଠୋର, ୨୦୪ନଂ ରାଙ୍କରେ ଥିବା ଦିଲ୍ଲୀର ଶୁଭ୍ରା ପଣ୍ଡା, ୨୩୯ନଂ ରାଙ୍କରେ ଥିବା ୟୁପିର ପବନ କୁମାର, ୨୫୮ନଂ ରାଙ୍କର ମହାରାଷ୍ଟ୍ରର ବି.ଏସ୍ କଲ୍ୟାଣରାଓ ପ୍ରମୁଖଙ୍କୁ ଓଡ଼ିଶା କ୍ୟାଡର୍ ମିଳିଛି। ଅପରପକ୍ଷେ, ୩୬ନଂ ରାଙ୍କରେ ଥିବା ଓଡ଼ିଶାର ଆୟୂଷୀ ପ୍ରଧାନଙ୍କୁ ଆସାମ-ମେଘାଳୟ କ୍ୟାଡର୍ ମିଳିଥିବା ଜଣାପଡ଼ିଛି।

# ଓୟୋ ଛାତରୁ ପଡ଼ି ଯୁବକ ମୃତ

## ୩ ଦିନ ପରେ ମିଳିଲା ମୃତଦେହ

**ଭୁବନେଶ୍ୱର,୧୫।୧୨(ସମିସ):** ରାଜଧାନୀର ଭରତପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଓୟୋ ହୋଟେଲ ଛାତରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ରଣପୁର ଥାନା ମହତପଲ୍ଲୀର ଶୁକଦେବ ନାୟକଙ୍କ ପୁଅ ଦୀପକ ନାୟକ (୨୮)। ମୃତ୍ୟୁର ୩ଦିନ ପରେ ମୃତଦେହ ଜବତ କରିଛି ପୁଲିସ। ଅଘଟଣ ସମୟର ଦୃଶ୍ୟ ଛାତରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଫୁଟେଜ୍‌ରେ ଦୀପକ ଓହ୍ଲାଉଥିବା ଦେଖାଯାଉଥିବାରୁ ମୃତ୍ୟୁକୁ ନେଇ

### ବିଧବା ମହିଳାଙ୍କୁ ଡାକି ପଚରାଉଚରା



ସନ୍ଦେହ ସୃଷ୍ଟି ହୋଇଛି। ଅଘଟଣର ପରଦିନ ଦୀପକଙ୍କ ସାଥୀମାନେ ରୁମ୍ ଚେକ୍-ଆଉଟ୍ କରି ପଳାଇବା ପରିବାର ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ପରିବାରଲୋକେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଗଣମାଧ୍ୟମକୁ କହିଥିବା ବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ଭରତପୁର ଥାନା ପୁଲିସ।

ମିଳିଥିବା ସୂଚନା ଅନୁସାରେ, ମହତପଲ୍ଲୀର ଦୀପକ ପୂର୍ବରୁ ଏମ୍ସରେ ଝାଡୁଦାର ଭାବେ କାମ କରୁଥିଲେ। କିଛି ମାସ ପୂର୍ବେ ଏମ୍ସରୁ ଚାକିରି ଛାଡ଼ି ସହିଦନଗର ଅଞ୍ଚଳର ବିଧବା ମହିଳା ମିଲି (ଛଦ୍ମନାମ)ଙ୍କ ସହିତ ରହୁଥିଲେ। ମିଲିଙ୍କର ଏକ ଡ୍ୟାନ୍ସ ଗ୍ରୁପ୍ ମଧ୍ୟ ରହିଛି। କିଛି ଦିନ ପୂର୍ବରୁ ଏକ କାର୍ଯ୍ୟକ୍ରମ ପାଇଁ ବିହାର ଯାଇଥିବା ଦୀପକ, ମିଲି ଓ ଅନ୍ୟ ଦୁଇ ମହିଳା ଗତ ୧୧ ତାରିଖ ରାତିରେ ଭୁବନେଶ୍ୱର ଫେରିଥିଲେ। ବିଳମ୍ବିତ ରାତି ହୋଇଯିବାରୁ ଶ୍ୟାମପୁରସ୍ଥିତ ବିଜୟା ରେସିଡେନ୍ସି 'ଓୟୋ'ରେ ଗୋଟିଏ ରୁମ୍ ନେଇ ରହିଥିଲେ। ରୁମ୍‌ରେ ମିଲିଙ୍କ ସମେତ ୩ ମହିଳା ରହିଥିବାବେଳେ ଦୀପକଙ୍କୁ ରିସେପ୍ସନ୍‌ରେ ଶୋଇବାକୁ କୁହାଯାଇଥିଲା। ଖାଇବା ସମୟରେ କୌଣସି କାରଣକୁ ନେଇ ମିଲି ଓ ଦୀପକ ମଧ୍ୟରେ ଭୀଷଣ ଝଗଡ଼ା ହୋଇଥିଲା। ଏହାପରେ ଦୀପକ ରାଗିଯାଇ ଛାତ ଉପରକୁ ପଳାଇଥିଲେ। ୩ ମହଲା ଛାତରୁ ପଡ଼ି ତାଙ୍କର ମୃତ୍ୟୁ ହୋଇଥିଲା। ପରଦିନ ସକାଳୁ ମିଲି ଓ ଦୁଇ ମହିଳା ରୁମ୍ ଚେକ୍-ଆଉଟ୍ କରି ଚାଲି ଯାଇଥିଲେ। ଘଟଣାର ୩ ଦିନ ପରେ ଅର୍ଥାତ୍ ରବିବାର ସକାଳୁ ସ୍ଥାନୀୟ ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡ଼ିବାରୁ ଲୋକମାନେ ଖୋଜାଖୋଜି କରି ଓୟୋ ହୋଟେଲ କଡ଼ରେ ମୃତଦେହ ଠାବ କରିଥିଲେ।

ଖବର ପାଇ ଭରତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଓୟୋ ରେଜିଷ୍ଟରରୁ ଫୋନ୍ ନମ୍ବର ପାଇ ପ୍ରଥମେ ମିଲି ଓ ପରେ ଦୀପକଙ୍କ ପରିବାରକୁ ଯୋଗାଯୋଗ କରିଥିଲା।

ସେଦିନ ରାତିର ପୂରା ଘଟଣା ସିସିଟିଭିରେ କଏଦ ହୋଇଛି। ବୁଧବାର ରାତି ପ୍ରାୟ ୨ଟା ୩୪ ସମୟରେ ଦୀପକ ଛାତରୁ ତାଜା ପଟ ଦେଇ ଓହ୍ଲାଉଛନ୍ତି। ଦୀପକ ଓହ୍ଲାଉଥିବାରୁ ତାଙ୍କର ମୃତ୍ୟୁ କିପରି ହେଲା ତାକୁ ନେଇ ପ୍ରଶ୍ନ ଉଠିଛି। ଛାତରୁ ପଡ଼ି ମୃତ୍ୟୁ ହୋଇଥିବା କୁହାଯାଉଥିଲେ ମଧ୍ୟ ମିଲି ଓ ଅନ୍ୟ ଦୁଇ ମହିଳାଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଦୀପକ ରାଗିକି ଯାଇଥିବା ଜାଣିବା ପରେ ମଧ୍ୟ ମିଲି ଓ ଦୁଇ ମହିଳା କିପରି ଖୋଜାଖୋଜି କରି ନ ଥିଲେ ଓ ପରଦିନ କାହାରିକୁ କିଛି ନ ଜଣାଇ କିପରି ରୁମ୍ ଚେକ୍ ଆଉଟ୍ କରି ଚାଲି ଯାଇଥିଲେ। ପୂରା ଘଟଣା ସେମାନଙ୍କ ଭୂମିକାକୁ ସନ୍ଦେହ ଘେରକୁ ଠେଲି ଦେଇଛି। ମିଲିଙ୍କୁ ଥାନାକୁ ଡାକି ସେଦିନ ରାତିର ଘଟଣା ବିଷୟରେ ପଚରାଉଚରା କରିଛି ଭରତପୁର ଥାନା ପୁଲିସ। ସେପଟେ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଭରତପୁର ଥାନା ପୁଲିସ କେସ୍ ନଂ- ୩୬୫/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୌଡ଼ିଲା ସାରା...

ହୋଇ ଭୂଦାନ ଛକରେ ପରିସମାପ୍ତି ଘଟିଥିଲା। ରାଉରକେଲାରେ ଆମ୍ବବାଗାନା ଛକଠାରୁ ସେକ୍ଟର-୨ ଦୁର୍ଗାପୂଜା ପଡ଼ିଆ ପର୍ଯ୍ୟନ୍ତ ଓ ବ୍ରହ୍ମପୁରରେ ଏମ୍‌କେସିଜି ମେଡ଼ିକାଲ ଛକଠାରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱରରେ ଗାନ୍ଧୀ ସ୍ମୃତି ଭବନଠାରୁ ଫକୀର ମୋହନ ଛକ, ଅନୁଗୁଳରେ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରଠାରୁ ସର୍କିଟ୍ ହାଉସ୍ ଛକ, ଜୟପୁରରେ ରାଜନଅର ଜଙ୍କସନରୁ ମାରାଥନ ଆରମ୍ଭ ହୋଇ ସହର ପରିକ୍ରମା କରିବା ପରେ ସେଇଠି ସମାପ୍ତି ଘଟିଛି।

ମାରାଥନ୍ ବେଳେ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଥିବାବେଳେ ସକାଳର ଏପରି ପ୍ରୟାସକୁ ରାଜ୍ୟବ୍ୟାପୀ ଉଚ୍ଚ ପ୍ରଶଂସା ମିଳିଛି। ପାଠକଙ୍କ ପ୍ରିୟ ତଥା ବହୁଳ ପ୍ରସାରିତ 'ସକାଳ'ର ସ୍ୱନକ୍ଷତ୍ର ଅବସରରେ ଜନସଚେତନତା ସୃଷ୍ଟି ପାଇଁ ଏହି ମାରାଥନ୍ ଦୌଡ଼ର ସିଧା ପ୍ରସାରଣ ନନ୍ଦିଘୋଷ ଟିଭିରେ କରାଯାଇଥିଲା। ସକାଳର ଭୁବନେଶ୍ୱର ବ୍ୟୁରୋ କାର୍ଯ୍ୟାଳୟ ସହ ବିଭିନ୍ନ ସଂସ୍କରଣର ଆଞ୍ଚଳିକ ମୁଖ୍ୟ, ଜିଲ୍ଲା ପ୍ରତିନିଧି ଏବଂ ଅନ୍ୟ କର୍ମଚାରୀଙ୍କ ସହଯୋଗରେ ଏହି ମାରାଥନ୍ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି।

### ବରିଷ୍ଠରେ ପ୍ରସମିତ...

ସରକାରୀ କାର୍ଯ୍ୟ ଓ ବିକାଶ କାର୍ଯ୍ୟକୁ ଗତି ମିଳିବ। ଦେଶର ଜିଡିପି ପ୍ରାୟ ୧.୫ ପଏଣ୍ଟ ଲମ୍ଫ ମାରିବ। ଭୋଟଦାନ ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ବଢ଼ିବ। ଅନ୍ୟପକ୍ଷରେ ଏହା ବିପକ୍ଷରେ ମଧ୍ୟ ଯୁକ୍ତି ବାଢ଼ି କହିଛନ୍ତି, ଥରେ ନିର୍ବାଚନ ସରିଲା ପରେ ୫ବର୍ଷ ପର୍ଯ୍ୟନ୍ତ ସରକାର ନିଜର ଇଚ୍ଛା ମୁତାବକ କାର୍ଯ୍ୟ କରିବେ। କାରଣ ଆଗକୁ ନିର୍ବାଚନ ନ ଥିବାରୁ ଲୋକଙ୍କ ଆକ୍ରୋଶକୁ ସରକାର ସମ୍ମୁଖୀନ ହେବେନାହିଁ। ପାଞ୍ଚ ବର୍ଷରେ ଥରେ ନିର୍ବାଚନ ହେଲେ ରାଜନୈତିକ ଦଳଗୁଡ଼ିକ ଅପର୍ଯ୍ୟାପ୍ତ ଟଙ୍କା ବ୍ୟୟ କରିବେ। ଫଳରେ ଖର୍ଚ୍ଚ କମିବା ବଦଳରେ ଢେର୍ ବଢ଼ିବାର ଆଶଙ୍କା ରହିଛି। ଜାତୀୟ ଦଳକୁ ଆଞ୍ଚଳିକ ଦଳଗୁଡ଼ିକ ପ୍ରତିଦ୍ୱନ୍ଦ୍ୱିତା କରିପାରିବେନି। ଫଳରେ ଆଞ୍ଚଳିକ ହିଂସା ଓ ବିଦ୍ୱେଷ ବଢ଼ିବ ବୋଲି ପ୍ରତିଯୋଗୀମାନେ ମତ ପ୍ରକାଶ କରିଥିଲେ।

ଉଭୟ ପ୍ରତିଯୋଗିତାରେ ବିଚାରକ ଭାବେ ଗାନ୍ଧୀବାଦୀ ତଥା ସ୍ତମ୍ଭକାର ପ୍ରହଲ୍ଲାଦ ସିଂହ, ସ୍ତମ୍ଭକାର ଅବଶ ପରିଡ଼ା, ଆକାଶବାଣୀର ପୂର୍ବତନ ନିର୍ଦ୍ଦେଶକ ଶାନ୍ତନୁ ରଥ, ଭାରତ ସରକାରଙ୍କ ପୂର୍ବତନ ମୁଖ୍ୟ ଶ୍ରମ ଉପାୟୁକ୍ତ ପ୍ରଦୀପ କୁମାର ରଥ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡଃ ମାନସ ବେହେରା ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କ ବକ୍ତବ୍ୟର ମୂଲ୍ୟାଙ୍କନ କରିବା ସହ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ।

କୃତୀ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡଃ ସବିତା ପ୍ରଧାନ ଯୋଗଦେଇ କହିଥିଲେ ଯେ ଜୀବନରେ ଉପଦେଶ ଶୁଣିବା ସବୁଠୁ ବିରକ୍ତିକର କାର୍ଯ୍ୟ। ଅପରପକ୍ଷେ ଉପଦେଶ ଶୁଣୁ ନ ଥିବା ଅନେକଙ୍କ ଜୀବନ ପରବର୍ତ୍ତୀ ସମୟରେ ବିଘ୍ନଯୁକ୍ତ ହୋଇଥାଏ। ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇ ସେ କହିଥିଲେ, କର୍ମମୟ ଜୀବନରେ ନିଷ୍ଠାପର, ଏକାଗ୍ରତା, ପରିଶ୍ରମ ଓ ସାଧୁତା ରହିବା ଆବଶ୍ୟକ। ପରୀକ୍ଷାରେ ଭଲ ମାର୍କ ରଖିବା ବଡ଼ କଥା ନୁହେଁ; ଜ୍ଞାନ ଆହରଣ ଗୁରୁତ୍ୱପୂର୍ଣ୍ଣ। ପ୍ରତିଦ୍ୱନ୍ଦ୍ୱିତାରେ ପ୍ରଥମ ତ କେବଳ ଜଣେ ହେବ; ହେଲେ ଭଲ କରିବା ବା ଉତ୍ତମ ପ୍ରଦର୍ଶନ କରିବା ସମସ୍ତଙ୍କ ଅଧିକାର। ତେବେ ପ୍ରତିଯୋଗିତାରେ ପ୍ରଥମ ହେବା ଠାରୁ ଜଣେ ଭଲ ମଣିଷ ହେବା ପାଇଁ ସମସ୍ତେ ଚେଷ୍ଟା କରିବା ଉଚିତ ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ଭାବେ ଭାରତ ମସଲା ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର ପଣ୍ଡା, ଶ୍ରୀ ବିନାୟକ କ୍ଲାସେସ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ରାଜ, ସକାଳର ସିଇଓ ସୁବ୍ରତ ଦାସ ଓ କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ବିଭାଗରେ 'ସକାଳ'ର ସହକାରୀ ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ, ବରିଷ୍ଠ ସହ ସମ୍ପାଦକ ସୁଶୀଲ କୁମାର ବାଗ ଓ କନିଷ୍ଠ ବର୍ଗରେ ଡିଜିଟାଲ ମୁଖ୍ୟ ସୁଦାମବନ୍ଧୁ ଭଞ୍ଜମିଶ୍ର, ବରିଷ୍ଠ ସହ ସମ୍ପାଦକ ସଞ୍ଜୟ ସୁବୁଦ୍ଧି ସଂଯୋଜନା ଏବଂ ଶୁଭସ୍ମିତା ପଣ୍ଡା ଓ ମାନସୀ ରାୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। 'ସକାଳ' ବ୍ୟୁରୋ ମୁଖ୍ୟ ରଞ୍ଜିତ୍ ମହାନ୍ତି, ବାର୍ତ୍ତା ସଂଯୋଜକ ତୁଷାର ମହାନ୍ତି, ପ୍ରସାର ବିଭାଗ ମୁଖ୍ୟ ବିଜୟ ଦାଶ, ଏଜିଏମ୍ ପ୍ରମୋଦ ନାୟକ, ବିଜ୍ଞାପନ ବିଭାଗ ମୁଖ୍ୟ ନରୋତ୍ତମ ଗୁରୁ, ଏଜିଏମ୍ ଦିଲ୍ଲୀପ ମହାପାତ୍ର, କାର୍ମିକ ବିଭାଗ ଡିଜିଏମ୍ ଜିଷ୍ଣୁ ମହାନ୍ତି, ବିତ୍ତ ବିଭାଗ ଡିଜିଏମ୍ ସୌମ୍ୟ ମିଶ୍ର, ପ୍ରିୟବ୍ରତ ଦାସ, କମଲ ଖୁଣ୍ଟିଆ, ସୁଧାଂଶୁ ସାହୁ, କ୍ଷୀରୋଦ ବେହେରା, ଅଭିଷେକ ସାହୁଙ୍କ ସମେତ ବାର୍ତ୍ତା ବିଭାଗ, ପ୍ରସାର ବିଭାଗ, ବିଜ୍ଞାପନ ବିଭାଗର ସହଯୋଗୀମାନେ ଉପସ୍ଥିତ ଥିଲେ।

### ଆଇସିୟୁରେ ଉସ୍ତାଦ୍...

ଅଲ୍ଲା ରଖା ଖାନ ମଧ୍ୟ ଜଣେ ସୁପ୍ରସିଦ୍ଧ ତବଲା ବାଦକ ଥିଲେ। ବାପାଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ସେ ୭ ବର୍ଷ ବୟସରୁ ତବଲା ବଜାଇବା ଆରମ୍ଭ କରିଥିଲେ। ୧୨ ବର୍ଷ ବେଳକୁ ସାରା ଭାରତରେ ସେ ପ୍ରସିଦ୍ଧ ଅର୍ଜନ କରିଥିଲେ। ସେ ୪ ଦଶନ୍ଧି ତଳେ ପରିବାର ସହ ସାନ୍ ଫ୍ରାନ୍‌ସିସ୍‌କୋ ଯାଇଥିଲେ। ଏଠାରେ ମଧ୍ୟ ତାଙ୍କର ସଙ୍ଗୀତ ସାଧନା ଜାରି ରହିଥିଲା।

ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଏବଂ ବିଶ୍ୱ ସଙ୍ଗୀତ ଜଗତକୁ ଶ୍ରୀ ହୁସେନ ଉଲ୍ଲେଖନୀୟ ଯୋଗଦାନ ଦେଇଛନ୍ତି। ସେ ଅନେକ ଭାରତୀୟ ଏବଂ ଅନ୍ତର୍ଜାତୀୟ ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ଦେବା ସହିତ ତାବଲା ମଧ୍ୟ ବଜାଇ ଥିଲେ। ସେ ତବଲାକୁ ଏତେ ଭଲ ପାଉଥିଲେ ଯେ ନିଜ କୋଳରେ ରଖି ଶୋଇ ପଡୁଥିଲେ। ସେ ଖାଲି ସ୍ଥାନ ଦେଖି ତବଲା ବଜାଇବା ଆରମ୍ଭ କରି ଦେଉଥିଲେ। ଭାରତ ସରକାର ୧୯୮୮ରେ ତାଙ୍କୁ ପଦ୍ମଶ୍ରୀ, ୨୦୦୨ରେ ପଦ୍ମ ଭୂଷଣ ଏବଂ ୨୦୨୩ରେ ପଦ୍ମ ବିଭୂଷଣ ସମ୍ମାନ ପ୍ରଦାନ କରିଥିଲେ। ସେ ତିନୋଟି ଗ୍ରାମି ପୁରସ୍କାର ମଧ୍ୟ ପାଇଥିଲେ। ସେ ୧୧ ବର୍ଷ ବୟସରେ ପ୍ରଥମ ଥର ପାଇଁ ଆମେରିକାରେ କଳା ପ୍ରଦର୍ଶନ କରିଥିଲେ। ୧୯୭୩ରେ ନିଜର ପ୍ରଥମ ଆଲ୍‌ବମ୍ 'ଲିଭିଂ ଇନ୍ ଦ ମ୍ୟାଟେରିଆଲ ୱାର୍ଲ୍ଡ ଲଞ୍ଚ' କରିଥିଲେ।

### ଅସୁସ୍ଥତା ଦର୍ଶାଇ...

ସିବିଆଇ ସୂତ୍ରରୁ ଜଣାପଡିଛି। ଆବଶ୍ୟକ ହେଲେ ପୁଣିଥରେ ହୋଟେଲ ମ୍ୟାନେଜରଙ୍କୁ ସିବିଆଇ ଜେରା ପାଇଁ ଡାକିପାରେ ବୋଲି ସୂଚନା ମିଳିଛି।

ଅନ୍ୟପଟରେ ସ୍ୱାସ୍ଥ୍ୟଗତ କାରଣ ଯୋଗୁଁ ଦିଲ୍ଲୀ ଯାଇଥିବା ବିଷ୍ଣୁପଦ ସେଠୀଙ୍କ ଲାଗି ତଦନ୍ତ ମନ୍ଥର ହୋଇଛି। ବିଷ୍ଣୁପଦ ହାଜର ହେବା ପରେ ଏହି ଟେଣ୍ଡର ଫିକ୍ସିଂ ମାମଲାର ପର୍ଦ୍ଦାଫାସ ହେବ ବୋଲି କୁହାଯାଉଛି। ଆଜି ମଧ୍ୟ ସିବିଆଇ ଏହି ମାମଲାରେ ତଦନ୍ତରେ ସହଯୋଗ କରିବା ପାଇଁ ଆୟକର ବିଭାଗ ଏବଂ ଇଡିକୁ ଚିଠି ଲେଖିଛି।

ସେହିପରି ସିବିଆଇ ଆଜି ଆୟକର ବିଭାଗ ସହଯୋଗରେ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀର ରାମମନ୍ଦିର ନିକଟରେ ଥିବା କାର୍ଯ୍ୟାଳୟରେ ଛାନ୍‌ଭିନ୍ କରିଛି। ଉକ୍ତ ଅଫିସରେ ଥିବା କର୍ମଚାରୀ ଏବଂ ଜଣେ ସମ୍ପର୍କୀୟଙ୍କୁ ସିବିଆଇ ପକ୍ଷରୁ ପଚରାଉଚରା କରାଯାଇଛି। ଆସନ୍ତାକାଲି ୩ ଅଭିଯୁକ୍ତଙ୍କ ରିମାଣ୍ଡ ଅବଧି ଶେଷ ହେବ। ଏହାପରେ ତାଙ୍କୁ ପୁଣି ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯିବ। ହେଲେ ୩ ଅଭିଯୁକ୍ତ ପେଟ କାମୁଡ଼ୁ ଥିବା ଦର୍ଶାଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

ଅନ୍ୟପକ୍ଷରେ ଅକ୍ଟୋବର ୧୯ରେ ଏସ୍/ଏସ୍‌ଟି ବିଭାଗର ସ୍କୁଲ ଅପଗ୍ରେଡେସନ କାମ ପାଇଁ ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀ ଲିମିଟେଡକୁ ସଚିବ ବିଷ୍ଣୁପଦ ସେଠୀ ଲେଖିଥିବା ଚିଠି ଭାଇରାଲ ହୋଇଛି। ବୌଦ୍ଧ ଏବଂ ନୟାଗଡରେ ସ୍କୁଲ ଅପଗ୍ରେଡେସନ ପାଇଁ ପ୍ଲାନ ଏବଂ ଏଷ୍ଟିମେଟ ଦେବାକୁ ଏହାର ନିର୍ଦ୍ଦେଶକ ଚଞ୍ଚଳ ମୁଖାର୍ଜୀଙ୍କୁ ଚିଠି କରିଛନ୍ତି। ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀ ସହ ବିଷ୍ଣୁପଦ ସେଠୀଙ୍କର ସିଧାସଳଖ ଏଥିରୁ ପ୍ରମାଣିତ ହୋଇଥିବା କୁହାଯାଉଛି। ତେବେ ଏ କାମ ସରକାରୀ ନିୟମ ଆଧାରରେ ଦିଆଯାଇଛି କି ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। ଆହୁରି ମଧ୍ୟ ବିନା ଟେଣ୍ଡରରେ ଦୁଇ କମ୍ପାନୀକୁ ଏକାଧିକ ଟେଣ୍ଡର କାମ ଦିଆଯାଉଥିବା ଅଭିଯୋଗ ହେଉଥିଲା। ତେଣୁ ସେଦିଗକୁ ନେଇ ସିବିଆଇ ଯାଞ୍ଚ କରୁଛି। ଅନୁରୂପ ଭାବରେ ସିଇଏଲ୍‌କୁ ୫ଟି ସ୍କୁଲ ଗୃହ, ୱାବକସ୍‌କୁ ୧୦ଟି ଓ ଏନ୍‌ବିସିସିକୁ ଦିଆଯାଇଥିବା ୩ଟି ସ୍କୁଲ ଗୃହ ଠିକାକୁ ନେଇ ମଧ୍ୟ ଯାଞ୍ଚ ଆରମ୍ଭ ହୋଇଛି।

### ଶୋଇଥିବା ଅବସ୍ଥାରେ...

ହେଲେ ଘର ଭିତରେ ଆଉ ଦୁଇ ଝିଅ ରହି ଯାଇଥିଲେ। ଚାହୁଁଚାହୁଁ ହାତୀଟି ତାଙ୍କ ଘରର କାନ୍ଥ ଭାଙ୍ଗି ଦୁଇ ଶିଶୁଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ଏସବୁ ଏତେଶୀଘ୍ର ଘଟିଗଲା ଯେ ପରିବାରଲୋକ କିମ୍ବା ଗ୍ରାମବାସୀ ହାତୀଟିକୁ ଘଉଡ଼ାଇବାକୁ ସମୟ ପାଇନଥିଲେ। ଖବର ପାଇ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସହକାରୀ ବନ ସଂରକ୍ଷକ ଜଗନ୍ନାଥ ବିଷୋୟୀ, ରେଞ୍ଜ ଅଧିକାରୀ ଦେବାଶିଷ ନାୟକ ଓ ଗୁରୁଣ୍ଡିଆ ପୁଲିସ ପହଞ୍ଚି ସରକାରୀ ସହାୟତା ପ୍ରଦାନ କରିବା ସହିତ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

### ଜାଡ଼ରେ ଥରୁଛି...

କନ୍ଧମାଳ ଓ କୋରାପୁଟରେ ୧୦୦ ମିଟରରୁ କମ୍ ଦୃଶ୍ୟମାନ ଦୂରତା ରହିବ ବୋଲି ଆକଳନ କରାଯାଇଛି। ତେବେ ୧୭ ତାରିଖରୁ ରାଜ୍ୟରେ ପୁଣି କୋହଲା ପାଗ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକା ବର୍ଷା ନେଇ ସତର୍କତା ଜାରି କରାଯାଇଛି। ୧୭ରେ ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ାରେ ହାଲୁକା ବର୍ଷା ସମ୍ଭାବନା ରହିଛି। ସେହିଭଳି ୧୮ ତାରିଖରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ୧୯ରେ ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ଗଜପତି, କୋରାପୁଟ ଓ ମାଲକାନଗିରିରେ ହାଲୁକା ବର୍ଷା ହେବ। ବର୍ଷା ପ୍ରଭାବରେ ରାଜ୍ୟରେ ପୁଣି ପାରଦ ଉପରମୁହାଁ ହୋଇ ତାପମାତ୍ରା ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ୨୦ ତାରିଖରୁ ରାଜ୍ୟରେ ପୁଣି ଶୁଖିଲା ପାଗ ଜାରି ରହିବ।

### ସ୍ୱାମୀ, ୨ ଦିଅର...

ଜଣେ ମହିଳାଙ୍କ କ୍ଷତାକ୍ତ ମୃତଦେହ ମିଳିଥିଲା। ମୃତକଙ୍କ ମୁହଁକୁ ଚାପଡ଼ରେ ହାଣି ବିକୃତ କରିଦେଇଥିବାରୁ ତାଙ୍କର ପରିଚୟ ଜାଣିବା ପୁଲିସ୍ ପାଇଁ ମୁଖ୍ୟ ଆହ୍ୱାନ ପାଲଟିଥିଲା। ମହିଳାଙ୍କ ହାତରେ ରହିଥିବା ଟାଟୁକୁ ନେଇ ପୁଲିସ୍ ଛାନ୍‌ଭିନ୍ ଆରମ୍ଭ କରିଥିଲେ ହେଁ କିଛି ବି ସୁରାକ୍ ମିଳି ନଥିଲା। ଏପରିକି, ସିସିଟିଭି ଫୁଟେଜ୍‌ରେ ବି ଘଟଣା ସ୍ୱଷ୍ଟ ହୋଇପାରିନଥିଲା। ତେବେ ଘଟଣାସ୍ଥଳରୁ ମିଳିଥିବା ଏକ ପ୍ୟାଣ୍ଟରେ ଥିବା 'ନିୟୁ ଷ୍ଟାର୍ ଟେଲର୍ସ'ର ରସିଦ୍ ପୁଲିସ୍‌ର ତଦନ୍ତକୁ ନୂଆ ଦିଗ ଦେଇଥିଲା। ପୁଲିସ୍ ଏହାର ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଗଞ୍ଜାମ ଭଞ୍ଜନଗର ଅଞ୍ଚଳର ଜଣେ ବ୍ୟକ୍ତି ସେଥିରେ କମେଣ୍ଟ ଦେଇଥିଲେ। ତାଙ୍କ ଅଞ୍ଚଳରେ ଏଭଳି ଏକ ଟେଲର୍ସ ଦୋକାନ ଅଛି ବୋଲି କହିଥିଲେ। ପରେ କଟକ ପୁଲିସ୍ ତୁରନ୍ତ ଭଞ୍ଜନଗର ଏସ୍‌ଡିପିଓଙ୍କୁ ଦୋକାନ ବିଷୟରେ ବୁଝିବା ପାଇଁ କହିଥିଲା।

ଜଗନ୍ନାଥପ୍ରସାଦ ଥାନା ଇନ୍ସପେକ୍ଟର ଉକ୍ତ ଟେଲର୍ସ ଦୋକାନକୁ ଯାଇ ପଚରାଉଚରା କରିବାରୁ ସେହି ରସିଦଟି ତାଙ୍କର ନୁହେଁ ବୋଲି ଜଣାଇଥିଲେ। ହେଲେ ଏହି ଟେଲର୍ସ ଦୋକାନୀ ଏକ ବଡ଼ ସୁରାକ ଦେଇଥିଲେ। ଗୁଜରାଟରେ ଏଭଳି ଢଙ୍ଗରେ ପ୍ୟାଣ୍ଟ ସିଲେଇ ପରେ ରସିଦ୍ ଲଗାଯାଇଥାଏ ବୋଲି ସେ କହିଥିଲେ। ସେଠାରେ ସେ ପୂର୍ବରୁ କାମ କରିଥିବାରୁ ଏ ସଂପର୍କରେ ଜାଣିଛନ୍ତି ବୋଲି ପୁଲିସ୍‌କୁ କହିଥିଲେ। ତେଣୁ କଟକ ପୁଲିସ୍ ତୁରନ୍ତ ଗୁଜରାଟ ପୁଲିସ୍ ସହ ଯୋଗାଯୋଗ କରିଥିଲା। ଗୁଜରାଟ ପୁଲିସ୍ ରାଜ୍ୟତମାମ 'ନିଉ ଷ୍ଟାର ଟେଲର୍ସ' ନାଁରେ ଥିବା ୭ରୁ ୮ଟି ଦୋକାନ ଖୋଜି ବାହାର କରିଥିଲା। ସୁରତର ଏକ ଟେଲର୍ସରେ ଉକ୍ତ ରସିଦ ସହ ସିରିଏଲ୍ ନମ୍ବର ମଧ୍ୟ ମିଶିଥିଲା। ଉକ୍ତ ରସିଦ୍ ବହିରେ ସେହି ପ୍ୟାଣ୍ଟ ତିଆରି କରିଥିବା ବ୍ୟକ୍ତିର ନାଁ 'ବାବୁ' ବୋଲି ଲେଖାଥିଲା। ମାତ୍ର ଫୋନ ନମ୍ବର କିମ୍ବା ଠିକଣା ନଥିଲା। ପଚରାଉଚରା ବେଳେ ଟେଲର୍ସ ଦୋକାନୀ କହିଥିଲେ ଯେ ଖୁଚୁରା ଟଙ୍କା ନଥିବାରୁ ସେ ବାବୁକୁ ୧୦୦ ଟଙ୍କା ଏକ ୟୁପିଆଇ ସଂଲଗ୍ନ ଇ-ୱାଲେଟ୍ ମାଧ୍ୟମରେ ତାଙ୍କ ମୋବାଇଲ ନମ୍ବରକୁ ପଠାଇଥିଲେ। ପୁଲିସ୍ ସେହି ଫୋନ ନମ୍ବରକୁ ଯୋଗାଯୋଗ କରିବାରୁ ତାହା ବାବୁର ସାଙ୍ଗର ଥିଲା ବୋଲି ସ୍ୱଷ୍ଟ ହୋଇଥିଲା। ସେହି ସାଙ୍ଗ ହତ୍ୟାକରୀ ବାବୁ ଓରଫ୍ ଜଗନ୍ନାଥ ଦୁହୁରିର ଫୋନ୍ ନମ୍ବର ଓ ଠିକଣା ପୁଲିସକୁ ଦେଇଥିଲା। ଫୋନ୍ ନମ୍ବର ଟ୍ରାକ୍ କରିବାରୁ ବାବୁ ସେହି ସମୟରେ ଏକ ଟ୍ରେନ୍‌ରେ ସୁରଟ ଫେରୁଥିବା ଜଣାପଡ଼ିଥିଲା। ସେହି ସମୟରେ ତା'ର ଫୋନ୍ ଲୋକେସନ୍ ରାୟଗଡ଼ା ଅଞ୍ଚଳରେ ଦେଖାଉଥିଲା। ତେଣୁ ରାୟଗଡ଼ା ଏସ୍‌ଡିପିଓଙ୍କୁ ସୂଚନା ଦେବାରୁ ଗୋଟିଏ ଟିମ ପୂର୍ବରୁ ଛକି ରହି ମୁନିଗୁଡ଼ା ପାଖରେ ଜଗନ୍ନାଥକୁ ଗିରଫ କରିଥିଲା। ଜଗନ୍ନାଥ ଧରାହେବା ପରେ ଅଭିଯୁକ୍ତ ବଳରାମ ଓ ହାପିକୁ ପୁଲିସ ଗିରଫ କରିଥିଲା।

ଆଜି କେନ୍ଦ୍ରାପଡ଼ାରୁ ବଳରାମ ଓ ହାପି ଏବଂ ମୁନିଗୁଡାରୁ ଜଗନ୍ନାଥକୁ ଡିସିପିଙ୍କ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରାଯିବା ପରେ ହତ୍ୟାକାଣ୍ଡ ଘଟାଇଥିବା ସେମାନେ ସ୍ୱୀକାର କରିଥିଲେ। ପରକୀୟା ପ୍ରୀତି ସନ୍ଦେହରୁ ପଦ୍ମାବତୀଙ୍କୁ ପରମହଂସ ନିକଟ ପଠାକୁ ଆଣି ହତ୍ୟା କରିଥିବା ଅଭିଯୁକ୍ତମାନେ କହିଥିବା କରିଥିବା ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ପୁଲିସ ସିନ୍-ରିକ୍ରିଏସନ୍ କରିବା ସହ ଅଧିକ ଜେରା କରିବା ବ୍ୟବସ୍ଥା କରୁଥିବା ସୂଚନା ମିଳିଛି।

# ଦେଇଥିଲେ ନବୀନ, ନେଇଗଲେ ମୋହନ

**ଭୁବନେଶ୍ୱର, ୧୫ ।୧୨(ସମିସ):** ନବୀନ ଓଡ଼ିଶା ତଥା ବିଜେଡିର ଗତ ନିର୍ବାଚନ ଘୋଷଣାପତ୍ରର ୩ନମ୍ବର ପ୍ରତିଶ୍ରୁତି ଥିଲା "ସଶକ୍ତ ମହିଳାର ଓଡ଼ିଶା - ନବୀନ ଓଡିଶା"। ଏହାର ଅର୍ଥ ହେଉଛି ଆଗାମୀ ୧୦ ବର୍ଷରେ ମହିଳାଙ୍କୁ ୨୦ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଦିଆଯିବ।

- **ମା' ମାନଙ୍କ ପାଇଁ ନବୀନ କରିଥିଲେ ୧୦୦ କୋଟିର କର୍ପସ ଫଣ୍ଡ**
- **ପ୍ରତି ଏସ୍‌ଏଚ୍‌ଜିକୁ ମିଳିଥା'ନ୍ତା ଋଣ**
- **ଅମରଙ୍କ ପ୍ରଶ୍ନ: କୁଆଡ଼େ ଗଲା ମାଆଙ୍କ ବିକାଶ ସ୍ଲୋଗାନ୍**

ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମହିଳାମାନଙ୍କୁ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯିବ। ମହିଳା ଉଦ୍ୟମୀଙ୍କ ପାଇଁ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ଦେବା ପାଇଁ ୧୦୦କୋଟି ଟଙ୍କାର କର୍ପସ ଫଣ୍ଡ ତିଆରି କରାଯିବ। କିନ୍ତୁ ବିଜେପି ଓଡ଼ିଶାର ମହିଳାମାନଙ୍କ ପାଇଁ କେଉଁ ଦିଗ ଏବଂ କେଉଁ ପ୍ରସଙ୍ଗଗୁଡ଼ିକର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି? ଏହି ପ୍ରଶ୍ନ କରିଛନ୍ତି ପୂର୍ବତନ ସାଂସଦ ଡ. ଅମର ପଟ୍ଟନାୟକ।

ଶ୍ରୀ ପଟ୍ଟନାୟକ କହିଛନ୍ତି, ଓଡ଼ିଶାର ୭୦ ଲକ୍ଷ ମହିଳାଙ୍କୁ ପରିଚୟ ଦେଇଥିଲେ ନବୀନ ପଟ୍ଟନାୟକ। ସେମାନଙ୍କୁ କେବଳ ସମ୍ମାନ ଦେଇନଥିଲେ, ଉଦ୍ୟୋଗପତି କରିବା ପାଇଁ ନିଷ୍ପତ୍ତି ନେଇଥିଲେ। କାମ ବି ଆରମ୍ଭ କରିଥିଲେ ପୂର୍ବ ସରକାର। ହେଲେ ସରକାର ପରିବର୍ତ୍ତନ ସହ ମା'ମାନଙ୍କ ଭାଗ୍ୟରେ ବି ତାଲା ପଡ଼ିଗଲା। ବିଜେପି ସରକାର ନା ମହିଳାମାନଙ୍କୁ ଆଗକୁ ବଢ଼ିବା ପାଇଁ ସୁଯୋଗ ଦେଲେ ନା ନବୀନ ସରକାରଙ୍କ ଆଭିମୁଖ୍ୟକୁ ବଜାୟ ରଖିଲେ। ସବୁ ବାଟ ବନ୍ଦ କରିଦେଲେ। ମହିଳାମାନଙ୍କର ଦରମା ବନ୍ଦ କରି, ସେମାନଙ୍କର ନ୍ୟାୟସଙ୍ଗତ ଅଧିକାର ପାଇଁ ସେମାନଙ୍କୁ ରାଜାରାସ୍ତାକୁ ଆସିବାକୁ ବାଧ କରିଛି। ମା'ମାନେ ଆଜି ରାସ୍ତାରେ ବସିଛନ୍ତି, ଅଧିକାର ମାଗୁଛନ୍ତି। ସରକାର ନିଦାବିଷ୍ଟ। କିନ୍ତୁ ରାଜନୀତି କରିବାରେ ହେଳା ନାହିଁ। ନିର୍ବାଚନ ଇସ୍ତାହାର ଆଜି ପ୍ରତାରଣାର ପରିଚୟ ଦେଉଛି। ମିଶନ ଶକ୍ତି କାଫେଠାରୁ ଆରମ୍ଭ କରି ବିଦେଶ ଯାତ୍ରା ଯାଏ ସବୁ ସ୍ୱପ୍ନ ଆଜି ଧୂଳିସାତ ହୋଇଯାଇଛି କ୍ଷମତା ପରିବର୍ତ୍ତନ ସହ। ସେ ଆହୁରି କହିଛନ୍ତି ଯେ କେବଳ ୫ ହଜାର ଟଙ୍କା ଧରାଇଦେଲେ କୋଉ ମହିଳା ସ୍ୱାବଲମ୍ବୀ ହୁଏନି, ସେମାନଙ୍କୁ ଉନ୍ନତିର ସୁଯୋଗ ଦେବା ପାଇଁ ଉଚିତ୍ ଚିନ୍ତାଧାରା ରହିବା ଆବଶ୍ୟକ। ନବୀନଙ୍କ ପ୍ରତିବଦ୍ଧତା ଆବଶ୍ୟକ।

## 'ପରବ' ମଞ୍ଚରେ ରାଜନୀତି

# ବାହିନୀପତି- ବଳଭଦ୍ର କଥା କଟାକଟି

**କୋରାପୁଟ, ୧୫।୧୨ (ସମିସ):** ଶନିବାର 'ପରବ' ମୁଖ୍ୟ ସମାରୋହ ଉଦଘାଟନୀ ମଞ୍ଚ ପାଲଟିଥିଲା ରାଜନୀତିର ମଞ୍ଚ। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ବିଭିନ୍ନ ଦାବି ଉପସ୍ଥାପନ କରିଥିବା ବେଳେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ପ୍ରତିକ୍ରିୟାଶୀଳ ହୋଇ କଂଗ୍ରେସ ସରକାରକୁ କଟାକ୍ଷ କରିଥିଲେ। କିଛି ସମୟ ଧରି ଉଭୟଙ୍କ ମଧ୍ୟରେ ମଞ୍ଚ ଉପରେ କଥା କଟାକଟି ହୋଇଥିବା ଦେଖିବାକୁ ମିଳିଥିଲା। ଏହା ଜିଲ୍ଲା ରାଜନୀତିକୁ ଉଷ୍ମ କରିଥିବା ବେଳେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ଶନିବାର କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ 'ପରବ' ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସମାରୋହରେ ଜୟପୁର ବିଧାୟକ ଶ୍ରୀ ବାହିନୀପତି ଯୋଗଦେଇ ନିଜ ଅଭିଭାଷଣରେ କୋରାପୁଟ ଜିଲ୍ଲାର ବିଭିନ୍ନ ସମସ୍ୟା ଓ ଦାବିଗୁଡ଼ିକ ଉପରେ ବକ୍ତବ୍ୟ ରଖିଥିଲେ। କୋରାପୁଟ ମେଡ଼ିକାଲ କଲେଜ ବର୍ତ୍ତମାନ ରେଫରାଲ ହସ୍ପିଟାଲ ହୋଇଥିବା କହିବା ସହ ତାହା ନାମକୁ ମାତ୍ର ମେଡ଼ିକାଲ କଲେଜ ବୋଲି କହିଥିଲେ। ରୋଗୀଙ୍କ ମେଡିକାଲ ଉପରେ ଆସ୍ଥା ନଥିବା ଓ ଠିକ୍‌ରେ ଚିକିତ୍ସା ମିଳୁନଥିବା ଅଭିଯୋଗ ଆଣିଥିଲେ। କୋରାପୁଟଠାରେ ଭାରତ ସରକାର ଏକ ଏମ୍ସ ପ୍ରତିଷ୍ଠା କରିବାକୁ ବାହିନୀପତି ଦାବି କରିଥିଲେ। ଏଥିସହ ଦିନ ସମୟରେ କୋରାପୁଟଠାରୁ ଭୁବନେଶ୍ୱର ଟ୍ରେନ୍, କୋରାପୁଟ ଆଦିବାସୀ ଭାଷାକୁ ଜାତୀୟ ମାନ୍ୟତା, ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜିଲ୍ଲାଭିତ୍ତିକ ନିଯୁକ୍ତି, କୋରାପୁଟଠାରୁ ଦିଲ୍ଲୀକୁ ବନ୍ଦେ ଭାରତ ଟ୍ରେନ୍ ଚଳାଇବା, କଡ଼ାକଡ଼ି ଭାବେ ପେସା ଆଇନ କାର୍ଯ୍ୟକାରୀ କରିବା, କୋରାପୁଟରେ ସୈନିକ ସ୍କୁଲ ପ୍ରତିଷ୍ଠା, ଜୟପୁର ଜଗନ୍ନାଥ ସାଗର ପୁନରୁଦ୍ଧାର ପାଇଁ ଆବଶ୍ୟକ ପାଣ୍ଠି ଯୋଗାଇ ଦେବା ପ୍ରଭୃତି ଦାବି ଉପରେ ବିଧାୟକ ବାହିନୀପତି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବାହିନୀପତିଙ୍କ ଦାବିଗୁଡ଼ିକ ଶୁଣି ସ୍ଥାନୀୟ ଯୁବଗୋଷ୍ଠୀ ଓ ବିଭିନ୍ନ ସଂଗଠନର ସଦସ୍ୟମାନେ ଜୋରଦାର ତାଳି ସହ ସପକ୍ଷରେ ସ୍ଲୋଗାନ ଦେଇଥିଲେ। ପରେ ସାଂସଦ ବଳଭଦ୍ର ମାଝୀ ପ୍ରତିକ୍ରିୟାଶୀଳ ହୋଇ ନିଜ ବକ୍ତବ୍ୟରେ ଶ୍ରୀ ବାହିନୀପତିଙ୍କୁ ଜବାବ ଦେଇଥିଲେ। ସାଂସଦ ଶ୍ରୀ ମାଝୀ ବକ୍ତବ୍ୟ ରଖି ଅବିଭକ୍ତ କୋରାପୁଟ ଜିଲ୍ଲାର ବିକାଶ ପଛରେ ପଡ଼ିବା କାରଣ କଂଗ୍ରେସ ବୋଲି କଟାକ୍ଷ କରିଥିଲେ। ବାହିନୀପତିଙ୍କ ଦଳ ଓଡ଼ିଶା ଓ ଦେଶକୁ ଅନେକ ବର୍ଷ ଶାସନ କରିଛି। କିନ୍ତୁ କୋରାପୁଟ ବିକାଶ ପ୍ରତି କେବେ ଧ୍ୟାନ ଦେଇନାହିଁ ବୋଲି ସେ କହିଥିଲେ। ଶ୍ରୀ ବାହିନୀପତି ଆଜି ପେସା ଆଇନ ଓ ସ୍ଥାନୀୟ ନିଯୁକ୍ତି କଥା କହି ରାଜନୀତି କରୁଛନ୍ତି। ଏହି କଥାକୁ ନେଇ କିଛି ସମୟ ପାଇଁ ଉଭୟଙ୍କ ମଧ୍ୟରେ ବାଦିପାଲା ଚାଲିଥିଲା ବେଳେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିଥିଲେ।

**AFFIDAVIT**

I, Manmayee Mahapatra, Wife of Soumyendra Kumar Panda, resident of Flat No. 301, Imperial Avenue, Patrapada, Bhubaneswar, District-Khordha, Odisha - 751019 declare by this affidavit No. 2045 dated 28.11.2024 that now onwards I shall be known as **MANMAYEE MOHAPATRA** for all future purposes.

**AFFIDAVIT**

I Tapan kumar Behera, At/Po-Godapalsa, Ps- Jashipur, Mayurbhanj, my daughter Mousumi Priyadarshini Behera but wrongly her aadhar name is Newbaby Behera. These name is same persons. Henceforth **Mousumi Priyadarshini Behera** for all future purposes.

**AFFIDAVIT**

By virtue of an affidavit sworn before the Notary Public, Cuttack, dated 11.12.2024 I, Umakanta Sahoo, S/o. Ramachandra Sahoo resident of Vill/PO- Karagola, PS-Nandipada, Dist-Keonjhar, Odisha, Pin- 758022, have changed my name from Kanehi Sahoo to Umakanta Sahoo. Henceforth, I shall be known as **Umakanta Sahoo** for all purposes.

(Umakanta Sahoo)

**AFFIDAVIT**

ମୁଁ ସାକ୍ରମଣି ଦେଇ (SAKRAMANI DEI) , ପିତା: ସ୍ୱର୍ଗତ ଫାଗୁ ଟୁଡୁ, ସା: ଜାମୁଗଡିଆ, ପୋ.ଅ: ମୃଷାଗଡିଆ, ଥାନା: ମୋରଡା, ଜିଲ୍ଲା: ମୟୂରଭଞ୍ଜ, ମୋର ଆଧାର କାର୍ଡ ନମ୍ବର 884131623791 ଅଟେ । ବର୍ତ୍ତମାନ ଆଧାର କାର୍ଡରେ ମୋର ନାମ ଝାରି ମଣି ଦେଇ (Jhari Mani Dei) ଅଛି ଯାହା ସଂପୂର୍ଣ୍ଣ ଭୁଲ ଅଟେ । ଭୋଟର ପରିଚୟ ପତ୍ର ଓ ଅନ୍ୟ ସବୁ ସ୍ଥାନରେ ମୋର ଠିକ୍ ନାମ 'ସାକ୍ରମଣି ଦେଇ' ରହିଅଛି । ଏଣୁ ଆଧାରକାର୍ଡ ରେ ଥିବା ଭୁଲ ନାମ ଝାରିମଣି ଦେଇ ବଦଳରେ ଠିକ୍ ନାମ ସାକ୍ରମଣି ଦେଇ ହେବ ଓ ମୁଁ ସମସ୍ତ ସରକାରୀ ବେସରକାରୀ କାଗଜପତ୍ରରେ ସର୍ବତ୍ର ପରିଚିତ ହେବି।

ସ୍ୱା: ସାକ୍ରମଣି ଦେଇ

## ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୪, ପୁରୀ

**ବିଜ୍ଞାପନ**

ଏତଦ୍ୱାରା ପୁରୀ ତଥା ଆଖପାଖ ଅଂଚଳର ଜନସାଧାରଣ ଓ କୃଷକ ଭାଇ ଏବଂ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଛି ଯେ ଆସନ୍ତା ତା.୧୭.୧୨.୨୦୨୪ ରୁ ତା.୨୧.୧୨.୨୦୨୪ ରିଖ ପର୍ଯ୍ୟନ୍ତ ପୁରୀ ଶରଧାବାଲି ଠାରେ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ କୃଷି ବିଭାଗ ପୁରୀ ତରଫରୁ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ଆର୍ଥିକ ସହାୟତାର ସଚେତନତା, ମହିଳା ଏବଂ ସ୍ୱୟଂସହାୟକ ଗୋଷ୍ଠୀଙ୍କ ନିମନ୍ତେ ବିଶେଷ ରିହାତି ଏବଂ ବିକ୍ରୟ ବ୍ୟବସ୍ଥା, ବ୍ୟାଙ୍କ ସହାୟତା କେନ୍ଦ୍ରମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ପ୍ରଚାର ଓ ପ୍ରସାର ନିମନ୍ତେ ଏବଂ ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ଟୋକନ ବୁକିଂ ବ୍ୟବସ୍ଥା ଅଛି । ତେଣୁ ପୁରୀ ଜିଲ୍ଲାର ସମସ୍ତ ଜନସାଧାରଣ ଏବଂ କୃଷକ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଏହି ମେଳାରେ ବହୁ ସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିବା ହେବେ ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ପୁରୀ

ସକାଳ
THE SAKALA

# ସମ୍ପାଦକୀୟ



ବ୍ୟକ୍ତିର ଅଧିକାର ମିଳିବାରେ ବିଳମ୍ବ ହିଁ ଅଧିକାରର ଅବମାନନା ।
-ମାର୍ଟିନ ଲୁଥର କିଙ୍ଗ୍(ଜୁନିୟର)

## ସମ୍ବିଧାନର ଅବତାରଣା

ସମ୍ବିଧାନ ଯଦି ରକ୍ତମାଂସଧାରୀ ଉପାଦାନଟିଏ ହୋଇଥା'ନ୍ତା ବୋଧହୁଏ ସ୍ୱାଧୀନ ଭାରତରେ ସବୁଠାରୁ ଯନ୍ତ୍ରଣାସିକ୍ତ ଭାବେ ସମବେଦନାର ପାତ୍ର ହୁଅନ୍ତା । ବିଡ଼ମ୍ବନା ହେଲା ସମ୍ବିଧାନକୁ ଯନ୍ତ୍ରଣାସିକ୍ତ କରୁଥିବା ତତ୍ତ୍ୱମାନେ ତା' ନିଜର, ତା'କୁ ଜନ୍ମ ଦେଇଥିବା ସେହି ମହାନ୍ ଜ୍ଞାନୀ, ପଣ୍ଡିତ, ବିଶାରଦମାନଙ୍କର ଦାୟାଦ । ପୂର୍ବପୁରୁଷଙ୍କ କୋଠ ସମ୍ପତ୍ତିର ଭାଗବଣ୍ଟା ନେଇ ଉତ୍ତରପିଢ଼ି ନିଜ ନିଜ ଭିତରେ ଲଢ଼ିବା ପରି ଆଜି ସମ୍ବିଧାନର ମୌଳିକ ମୂଲ୍ୟବୋଧ ସୁରକ୍ଷାର ଶ୍ରେୟ ନେବା ପାଇଁ ରାଜନୈତିକ ଆଦର୍ଶବାଦ ଆଧାରରେ ଲଢ଼େଇ ଆରମ୍ଭ ହୋଇଯାଇଛି । କାଲି ଯିଏ ସାମ୍ବିଧାନିକ ମୂଲ୍ୟବୋଧକୁ କ୍ଷତାକ୍ତ କରିଥିଲା ଆଜି ସେ ତା'ର ସୁରକ୍ଷା ଦାବି କରୁଛି । ପୁଣି ଆଜି ଯିଏ ସମ୍ବିଧାନର ସୁରକ୍ଷା କବଚ ବୋଲି ଦାବି କରୁଛି ସେ ତା' ନିଜ ସୁବିଧା ଅନୁଯାୟୀ ସେହି ମୂଲ୍ୟବୋଧ, ଗରିମା ଓ ପରମ୍ପରାକୁ ମାଡ଼ିମକଚି ବିକୃତ କରିଦେଉଛି । ବାମ ଓ ଦକ୍ଷିଣ ଅଙ୍ଗ ଯଦି ପରସ୍ପରକୁ ଆକ୍ରମଣ କରନ୍ତି ତେବେ ତା'ର ପୀଡ଼ା କେବଳ ଶରୀର ହିଁ ସହେ । ରକ୍ତ, ମାଂସ, ଶ୍ୱାସ ବିହୀନ ଅଥଚ ପ୍ରାଣବନ୍ତ ଭାରତୀୟ ସମ୍ବିଧାନଟି ଏବେ ସେଭଳି ଅବ୍ୟକ୍ତ ଯନ୍ତ୍ରଣା ଅନୁଭବ କରୁଥିବ, ଯେତେବେଳେ ସଂସଦରେ ସମ୍ବିଧାନକୁ ମଝିରେ ରଖି ଉଭୟ ପକ୍ଷ ପରସ୍ପରକୁ ନିନ୍ଦା ଓ ଅପବାଦର ଶବ୍ଦବାଣରେ କ୍ଷତାକ୍ତ କରିବାକୁ ଚେଷ୍ଟା କରିଥିବେ ।

ସମ୍ବିଧାନର ମୌଳିକତା ଓ ମୂଲ୍ୟବୋଧର ସୁରକ୍ଷା ପ୍ରସଙ୍ଗ ଉପରେ ସଂସଦରେ ଆରମ୍ଭ ହୋଇଥିବା ଆଲୋଚନା ସମୟୋପଯୋଗୀ ଓ ଯଥାର୍ଥ ନିଶ୍ଚୟ । ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଓ ସର୍ବବୃହତ୍ ସମ୍ବିଧାନ ସମ୍ବନ୍ଧରେ ୧୪୦ କୋଟିରୁ ଅଧିକ ଜନତାଙ୍କ ପ୍ରତିନିଧିତ୍ୱ କରୁଥିବା ଗୁଣୀ, ଜ୍ଞାନୀ ନୀତି ନିର୍ଦ୍ଧାରକମାନଙ୍କ ଦୃଷ୍ଟିଭଙ୍ଗୀ ସାରା ବିଶ୍ୱ ଦେଖୁଛି ଓ ଶୁଣୁଛି । ସଂସଦର ଏହି ମହାନ୍ ଉଦ୍ଦେଶ୍ୟଭିତ୍ତିକ ନିଷ୍ପତ୍ତିର ବାସ୍ତବତା ଯଦି ସାମ୍ପ୍ରତିକ ସମୟରେ ସମ୍ବିଧାନର ମୌଳିକ ଢାଞ୍ଚା ପ୍ରତି ଦେଖାଦେଇଥିବା ଆହ୍ୱାନ ଓ ଏହାର ମୁକାବିଲା ପାଇଁ ବୌଦ୍ଧିକତାର ପରିସୀମା ଭିତରେ ରହିଥା'ନ୍ତା ତେବେ ତାହା ସୁସ୍ଥ ଗଣତାନ୍ତ୍ରିକ ପରମ୍ପରାରେ ଆଉ ଏକ ମାଇଲଖୁଣ୍ଟ ସୃଷ୍ଟି କରିଥା'ନ୍ତା । କିନ୍ତୁ ଆଶଙ୍କା ଅନୁରୂପ ସମ୍ବିଧାନର ମୂଲ୍ୟବୋଧ ସୁରକ୍ଷାରୁ ଆରମ୍ଭ ହୋଇଥିବା ଏହି ଆଲୋଚନା କ୍ରମଶଃ ରାଜନୈତିକ ଆରୋପ-ପ୍ରତ୍ୟାରୋପର ରୂପ ନେଇ ଏକ ବିତଣ୍ଡା ବିଳାସରେ ଶେଷ ହେବା ସାର ହୋଇଛି । ଆଲୋଚନା ସମ୍ପୂର୍ଣ୍ଣ ନୈରାଶ୍ୟଜନକ ନ ହେଲେ ମଧ୍ୟ ଆଶାନୁରୂପ ହୋଇପାରିନାହିଁ । ଏହି ପୃଷ୍ଠଭୂମିରେ ସମ୍ବିଧାନ ପ୍ରଣୟନର ୭୫ତମ ବର୍ଷ ପରେ ଜନତାଙ୍କ ଦ୍ୱାରା ନିର୍ବାଚିତ ନୀତି ନିର୍ଦ୍ଧାରକମାନେ ସାମ୍ବିଧାନିକ ମୂଲ୍ୟବୋଧକୁ କେଉଁ ଦୃଷ୍ଟିରେ ଦେଖି ଆସିଛନ୍ତି ଏବଂ ସମ୍ପ୍ରତି ତା'ର ସ୍ଥିତି କ'ଣ, ସେ ବିଷୟରେ ଗଣତନ୍ତ୍ରର ଚାରିସ୍ତମ୍ଭ ଆଧାରରେ ନିରପେକ୍ଷ ଆଲୋଚନା ଅଧିକ ପ୍ରାସଙ୍ଗିକ ମନେ ହୁଏ ।

ଗଣତନ୍ତ୍ରର ତିନି ସ୍ତମ୍ଭ ବିଧାନପାଳିକା, ନ୍ୟାୟପାଳକା ଓ କାର୍ଯ୍ୟପାଳିକା ପାଇଁ ସମ୍ବିଧାନ ଏକ ଲକ୍ଷ୍ମଣରେଖା ଟାଣିଛି । କିନ୍ତୁ ସ୍ୱାଧୀନତା ପରବର୍ତ୍ତୀ ସମୟରୁ, ବିଶେଷକରି ଯେତେବେଳେ କେନ୍ଦ୍ରରେ ଶାସନ କ୍ଷମତାକୁ ଆସିଥିବା ରାଜନୈତିକ ଦଳ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ଉପଭୋଗ କରିଛି, ସେତେବେଳେ ସମ୍ବିଧାନର ଏହି ଲକ୍ଷ୍ମଣରେଖାର ଅତିକ୍ରମଣ ହୋଇଥିବାର ବହୁଳ ଉଦାହରଣ ସୃଷ୍ଟି ହୋଇଛି । ସାମ୍ବିଧାନିକ ବିଧିବ୍ୟବସ୍ଥାର ଉଲ୍ଲଙ୍ଘନର ନଗ୍ନ ଉଦାହରଣ ଉଭୟ କଂଗ୍ରେସ ଓ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ଅମଳରେ ରାଜ୍ୟପାଳମାନଙ୍କର ଅତିକ୍ରିୟାରୁ ପ୍ରମାଣିତ ହୋଇଆସୁଛି । ରାଜ୍ୟପାଳମାନେ କେନ୍ଦ୍ରର ଜାଗ୍ରତ ପ୍ରହରୀ, ସମ୍ବିଧାନର ସଂରକ୍ଷକ ଏବଂ ସଂଘୀୟ ବ୍ୟବସ୍ଥାର ସଂଯୋଗ ସେତୁ ବୋଲି ସମ୍ବିଧାନ କହୁଛି । କିନ୍ତୁ କେନ୍ଦ୍ରରେ ଶାସନରେ ଥିବା ରାଜନୈତିକ ଦଳର ପ୍ରଚ୍ଛନ୍ନ ଓ ପରୋକ୍ଷ ନିର୍ଦ୍ଦେଶରେ ରାଜ୍ୟପାଳମାନଙ୍କର ଆଚରଣ ସମ୍ବିଧାନ ପ୍ରଣେତା ଓ ଏହାର ଅନ୍ତର୍ନିହିତ ମହାନ୍ ଉଦ୍ଦେଶ୍ୟକୁ ଉପେକ୍ଷା କରୁଛି ।

ସେହିପରି ନ୍ୟାୟପାଳିକାର ରାୟ ଶାସକ ଦଳର ଲକ୍ଷ୍ୟପଥରେ ବାଧା ସୃଷ୍ଟି କରୁଥିବା ଅନୁଭବ ହେଲେ ବିଧାନପାଳିକା ଅଧ୍ୟାଦେଶ ବଳରେ ତାହାକୁ ଅକାମୀ କରିଦେଉଛି । ଅବସର ପରେ ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କୁ ରାଜ୍ୟସଭା ସଦସ୍ୟ କିମ୍ବା ରାଜ୍ୟପାଳ ଭାବେ ତତ୍କାଳ ନିଯୁକ୍ତ ଆଦି ଉଦାହରଣ ମଧ୍ୟ ନ୍ୟାୟପାଳିକାର ନିଷ୍ପତ୍ତି ଓ ରାୟର ନିରପେକ୍ଷତାକୁ ସନ୍ଦେହଘେରକୁ ଆଣୁଛି । ନିରଙ୍କୁଶ ସଂଖ୍ୟାଗରିଷ୍ଠତା ବଳରେ ବିନା ଆଲୋଚନାରେ ବିଧେୟକ ପାରିତ କରାଇ ନେବା ହେଉ କି ଆଇନ ଆଖିରେ ଧୂଳି ଦେଇ ଅନ୍ୟଦଳର ଜନପ୍ରତିନିଧି ଏବଂ ନିର୍ବାଚିତ ରାଜ୍ୟସଭା ସଦସ୍ୟମାନଙ୍କୁ ନିଜ ପକ୍ଷରେ ସାମିଲ୍ କରିବା ଆଦି ଅତିକ୍ରିୟା ସଂସଦୀୟ ଗଣତନ୍ତ୍ର ଓ ସାମ୍ବିଧାନିକ ମୂଲ୍ୟବୋଧର ହନନର ପ୍ରକୃଷ୍ଟ ଉଦାହରଣ ଭାବେ ନିଆଯାଇପାରେ ।

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଗୁଇନ୍ଦା ବିଭାଗ, ଆୟକର ବିଭାଗ, ପୁଲିସ୍ ପ୍ରଶାସନକୁ ଉଦ୍ଦେଶ୍ୟମୂଳକ ଓ ଆକ୍ରୋଶମୂଳକ ଭାବେ ଦୁରୁପଯୋଗ ହେଉ କିମ୍ବା ସରକାର-ଶିଳ୍ପପତି ମଧୁଚନ୍ଦ୍ରିକାକୁ ସୁହାଇବା ପରି ଆଇନକୁ ମୋଡ଼ିମକଚି ପଙ୍ଗୁ କରିବା ପାଇଁ କାର୍ଯ୍ୟପାଳିକା ଉପରେ ଚାପ ସୃଷ୍ଟି ହେଉ - ସେଥିରୁ ସାମ୍ବିଧାନିକ ଲକ୍ଷ୍ମଣରେଖା ନିଷ୍ପ୍ରଭ ହୋଇଥିବାର ଧାରଣାର ଦୃଢ଼ ହେଉଛି । ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଗଣମାଧ୍ୟମ ଆଜି ସରକାରୀ କୋଳାଶ୍ରୟୀ ନ ହେଲେ ତିଷ୍ଠି ରହିବା ସମ୍ଭବ ହୋଇପାରୁନାହିଁ । ଦେଶଦ୍ରୋହ ଆଇନର ଦ୍ୱାହି ଦେଇ ସ୍ୱାଧୀନ ଅଭିବ୍ୟକ୍ତିର କଣ୍ଠରୋଧ, ଆକ୍ରମଣ ଓ ଦଣ୍ଡବିଧାନ ଗଣତନ୍ତ୍ରର ନିରପେକ୍ଷ ଚତୁର୍ଥ ସ୍ତମ୍ଭକୁ ସରକାରୀ ପକ୍ଷପାତୀ କରିବାକୁ ବାଧ୍ୟ କରିଛି । ସଂସଦରେ ବର୍ତ୍ତମାନ ଚାଲିଥିବା ଆଲୋଚନାରେ ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇଥିଲେ ଭଲ ହୋଇଥା'ନ୍ତା ।

ଭାରତୀୟ ଗଣତନ୍ତ୍ରର ସବୁଠାରୁ ବଡ଼ ଆଶ୍ୱସ୍ତି ହେଉଛି- ସାମାଜିକ-ରାଜନୈତିକ-ଧର୍ମ, ସାମ୍ପ୍ରଦାୟିକ-ଅର୍ଥନୈତିକ ଶୃଙ୍ଖଳାର ସ୍ରୋତକୁ ନିର୍ଦ୍ଧାରିତ ଦିଗରେ ଆଗେଇ ନେବାରେ ସମ୍ବିଧାନ ଏ ପର୍ଯ୍ୟନ୍ତ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଆସିଛି । ଏହା ମଧ୍ୟ ଦେଶର ସର୍ବୋଚ୍ଚ ଆଇନ, ପରମ୍ପରା, ବୌଦ୍ଧିକତା, ଜାତୀୟତାବୋଧର ସମ୍ମିଳିତ ସଂହିତା ଏବଂ ଏକାଧିକ ଦୃଷ୍ଟିକୋଣ-ଧାରଣାର ସମାହାର । ୭୫ ବର୍ଷରେ ଉପନୀତ ଭାରତୀୟ ସମ୍ବିଧାନର ମୌଳିକ ଉପାଦାନଗୁଡ଼ିକର ମୂଳଭିତ୍ତି ଏତେ ସୁଦୃଢ଼ ଯେ ଏହାକୁ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ନିଜ ଆଦର୍ଶବାଦ ଓ ସଂଖ୍ୟାଗରିଷ୍ଠତା ଆଧାରରେ ସମ୍ପୂର୍ଣ୍ଣ ବଦଳାଇପାରିବ ନାହିଁ । କିନ୍ତୁ ସଂଖ୍ୟାଗରିଷ୍ଠତା ବଳରେ ଏବଂ ସଂଶୋଧନ ଆଳରେ ସମ୍ବିଧାନର ମୌଳିକତାକୁ ବିକୃତ କରିବାର ସାମ୍ପ୍ରତିକ ଧାରା ଜାରି ରହିଲେ ସେହି ଭିତ୍ତି ଦୋହଲିଯିବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦେଇହେବ ନାହିଁ ।

## ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାରେ ପୋଷ୍ୟପ୍ରାଣୀ

ଡ. ନିତ୍ୟାନନ୍ଦ ସ୍ୱାଇଁ

ପୋଷ୍ୟପ୍ରାଣୀଙ୍କ ସାହାଯ୍ୟରେ ଚିକିତ୍ସା ପଦ୍ଧତିକୁ ବିଜ୍ଞାନର ଭାଷାରେ କୁହାଯାଉଛି 'ଆନିମଲ୍ ଆସିଷ୍ଟେଡ୍ ଥେରାପି' । ଏଥିରେ ବ୍ୟବହାର କରାଯାଇଥାଏ ତାଲିମପ୍ରାପ୍ତ ପୋଷ୍ୟପ୍ରାଣୀମାନଙ୍କୁ । ରୋଗୀମାନଙ୍କର ମାନସିକ ଚାପ ଲାଘବ କରିବା ନିମିତ୍ତ ଏହି ଚିକିତ୍ସା ପଦ୍ଧତି ମନୋବିଜ୍ଞାନୀ ଓ ମାନସିକରୋଗ ବିଶେଷଜ୍ଞଙ୍କ ଦ୍ୱାରା ପରିଚାଳିତ ହୋଇଥାଏ ।

ପୋଷ୍ୟଭିତ୍ତିକ ଥେରାପି ବା ଚିକିତ୍ସା ପଦ୍ଧତିର ଆରମ୍ଭ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ ଇଂଲଣ୍ଡର ଇୟର୍କ ରିଟ୍ରିଟ୍ ମନୋରୋଗ ପୁନର୍ବାସନ କେନ୍ଦ୍ରରେ । ଊନବିଂଶ ଶତକରେ ଇଂଲଣ୍ଡ ଓ ଆମେରିକାର ବିଭିନ୍ନ ସରକାରୀ ଓ ଘରୋଇ ଡାକ୍ତରଖାନାମାନଙ୍କରେ ଓ ମାନସିକ ରୋଗ ନିରାମୟର କାର୍ଯ୍ୟକାରୀ ପଦକ୍ଷେପ ହିସାବରେ ଏହା ଗୃହୀତ ହୋଇଥିଲା । ୧୯୪୪-୪୫ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧକାଳୀନ ଆମେରିକାନ୍ ରେଡ୍‌କ୍ରସ ସଂସ୍ଥାର ପରିଚାଳନାରେ ପ୍ରଶିକ୍ଷଣପ୍ରାପ୍ତ ପୋଷାପ୍ରାଣୀମାନଙ୍କର ଡାକ୍ତରଖାନାରେ ନିୟମିତ ଉପସ୍ଥିତି ଆହତ ଓ ଅସୁସ୍ଥ ସେନାମାନଙ୍କର ଦ୍ରୁତ ଆରୋଗ୍ୟଲାଭରେ ଗ୍ରହଣ କରିଥିଲା ବିଶେଷ ଭୂମିକା । ୧୯୭୭ ମସିହାରେ ବିଶିଷ୍ଟ ମନୋବିଜ୍ଞାନୀ ଲିଓ କେ ବୁଷ୍ଟାର୍ଡ ଏବଂ ମାଇକେଲ୍ ଚିଜ୍ ମ୍ୟାକୁଲକ୍ ଆମେରିକାର ଓରିଗନ୍ ରାଜ୍ୟର ପୋର୍ଟଲ୍ୟାଣ୍ଡ ସହରରେ ପ୍ରତିଷ୍ଠା କରିଥିଲେ 'ଡେଲା ସୋସାଇଟି'- ଯାହାର ଉଦ୍ଦେଶ୍ୟ ହେଲା ପୋଷ୍ୟପ୍ରାଣୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସେମାନଙ୍କ ସାହାଯ୍ୟରେ ମାନସିକ ଭାରସାମ୍ୟହୀନ ରୋଗୀମାନଙ୍କୁ ଆରୋଗ୍ୟ କରାଇବା । ବିଂଶ ଶତାବ୍ଦୀରେ ଏହା ଥିଲା ଡିମେନ୍‌ସିଆ ବା ସ୍ମୃତିହୀନ, ଆଲଜିମରସ୍‌ଜାତୀୟ ମାନସିକ ରୋଗ ଆକ୍ରାନ୍ତ ବୟସ୍କ ବ୍ୟକ୍ତି, ପୋଷ୍ଟ ଟ୍ରମାଟିକ୍ ଷ୍ଟ୍ରେସ୍ ଡିସ୍‌ଅର୍ଡର (ଗୁରୁତର ଆଘାତ ପ୍ରାପ୍ତିର ପରବର୍ତ୍ତୀ ଅବସ୍ଥାରେ ମାନସିକ ଚାପବୃଦ୍ଧି ଜଡ଼ିତ ବ୍ୟାଧି)ରେ ଆକ୍ରାନ୍ତ ଏବଂ ଅବସରପ୍ରାପ୍ତ ସୈନିକ ଓ ଅଟିଜିମ୍ ଆକ୍ରାନ୍ତ ଶିଶୁମାନଙ୍କଠାରେ ମନୋରୋଗ ଉପଶମର ଅନ୍ୟତମ ବୃହତ ପ୍ରତିଷ୍ଠାନ । ୨୦୧୨ ମସିହାରେ ଏହି ପ୍ରତିଷ୍ଠାନଟିର ନୂତନ ନାମକରଣ କରାଯାଇଥିଲା 'ପେଟ୍ ପାର୍ଟନର୍ସ' ବା 'ପୋଷ୍ୟ ସାଥୀ' । ଏହା ଅଧୀନରେ ସମ୍ପ୍ରତି ୧୩୦୦୦ରୁ ଅଧିକ ସ୍ୱେଚ୍ଛାସେବୀ ଦଳ ପୋଷ୍ୟଭିତ୍ତିକ ଥେରାପି ସଂଗଠନରେ ସକ୍ରିୟ ଭାବରେ କାର୍ଯ୍ୟରତ ଏବଂ ସେମାନେ ପୋଷ୍ୟପ୍ରାଣୀଙ୍କ ସାହାଯ୍ୟରେ ତିରିଶ ଲକ୍ଷରୁ ଅଧିକ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରି ସୁସ୍ଥ କରିପାରିଛନ୍ତି । କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକ କ୍ୟାଥି ଏମ୍ କୋଲେଙ୍କ ମତରେ ପୋଷ୍ୟଭିତ୍ତିକ ଥେରାପି ଶାରୀରିକ, ମାନସିକ ଏବଂ ମନୋସାମାଜିକ ଅବସ୍ଥାରେ ଉନ୍ନତି ବିଧାନ କରିବାରେ ଚିକିତ୍ସାବିଜ୍ଞାନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ସ୍ୱୀକୃତି ଲାଭ କରିଛି ।

କୁକୁରମାନେ ହେଉଛନ୍ତି ବହୁଳ ବ୍ୟବହୃତ ପୋଷ୍ୟ ଏବଂ ଅତି ସହଜରେ ପ୍ରଶିକ୍ଷିତ ହୋଇପାରୁଥିବା ପ୍ରାଣୀ । ତେବେ ବିରାଡ଼ି, ଘୋଡ଼ା, ଗୋରୁ, ଡଲଫିନ୍, ପକ୍ଷୀ, ଠେକୁଆଙ୍କୁ ମଧ୍ୟ ଏହି ଚିକିତ୍ସାରେ ବ୍ୟବହାର କରାଯାଇଥାଏ । ଆମେରିକାର ମିନିସୋଟା ରାଜ୍ୟର ଡାରଉଇନ୍ ସହରରେ ଆଲ୍‌ଜିମରସ ଓ ଡିମେନ୍‌ସିଆରେ ଆକ୍ରାନ୍ତ ବୃଦ୍ଧବୃଦ୍ଧାମାନଙ୍କ ସୁସ୍ଥତାର ଉଦ୍ଦେଶ୍ୟରେ ଗଢ଼ି ଉଠିଛି ଲେକ୍‌ଭିଉ ରାଞ୍ଚ ପୁନର୍ବାସନ କେନ୍ଦ୍ର । ସେଠାରେ ରୋଗୀମାନଙ୍କ ସହିତ ସମୟ ବିତେଇବା ପାଇଁ ଘୋଡ଼ାଶାବକ ଏବଂ କୁକୁରଙ୍କୁ ନିୟୋଜିତ କରାଯାଇଛି । ବୃଦ୍ଧବୃଦ୍ଧାମାନେ ସେହି ପୋଷ୍ୟମାନଙ୍କ ଲୋମ ବ୍ରସ୍ କରିଥା'ନ୍ତି ଓ ଅନ୍ୟ ପ୍ରକାରର ଯତ୍ନ କରିଥା'ନ୍ତି । ଏହାଫଳରେ ସେହି ରୋଗୀମାନଙ୍କର ନିୟମିତ ଅଙ୍ଗସଞ୍ଚାଳନ ହୋଇଥାଏ ଏବଂ ଅନେକାଂଶରେ ହ୍ରାସ ପାଇ ଆସେ ସେମାନଙ୍କ ମାନସିକ ବିଷର୍ଣ୍ଣତା । ଡିମେନ୍‌ସିଆରେ ଆକ୍ରାନ୍ତ ୭୭ ବର୍ଷୀୟା ଜଣେ ବୃଦ୍ଧା କହିଥିଲେ 'ଘୋଡ଼ା ଶାବକ ଜ୍ୟାକସିନ୍ ମୋର ଝିଅ ଭଳି ଏବଂ ତା' ସାଥିରେ ଦେଖାହେଲେ ସାରାଦିନଟା ମୋର ଖୁସିରେ କଟିଯାଏ' । ଠିଆ ହୋଇପାରିବାର ଶକ୍ତି ନଥିବା ୮୭ ବର୍ଷର ଆଲଜିମରରେ ଆକ୍ରାନ୍ତ ବୃଦ୍ଧ ଜଣେ କୁକୁର ସାଙ୍ଗରେ ଖେଳିବାର ଉତ୍ସାହରେ ଉଠି ବସନ୍ତି ଏବଂ ଭାବନ୍ତି ଯେ ସେ ହେଉଛନ୍ତି କୁକୁରଟିର ମାଲିକ ଓ ପ୍ରଶିକ୍ଷକ । ଏହି ଭାବନା ରେ ହିଁ ସେ ଫେରିପାଆନ୍ତି ତାଙ୍କର ଆତ୍ମବିଶ୍ୱାସ ।

'ଓୟେଷ୍ଟ ଜର୍ଣ୍ଣାଲ ଅଫ୍ ନର୍ସିଂ ରିସର୍ଚ୍ଚ' ପତ୍ରିକାରେ ପ୍ରକାଶିତ ତଥ୍ୟାନୁଯାୟୀ ଆଲଜିମର ରୋଗୀମାନଙ୍କର ପୁନର୍ବାସନ କେନ୍ଦ୍ରର ଡାଇନିଂ ହଲର ରଙ୍ଗିନ୍ ମାଛର ଆକୁଆରିୟମ ମାନସିକ ରୋଗାକ୍ରାନ୍ତଙ୍କ ମଧ୍ୟରେ ଏତେବେଶୀ ଖୁସି ଜାତ କରିପକାଏ ଯେ ସେମାନେ ନିଜ ଇଚ୍ଛାରେ ନିଜର ଭୋଜନ କରିଥା'ନ୍ତି ଏବଂ ଶରୀର ପ୍ରତି ଯତ୍ନ ନେବାରେ ଆଗ୍ରହୀ ହୋଇଥା'ନ୍ତି । ଅଟିଜିମ୍ ମାନସିକ ବ୍ୟାଧିଗ୍ରସ୍ତ ଶିଶୁମାନେ ଡଲ୍‌ଫିନ୍ ସହିତ ସନ୍ତରଣ କରିବାର ସୁଯୋଗ ପାଇ ଦ୍ରୁତ ସୁସ୍ଥ ହୋଇଉଠୁଥିବାର ପରିଲକ୍ଷିତ ହେଉଛି । ଗୋରୁଗାଈଙ୍କୁ ଆଲିଙ୍ଗନ କରିବା ମାଧ୍ୟମରେ ୭ ରୁ ୧୬ ବର୍ଷ ବୟସୀ କିଶୋର କିଶୋରୀମାନଙ୍କ ମଧ୍ୟରେ ପରିଦୃଷ୍ଟ ହେଉଛି ଆତ୍ମବିଶ୍ୱାସ, ପରାର୍ଥପରତା ଏବଂ ବିଶ୍ୱାସଯୋଗ୍ୟତା ଅର୍ଜନର ପ୍ରବଣତା । ନ୍ୟୁୟର୍କର ଗ୍ରାମାଞ୍ଚଳରେ ପ୍ରାୟ ୩୩ ହେକ୍ଟର ଜମି ଉପରେ ଗଢ଼ି ଉଠିଛି 'ମାଉଣ୍ଟେନ ହର୍ସ ଫାର୍ମ' । ସେଠାରେ ଘୋଡ଼ାମାନଙ୍କ ସହିତ ପ୍ରତିପାଳିତ ହୋଇଥା'ନ୍ତି ଦୁଇଟି ବାଛୁରୀ । ସ୍ଥାନୀୟ ଶିଶୁମାନେ ସେଠାକୁ ଯାଇ ଯେପରି ବାଛୁରୀମାନଙ୍କୁ ଆଲିଙ୍ଗନ କରିବାର ସୁଯୋଗ ପାଇପାରିବେ, ସେଥିପାଇଁ ସେମାନଙ୍କ ଅଭିଭାବକମାନେ ଘଣ୍ଟାପ୍ରତି ୭୫ ଡଲାର ଅର୍ଥ ବ୍ୟୟ କରିବା ପାଇଁ ବି ପଶ୍ଚାତପଦ ହୋଇନଥା'ନ୍ତି । ସମ୍ପ୍ରତି ବେଲଜିୟମ, ସୁଇଜରଲ୍ୟାଣ୍ଡ ଏବଂ ନେଦରଲ୍ୟାଣ୍ଡରେ ମଧ୍ୟ ଆରମ୍ଭ ହୋଇଛି ପଶୁମାନଙ୍କ ସହିତ ଆଲିଙ୍ଗନ ଜନିତ ଚିକିତ୍ସାପଦ୍ଧତି । ୱାଶିଂଟନ୍ ଷ୍ଟେଟ୍ ସଂଶୋଧନାଗାର ପରିଚାଳିତ 'ଦ ପ୍ରିଜନ ପେଟ୍ ପାର୍ଟନରସିପ୍ ପ୍ରୋଗ୍ରାମ'ମାଧ୍ୟମରେ କାରାଗାରର ବନ୍ଦୀମାନେ ପୋଷ୍ୟପ୍ରାଣୀଙ୍କୁ ପ୍ରଶିକ୍ଷଣ ଦେଇ ମାନସିକ ରୋଗୀମାନଙ୍କ ରୋଗ ନିରାମୟରେ ସାହାଯ୍ୟ କରୁଛନ୍ତି । ଏଥିରେ ରୋଗୀ ଯେପରି ଆରୋଗ୍ୟ ପଥରେ ଅଗ୍ରସର ହୋଇଥାଏ, କାରାବନ୍ଦୀମାନେ ମଧ୍ୟ ନିଜର ଭୁଲ୍ ସୁଧାରି ସୁସ୍ଥ ନାଗରିକ ହୋଇପାରୁଛନ୍ତି ।

ଭାରତରେ ଏହି ପ୍ରଚେଷ୍ଟା ମଧ୍ୟ ଆରମ୍ଭ ହୋଇଗଲାଣି । ପ୍ରଶିକ୍ଷିତ ପୋଷ୍ୟଜନ୍ତୁମାନଙ୍କ ସାହାଯ୍ୟରେ ମାନସିକ ସ୍ୱାସ୍ଥ୍ୟ ପୁନରୁଦ୍ଧାର ପରିସେବା ପ୍ରଚଳନ ପାଇଁ କାର୍ଯ୍ୟରତ ରହିଛି 'ଆନିମଲ୍ ଆଞ୍ଜେଲ୍‌ସ ଫାଉଣ୍ଡେସନ' ଓ 'ମାନିବ ଫାଉଣ୍ଡେସନ' (ମୁମ୍ବାଇ), ଓୟେରାଭିଲେ (ବେଙ୍ଗାଲୁରୁ) ଏବଂ 'ଫାର ବଲ୍ ଷ୍ଟୋରୀ' (ଦିଲ୍ଲୀ) । ପ୍ରଥମ ଓ ଚତୁର୍ଥ କେନ୍ଦ୍ରରେ ପୋଷ୍ୟପ୍ରାଣୀ କୁକୁର, ଦ୍ୱିତୀୟ କେନ୍ଦ୍ରରେ ବିରାଡ଼ି ଏବଂ ତୃତୀୟ କେନ୍ଦ୍ରରେ ପୋଷ୍ୟ ହେଉଛି ଘୋଡ଼ା ।

'ଜର୍ଣ୍ଣାଲ ଅଫ୍ ସାଇକୋସୋମାଟିକ୍ ରିସର୍ଚ୍ଚ' ପତ୍ରିକାରେ ୨୦୦୦ ମସିହାରେ ପ୍ରକାଶିତ ଗବେଷଣା ନିବନ୍ଧରେ ମନୋବିଜ୍ଞାନୀ ଜେ. ଏସ୍ ଓଡେଣ୍ଡାଲ୍ ଉଲ୍ଲେଖ କରିଛନ୍ତି- ମାନସିକ ରୋଗୀ ଏବଂ ପୋଷ୍ୟମାନଙ୍କ ଶାରୀରିକ ସାକ୍ଷାତରେ ସେମାନଙ୍କ ଉଭୟଙ୍କର ଦେହରେ ନିଉରୋକେମିକାଲ କ୍ଷରଣରେ ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ ସଂଘଟିତ ହୋଇଥାଏ, ଯାହା ସେମାନଙ୍କ ମଧ୍ୟରେ ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନରେ ସହାୟକ ଏବଂ ରୋଗୀର ରୋଗମୁକ୍ତରେ ଅତ୍ୟନ୍ତ ଫଳପ୍ରଦ । ମାସାଚୁସେଟସ୍ ଜେନେରାଲ୍ ହସ୍ପିଟାଲର ଗବେଷକ ଡାକ୍ତର ଲରିସ୍ ଏସ୍ ପଲ୍‌ଙ୍କ ମତରେ ସିଜୋଫ୍ରେନିଆ, ଅଲଜିମରସ, ଡିମେନସିଆ, ମ୍ୟାନିକ୍ ଡିପ୍ରେସନ ପ୍ରଭୃତି ମାନସିକ ରୋଗାକ୍ରାନ୍ତ ବ୍ୟକ୍ତିମାନଙ୍କ ସହିତ ପ୍ରଶିକ୍ଷଣପ୍ରାପ୍ତ ପ୍ରାଣୀମାନଙ୍କର ନିବିଡ଼ ସଂଯୋଗ ଫଳରେ ସେମାନଙ୍କ ଶରୀରରେ ନିଉରୋଟ୍ରାନ୍ସମିଟର ସିରୋଟାନିନ୍ ଏବଂ ଏଣ୍ଡୋରଫିନର କ୍ଷରଣମାତ୍ରା ବୃଦ୍ଧି ହେବା ସଂଗେ ସଂଗେ ଷ୍ଟ୍ରେସହରମୋନ କର୍ଟିସଲ ଓ ଆଡ୍ରେନାଲିନର କ୍ଷରଣମାତ୍ରା ହ୍ରାସ ପାଏ; ଫଳରେ ସେମାନଙ୍କଠାରେ ଅନେକାଂଶରେ ଦୂରୀଭୂତ ହୋଇଯାଏ ମାନସିକ ଅବସାଦ ଓ ଶାରୀରିକ ଅବସନ୍ନତା ।

ପୋଷ୍ୟ କୁକୁରଙ୍କ ସହିତ ୫ ରୁ ୨୦ ମିନିଟ୍ ଧରି ଆଳାପ କଲେ, ସେମାନଙ୍କ ସହ ଖେଳି ସେମାନଙ୍କୁ ଆଦର ଯତ୍ନ କଲେ, କଲେଜ ପଢ଼ୁଆ ଛାତ୍ରୀମାନଙ୍କ ଲାଳରସରେ ପରିଲକ୍ଷିତ ହେଉଛି ଇମ୍ୟୁନୋଗ୍ଲୋବୁଲିନର ମାତ୍ରା ବୃଦ୍ଧି । ଏହାଫଳରେ ସେମାନଙ୍କଠାରେ ହ୍ରାସ ପାଏ ସଂକ୍ରମଣର ହାର । ଆମେରିକାନ୍ ହାର୍ଟ ଆସୋସିଏସନ୍ ଦ୍ୱାରା ପ୍ରକାଶିତ ଗବେଷଣା ଲବ୍ଧ ତଥ୍ୟାନୁଯାୟୀ, ପୋଷ୍ୟପ୍ରାଣୀଭିତ୍ତିକ ଚିକିତ୍ସା ପଦ୍ଧତି ହୃଦରୋଗାକ୍ରାନ୍ତ ବ୍ୟକ୍ତିମାନଙ୍କ ଚିକିତ୍ସାରେ ବିଶେଷ ଫଳପ୍ରଦ । ପୋଷ୍ୟପ୍ରାଣୀ ଚିକିତ୍ସାରେ ବ୍ୟବହୃତ କୁକୁରଙ୍କ ସଂଗେ ଆଳାପ ବା କଥୋପକଥନରେ ୧୨ ମିନିଟ୍ ବ୍ୟୟ କରିପାରିଲେ ରକ୍ତରେ ଆଡ୍ରେନାଲିନ୍ ହରମୋନ୍‌ର ମାତ୍ର ୧୭ ଶତାଂଶ କମିଯାଉଛି, ହୃତ୍‌ପିଣ୍ଡସ୍ଥିତ ବାମ ଅଳିନ୍ଦର ରକ୍ତଚାପ ୧୦ ଶତାଂଶ ଏବଂ ଫୁସ୍‌ଫୁସୀୟ ଧମନୀର ରକ୍ତଚାପ ୫ ପ୍ରତିଶତ ପ୍ରଶମିତ ହୋଇଯାଉଛି; ଫଳରେ ହୃଦରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ରୋଗ ଜନିତ ଉଦ୍‌ବେଗ ୨୪ ଶତାଂଶ ହ୍ରାସ ଘଟୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଏକ ହିସାବ ଅନୁଯାୟୀ ୧୫୦ ମିନିଟ୍‌ର ହାଲୁକା ଶାରୀରିକ ପରିଶ୍ରମରେ ଯାହା ଫାଇଦା ହୋଇଥାଏ, କୁକୁର ସହିତ ଦୁଇବେଳା ଚଲାବୁଲା କଲେ ସମାନ ଫଳ ମିଳେ । ଅନ୍ୟ ଏକ ଗବେଷଣା ନିବନ୍ଧ ଅନୁଯାୟୀ କୁକୁରଙ୍କ ପ୍ରତି ସହମର୍ମିତା ଓ ଆଦର ଯତ୍ନ ପ୍ରବଣ ମାନସିକତା ମାନସିକ ରୋଗୀଙ୍କ ଶରୀରରେ ଅକ୍ସିଟୋସିନ୍ ଓ ପ୍ରୋଲାକ୍ଟିନ୍ ହରମୋନ୍‌ର କ୍ଷରଣ ବୃଦ୍ଧି କରିପକାଏ, ଯାହା କ୍ରୋଧ ସମ୍ବରଣ ଓ ଆବେଗଗତ ପରିବର୍ତ୍ତନ ମାଧ୍ୟମରେ ରୋଗୀକୁ କରିପାରେ ସ୍ୱାଭାବିକ ଜୀବନଛନ୍ଦର ଅଧିକାରୀ ।

କଟକ, ମୋ: ୯୪୩୭୭୬୬୧୧୭

## କାହା ପାଇଁ ଉଲ୍ଲାସ, କାହା ପାଇଁ ବିଷ

ଇପ୍ସିତା ମହାନ୍ତି

ଦକ୍ଷିଣ-ଭାରତୀୟ ରାଜ୍ୟଗୁଡ଼ିକରୁ ଆରମ୍ଭ ହୋଇଥିବା ବ୍ୟକ୍ତିପୂଜନ ତଥା ଆତ୍ମବଡ଼ିମା ପ୍ରଦର୍ଶନ ପାଇଁ ସର୍ବସାଧାରଣ ସ୍ଥାନରେ ଛୋଟବଡ଼ ମହିମାମଣ୍ଡନକାରୀ ପ୍ରଦର୍ଶିତ ବିଜ୍ଞାପନ ଅର୍ଥାତ୍ ହୋର୍ଡିଂ (ଫଳକ), ଶୁଭେଚ୍ଛା ବ୍ୟାନେର୍ ଓ ପୋଷ୍ଟର ଲଗାଇବା ପରମ୍ପରା ଆଜି ସହର ବାଟ ଦେଇ ଗାଁଗଣ୍ଡାରେ ପହଞ୍ଚିଲାଣି । ଯିଏ ଯେଉଁଠି ପାରିଲା ମନଇଚ୍ଛା ପୋଷ୍ଟର ଲଗାଇଲା । କେହି କୌଣସି ନିୟମ ମାନୁ ନାହାନ୍ତି କି କେହି ବାରଣ କରିବାର ନାହିଁ । କେବଳ ସାଧାରଣ ନାଗରିକ କିମ୍ବା ରାଜନେତା ନୁହନ୍ତି ବିଭିନ୍ନ ବିଜ୍ଞାପନ ସଂସ୍ଥା ଏବଂ ବ୍ୟବସାୟୀ ମଧ୍ୟ ଏଥିରେ ସମ୍ପୃକ୍ତ । ଏ ଦିଗରେ ଭାରତୀୟମାନେ ଅଭିନବ ପନ୍ଥା ଅବଲମ୍ବନ କରୁଛନ୍ତି ।

ଆତ୍ମପ୍ରଚାର ପାଇଁ ଭାରତୀୟମାନେ ଆଜି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି । କେବଳ ପର୍ବପର୍ବାଣୀ କିମ୍ବା ସାମାଜିକ କାର୍ଯ୍ୟକ୍ରମରେ ନୁହେଁ ନିର୍ବାଚନ ସମୟରେ ଏଭଳି ଦୃଶ୍ୟ ବହୁଳମାତ୍ରାରେ ଦେଖିବାକୁ ମିଳୁଛି । ଏକ୍ଷେତ୍ରରେ ଭାରତୀୟଙ୍କ ମଧ୍ୟରେ ନିରନ୍ତର ପ୍ରତିଯୋଗିତା ଚାଲିଛି । ନିଜେ ଅନ୍ୟଠାରୁ ବଡ଼ ବୋଲି ପ୍ରମାଣିତ କରିବା ପ୍ରୟାସରେ ଅଧିକ ସଂଖ୍ୟାରେ ଏବଂ ବଡ଼ ଆକାରର ବିଜ୍ଞାପନ ସ୍ଥାନିତ କରୁଛନ୍ତି । ଏହି ପ୍ରତିଯୋଗିତା କେବଳ ସମ୍ପୃକ୍ତ ଅଞ୍ଚଳର ସୌନ୍ଦର୍ଯ୍ୟକୁ ନଷ୍ଟ କରୁନାହିଁ, ବରଂ ପରିବେଶ ଉପରେ କୁପ୍ରଭାବ ପକାଉଛି । ଏଥିପ୍ରତି ପ୍ରାୟୋଜକ କିମ୍ବା ପ୍ରଯୋଜକଙ୍କ ନିଘା ନାହିଁ । ତେଣେ ନିଜ ଅଜ୍ଞତା ଏବଂ ଅଭିଜ୍ଞତା ସହିତ



ଯାହା ଘଟୁଛି ନିରୀହ ଜନତା ତାହା ଗ୍ରହଣ କରି ଚାଲିଛି ।

ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟସ୍ଥାନରେ ବିଜ୍ଞାପନ ସାମଗ୍ରୀ ପ୍ରଦର୍ଶନ ବାରଣ ରହିଛି । ପ୍ରତ୍ୟେକ ରାଜ୍ୟ ଓ ସହର ପାଇଁ ବିଜ୍ଞାପନ ସହିତ ଜଡ଼ିତ ସ୍ପଷ୍ଟ ନିୟମ ମଧ୍ୟ ରହିଛି । କିନ୍ତୁ ଅନଧିକୃତ ପ୍ରଦର୍ଶିତ ବିଜ୍ଞାପନ ସାମଗ୍ରୀ ବିରୁଦ୍ଧରେ କ୍ୱଚିତ୍ କାର୍ଯ୍ୟାନୁଷ୍ଠାନ ହୋଇଥାଏ । ଅନେକ ସ୍ଥାନରେ ସ୍ଥାନୀୟ ପ୍ରଶାସନର ନିରବତା କାରଣରୁ ସରକାର ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି । ଅଭିନନ୍ଦନ ବାର୍ତ୍ତାର ପ୍ରଦର୍ଶନ ଧାରା କ୍ରମଶଃ ବୃଦ୍ଧି ପାଉଛି । ଏହାକୁ ସାଧାରଣ ଉତ୍ପାଦକ ବର୍ଗରେ ଶ୍ରେଣୀଭୁକ୍ତ କରାଯିବା ଆବଶ୍ୟକ । ଜାତୀୟ ରାଜପଥ କଡ଼ରେ ହୋର୍ଡିଂ ଲଗାଇ ପାରିବେ ନାହିଁ ବୋଲି ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶ ରହିଛି । ଅଥଚ ଏହାର ଖୋଲା ଉଲଂଘନ ହେଉଛି । ଅଧିକାଂଶ ପଥଚାରୀ ଏବଂ ଆରୋହୀ ରାସ୍ତା କଡ଼ରେ ପ୍ରଦର୍ଶିତ ବିଜ୍ଞାପନ ହୋର୍ଡିଂ ଦେଖିବା ଭ୍ରମରେ ଦୁର୍ଘଟଣାର ଶିକାର ହୁଅନ୍ତି । ସମୟକ୍ରମେ ଏସବୁ ବ୍ୟାନର୍, ହୋର୍ଡିଂ ଆଦି ପ୍ରଦର୍ଶନ ସାମଗ୍ରୀ ସର୍ବସାଧାରଣ ସ୍ଥାନରେ ଆବର୍ଜନା ଠୁଳ କରନ୍ତି । ବଢ଼ି ଚାଲିଥିବା ଏହି ପ୍ରଦର୍ଶନ ଦୌଡ଼ରେ ଆଜି ଜନ୍ମଦିନ, ଅଭିନନ୍ଦନ, ଶୁଭେଚ୍ଛା, କୃତଜ୍ଞତା ସମ୍ପର୍କିତ ଅସଂଖ୍ୟ ଛୋଟବଡ଼ ହୋର୍ଡିଂ ଅବା ବ୍ୟାନର୍ ଲାଗୁଛି । ଏହା ମାଧ୍ୟମରେ ସମ୍ପୃକ୍ତ ବ୍ୟକ୍ତି ନିଜ ଶକ୍ତି ପ୍ରଦର୍ଶନର ସୁଯୋଗ ପାଉଛି, କିନ୍ତୁ ନିଜର ଏହି ବାର୍ତ୍ତାକୁ ବିଜ୍ଞାପିତ କରୁଥିବା ପଦାର୍ଥ କେତେ ଯେ ମାରାତ୍ମକ ସେ ଜାଣେନାହିଁ ।

ବାସ୍ତବରେ ପରିବେଶ ଉପରେ ଏହି ସାମଗ୍ରୀଗୁଡ଼ିକର ସୁଦୂରପ୍ରସାରୀ ପ୍ରଭାବ ପଡ଼ିଥାଏ । ଏଥିରେ ବ୍ୟବହୃତ ସାମଗ୍ରୀର ପୁନଃବ୍ୟବହାର ହୋଇପାରେ ନାହିଁ । ଯାହା ପ୍ରଦୂଷଣର କାରଣ ସାଜେ । ପୂଜାପାର୍ବଣରେ ପ୍ରଦର୍ଶିତ ବିଜ୍ଞାପନ ସାମଗ୍ରୀଗୁଡ଼ିକ ପ୍ରତିକୃତି ନିର୍ମାଣରେ ବ୍ୟବହୃତ ହେଉଥିବା ଦେଖିବାକୁ ମିଳୁଛି । ବିଜ୍ଞାପନ ସାମଗ୍ରୀରେ ବ୍ୟବହୃତ ପିଭିସି ସାମଗ୍ରୀ ଆସୁରିକ ପ୍ରବୃତ୍ତିଠାରୁ କୌଣସି ଗୁଣରେ କମ୍ ନୁହେଁ । ଏହି ପ୍ରତିକୃତି ଦହନରେ ବିପଜ୍ଜନକ ଡାଇଅକ୍ସିନ୍ ନିର୍ଗତ ହୋଇଥାଏ, ଯାହା ଅତ୍ୟନ୍ତ ବିଷାକ୍ତ । ଏହା ବାୟୁମଣ୍ଡଳକୁ ପ୍ରଦୂଷିତ କରେ । ଏକ ଆକଳନ ଅନୁଯାୟୀ ୮୦ ପ୍ରତିଶତ ଡାଇଅକ୍ସିନ ପ୍ରଦୂଷଣ ପାଇଁ ପିଭିସି ଦାୟୀ । ପ୍ରଦର୍ଶିତ ବିଜ୍ଞାପନ ସାମଗ୍ରୀରେ ନାନାପ୍ରକାର ରାସାୟନିକ ରଙ୍ଗ ବ୍ୟବହାର ହେଉଛି । ଯାହା ମାନବ ସହିତ ପରିବେଶର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ । ସମ୍ପ୍ରତି ଷ୍ଟାର୍ ଫ୍ଲେକ୍ସ ପ୍ରିଣ୍ଟିଙ୍ଗ୍‌ର ଧାରା ଚାଲିଛି । ଏହା ସାଧାରଣ ବ୍ୟବହୃତ ପିଭିସିଠାରୁ ମୋଟା ଏବଂ ଏହାର ବିଘଟନ ପ୍ରକ୍ରିୟା ଜଟିଳତର । ମାଟିରେ ସହଜରେ ମିଶେ ନାହିଁ । କିନ୍ତୁ ସୁଲଭ, ସୁନ୍ଦର ଯୋଗୁଁ ଏହା ବହୁଳ ବ୍ୟବହୃତ ହେଉଛି ।

ଜଳବାୟୁ ପରିବର୍ତ୍ତନ ବିଷୟ ଆମ ସମ୍ମୁଖରେ ଆଜି ବିରାଟ ଆହ୍ୱାନ ସୃଷ୍ଟି କରିଛି । ଏଭଳି ସ୍ଥିତିରେ ପରିବେଶର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଆମ ଦାୟିତ୍ୱ ନୁହେଁ କି? ତେଣୁ ପରିବେଶ ବିରୋଧୀ କାର୍ଯ୍ୟ ଠାରୁ ଦୂରେଇ ରହିବା ମାନବଜାତି ପାଇଁ ଶୁଭଙ୍କର ହେବ ।

ବୈପାରୀଗୁଡ଼ା(କୋରାପୁଟ)
ମୋ: ୬୩୭୦୬୭୯୪୦୫

## ଅଶୋକ-୨

ପ୍ରକୃତି-ପରିବେଶ

ଶ୍ରୀସୁନ୍ଦର

ଐତିହାସିକ ଯୁଗରୁ ଅଶୋକ ବୃକ୍ଷର ଔଷଧୀୟ ବ୍ୟବହାର ପାଇଁ ବିଭିନ୍ନ ଆୟୁର୍ବେଦିକ ପାଠ୍ୟପୁସ୍ତକରେ ଏହା ତାଲିକାଭୁକ୍ତ ହୋଇଛି । ଖ୍ରୀଷ୍ଟପୂର୍ବ ଏକ ହଜାରରେ ଲେଖାଯାଇଥିବା ଚରକ ସଂହିତା ଏହାର ପ୍ରଭାବକୁ ଚର୍ମ ସମ୍ବନ୍ଧୀୟ ରୋଗ ପାଇଁ ପୀଡ଼ାନାଶକ, ରକ୍ତରୋଧୀ ଏବଂ କଟୁତ୍ୱ ହ୍ରାସ ଔଷଧ ଭାବରେ ଦର୍ଶାଇଥାଏ । ଖ୍ରୀଷ୍ଟପୂର୍ବ ପାଞ୍ଚଶହରେ ଶୁଶ୍ରୁତ ଏହାକୁ ଗର୍ଭ ନିରୋଧକ, ଉଚ୍ଚ ଜ୍ୱର, ସାପ କାମୁଡ଼ା, ସ୍ନାୟୁଗତ ବିକାର, ଚକ୍ଷୁ ରୋଗ ଏବଂ କ୍ଷତ ଚିକିତ୍ସା ପାଇଁ ସେବନ କରିବାକୁ ଉପଦେଶ ଦେଇଛନ୍ତି, ଯାହା ଶୁଶ୍ରୁତ ସଂହିତାରେ ଉଲ୍ଲେଖ ଅଛି । ଗାଁ ବୈଦ୍ୟମାନଙ୍କ ଦ୍ୱାରା ବ୍ୟବହୃତ ୨୦ ଟି ଜଣାଶୁଣା ଜଡ଼ିବୁଟି ଔଷଧୀୟ ଉଦ୍ଭିଦ ମଧ୍ୟରୁ ଅଶୋକ ଗୋଟିଏ । ଏହାର ପୁଷ୍ଟିକର ଓ ଆରୋଗ୍ୟକାରୀ ଗୁଣ ହେତୁ ଏହା ଆୟୁର୍ବେଦରେ ଅନେକ ରୋଗ ପାଇଁ ମହୌଷଧୀ ଭାବରେ ବ୍ୟବହୃତ ହୁଏ । ବିଶେଷକରି ଅଶୋକ ଗଛର ଅଂଶ ଯେପରିକି ଛାଲି ବା ବଳ୍କଳ, ପତ୍ର, ଫୁଲ, ମଞ୍ଜି, ମୂଳ ଇତ୍ୟାଦି ମହିଳାମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି । ଏହାର ବିଭିନ୍ନ ଅଂଶରେ ଟାନିନ୍, କ୍ୟାଟେକଲ୍, ଦହନୀୟ ତୈଳ, କେଟୋଷ୍ଟେରୋଏଡ୍, ଗ୍ଲାଇକୋସାଇଡ୍, ଫ୍ଲାଭୋନାଏଡ୍, ସାପୋନିନ୍, କ୍ୟାଲସିୟମ୍ ଓ ଲୌହ ଭଳି ଜୈବ ରାସାୟନିକ ତତ୍ତ୍ୱ ଗଚ୍ଛିତ ଥାଏ । ଏହି ଉପାଦାନଗୁଡ଼ିକୁ ଧାରଣ କରିଥିବା ଅଶୋକ ବୃକ୍ଷର ବିଭିନ୍ନ ଅଙ୍ଗକୁ ଅଣୁଜୀବ ନାଶକ, ପ୍ରଦାହ ହ୍ରାସ, ରକ୍ତସ୍ରାବ ନିୟନ୍ତ୍ରଣ, କୃମି ନାଶକ ଓ ପୀଡ଼ା ହ୍ରାସକ ଔଷଧ ଭାବରେ ବ୍ୟବହାର କରାଯାଇଥାଏ । ପାରମ୍ପରିକ ଭାବରେ ଆମାଶୟ, ନାଳ ରକ୍ତ ଝାଡ଼ା, ପେଟ ମରା ବା ଆମଶୂଳ, ପାଇଲସ୍ ବା ଅର୍ଶ, ପିତାଧିକ୍ୟ, ଅଗ୍ନିମାନ୍ଦ୍ୟ, ଅଲସର ବା ପେଟ ଘା', ଅଧିକାଂଶ ସ୍ତ୍ରୀରୋଗ ଚିକିତ୍ସା, ଗର୍ଭାଶୟ ମାଂସପେଶୀ, ଏଣ୍ଡୋମେଟ୍ରିଅମ୍ ବା ଜରାୟୁ ଫୁଲା ପାଇଁ ଏକ ଟନିକ୍ ଭାବରେ କାର୍ଯ୍ୟ କରେ । ଅଶୋକ ଗଛରୁ ପ୍ରସ୍ତୁତ ଆୟୁର୍ବେଦିକ ଟନିକ୍ ଅଶୋକାରିଷ୍ଟ ବନ୍ଧ୍ୟାକରଣ, ଗର୍ଭାଶୟ ଦୁର୍ବଳତା, ହରମୋନ୍ ବା ଉଦ୍ଦୀପକ ଜୀବର ଅସନ୍ତୁଳନ ପାଇଁ ଅବ୍ୟର୍ଥ ଔଷଧ । ଧଳା ପାଣି କିମ୍ବା ଲ୍ୟୁକୋରୋଆ, ପେଟ ରୋଗ ଓ ପେଲଭିକ୍ ଯନ୍ତ୍ରଣା, ବୃକ୍କ ବା କିଡନୀରେ ପଥର ବ୍ୟାଧି, ଶ୍ୱାସକ୍ରିୟା ଜନିତ ରୋଗ, ରକ୍ତ ସଞ୍ଚାଳନ, ଅସ୍ୱାଭାବିକ ଯୋନୀ ରକ୍ତସ୍ରାବ, ପରିସ୍ରା ସମସ୍ୟା, ଉତ୍ତେଜନା, ପେଟ ଯନ୍ତ୍ରଣା, ଆମାଶୟ, ଦୃଷ୍ଟିହୀନତା, ଆଭ୍ୟନ୍ତରୀଣ ରକ୍ତସ୍ରାବ, କୋଷ୍ଠକାଠିନ୍ୟ, ରକ୍ତଶର୍କରା ଆଦିର ଚିକିତ୍ସା ଏବଂ ପୁରୁଷଙ୍କ ଅଣ୍ଡକୋଷ ଫୁଲାର ଉପଶମ ପାଇଁ ଅଶୋକ ସର୍ବୋଷଧୀ । ଚର୍ମର ରଙ୍ଗକୁ ଉଜ୍ଜ୍ୱଳ କରିବା ପାଇଁ ଏହାର ଛାଲି ମଧ୍ୟ ବ୍ୟବହୃତ ହୁଏ । ଏହାର ଫଳଗୁଡିକ ବିଟ ବାଦାମର ବିକଳ୍ପ ଭାବରେ ଚୋବାଇ ଖିଆଯାଏ ।

ଭାରତ ସରକାରଙ୍କ ଯୋଜନା ଆୟୋଗ ଏବଂ ଜାତୀୟ ଔଷଧ ଉଦ୍ଭିଦ ପରିଷଦ ଅଧିକ ଗବେଷଣା ଏବଂ ବିକାଶ ପାଇଁ ୩୨ ଟି ମୂଲ୍ୟବାନ ଔଷଧୀୟ ଉଦ୍ଭିଦ ଚିହ୍ନଟ କରିଛି । ସେଥିରେ ଅଶୋକ ବୃକ୍ଷ ତାଲିକାଭୁକ୍ତ ହୋଇଛି । ଏହାର ବିପୁଳ ବଜାର ଚାହିଦା ହେତୁ ନିମ୍ନ ଧରଣର ଉଦ୍ଭିଦର ଅପମିଶ୍ରଣ ଏଥିରେ ବଢ଼ି ଚାଲିଛି । ଏହାକୁ ରୋକିବାକୁ ସରକାର ସବୁମନ୍ତେ ଉଦ୍ୟମ ଜାରି ରଖିଛନ୍ତି । ଅଶୋକର କୋଷରୁ ମାଇକ୍ରୋପ୍ରୋପାଗେସନ୍ କୌଶଳ ପ୍ରୟୋଗ ଦ୍ୱାରା ସୃଷ୍ଟ ଚାରା ବ୍ୟାପକ ଭାବରେ ବ୍ୟବହାର କରାଯାଇପାରିବ ।

ଅଶୋକ ଗଛର ଫୁଲ ହେଉଛି ଓଡ଼ିଶାର ରାଜ୍ୟ ଫୁଲ । ଅନାବଶ୍ୟକ ଅମଳ ଓ ପ୍ରାକୃତିକ ଜଙ୍ଗଲ ନଷ୍ଟ ହେବା ଦ୍ୱାରା ଏହି ଉପକାରୀ ଉଦ୍ଭିଦର ଘନତା ହ୍ରାସ ପାଉଛି । ପ୍ରାକୃତିକ ଆବାସ ହ୍ରାସ, ଖଣ୍ଡ ବିଖଣ୍ଡିତ ବନ୍ୟାଞ୍ଚଳ ଏବଂ ମାତ୍ରାଧିକ ବ୍ୟବହାର ହେତୁ ଏହି ଉଦ୍ଭିଦର ମହତ୍ତ୍ୱ ଓ ଏହାର ସ୍ଥିତାବସ୍ଥା ପାଇଁ ମାଡି ଆସୁଥିବା ବିପଦକୁ ଦୃଷ୍ଟି ଦେଇ 'ଇଣ୍ଟରନ୍ୟାସନାଲ ୟୁନିଅନ୍ ଫର କଞ୍ଜରଭେସନ ଅଫ୍ ନେଚର' ବା 'ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତିକ ସଂଘ' ଦ୍ୱାରା ୨୦୧୮ ରେ ଏହାକୁ ଏକ 'ବିଶ୍ୱବ୍ୟାପୀ ଦୁର୍ବଳ' ଜାତିର ଉଦ୍ଭିଦ ଶ୍ରେଣୀଭୁକ୍ତ କରାଯାଇଛି । 'କଞ୍ଜରଭେସନ ଆସେସମେଣ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ପ୍ଲାନ' ବା 'ସଂରକ୍ଷଣ ମୂଲ୍ୟାଙ୍କନ ଓ ପରିଚାଳନା ଯୋଜନା' ମାଧ୍ୟମରେ 'ଦି ଫାଉଣ୍ଡେସନ ଫର ଲୋକାଲ ହେଲଥ୍ ଟ୍ରାଡିସନସ୍' ବା 'ସ୍ଥାନୀୟ ସ୍ୱାସ୍ଥ୍ୟ ପରମ୍ପରାର ପୁନର୍ଜୀବନ ପାଇଁ ସଂଗଠନ' ଏହାକୁ ଓଡ଼ିଶାରେ 'ବିପଦପୂର୍ଣ୍ଣ' ଶ୍ରେଣୀଭୁକ୍ତ କରିଛି । (ସମାପ୍ତ)

ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।




'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ଅନୁଷ୍ଠିତ ମିନି ମାରାଥନ୍‌ରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ

## ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମ୍ମିଳନୀ



ଚାରିଛକ, ୧୫।୧୨(ସମିସ): ଚାରିଛକ ନିକଟସ୍ଥ ଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ନିମାପଡ଼ା ଶିକ୍ଷାଜିଲ୍ଲା ଅନ୍ତର୍ଗତ ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ୧୨ତମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ମଣ୍ଡଳ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ନିମାପଡ଼ା ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ନନ୍ଦିତା ସାହୁ, ବନ୍ଧୁଗ୍ରାମ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଅମିତା ସେନାପତି, ଭାଟବନ୍ଧ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବ୍ରଜକିଶୋର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକରେ ଥିବା ସମସ୍ତ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଏହାର ସମାଧାନ ନିମନ୍ତେ ମଣ୍ଡଳ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ସମ୍ମିଳନୀରେ ସ୍ଥାନୀୟ ଅଞ୍ଚଳର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ କର, ସ୍ଥାନୀୟ ସମାଜସେବୀ ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର, ଉକ୍ତ ସ୍କୁଲ ପରିଚାଳନା କମିଟିର ସଭାପତି ଶ୍ୟାମ ସୁନ୍ଦର ସ୍ୱାଇଁଙ୍କ ସମେତ ବ୍ଲକର ୫୦ରୁ ଊର୍ଦ୍ଧ୍ୱ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ପରିଶେଷରେ ମଣିଜଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ବଟବୃକ୍ଷ ବୟସ୍କ ମହାସଂଘର ବାର୍ଷିକ ଉତ୍ସବ

## 'ବରିଷ୍ଠ ନାଗରିକ ସମାଜର କର୍ଣ୍ଣଧାର'

ବଲଙ୍ଗା, ୧୫।୧୨(ସମିସ)



ବରିଷ୍ଠ ନାଗରିକମାନେ ଏ ଦେଶ ଓ ଜାତିର କର୍ଣ୍ଣଧାର। ସେମାନଙ୍କର ବଳିଷ୍ଠ ଦିଗ୍‌ଦର୍ଶନ ଆମ ସମାଜକୁ ଉନ୍ନତି ପଥରେ ଅଗ୍ରସର କରାଇଥାଏ। ଜୀବନ୍ତ ଠାକୁର ହେଉଛନ୍ତି ବାପା-ମାଆ। ତେଣୁ ସେମାନଙ୍କର ସେବା ଓ ପରାମର୍ଶ ମାନିବା ସମସ୍ତଙ୍କର ପ୍ରଥମ କର୍ତ୍ତବ୍ୟ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ବଲଙ୍ଗା ଥାନା ଉଚ୍ଛୁପୁର ପଞ୍ଚାୟତ ବଟବୃକ୍ଷ ବୟସ୍କ ମହାସଂଘର ଚତୁର୍ଥ ବାର୍ଷିକ ଉତ୍ସବ ସଭାକାର୍ଯ୍ୟ ଚକ୍ରକୁଦ ବାନାମ୍ବର ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ତଥା ସ୍ଥାନୀୟ ବିଧାୟିକା ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ହେଲ୍ପ ଏଜ୍ ଇଣ୍ଡିଆ ରାଜ୍ୟ ଶାଖାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିମାପଡ଼ା ବ୍ଲକ ଅନ୍ତର୍ଗତ ୯ଟି ପଞ୍ଚାୟତର ଏକ ହଜାରରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ମହାସଂଘ ସଭାପତି ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ହେଲ୍ପ ଏଜ ଇଣ୍ଡିଆ ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ ରଞ୍ଜୟ କୁମାର ଦାସ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ନିମାପଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅନୁସୟା ମହାନ୍ତି, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରିଣୀ ପ୍ରିୟଦର୍ଶିନୀ ବରାଳ, ସାକ୍ଷୀଗୋପାଳ କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବିଜ୍ଞାନୀ ଅମ୍ବିକା ପ୍ରସାଦ ନାୟକ, ନୂଆସନ୍ଧ ସରପଞ୍ଚ ପ୍ରଫୁଲ୍ଲ କୁମାର ସ୍ୱାଇଁ, ପ୍ରସନ୍ନ କୁମାର ଦାଶ, ରବୀନ୍ଦ୍ରନାଥ ରଥ, ଜୟଦେବ ମହାପାତ୍ର, ସମାଜସେବୀ ନକୁଳ ସ୍ୱାଇଁ, ଅଶୋକ କୁମାର ଦାଶ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ। ବଟବୃକ୍ଷ ବୟସ୍କ ମହାସଂଘର ସମ୍ପାଦକ ଦେବେନ୍ଦ୍ର ନାଥ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ହେଲ୍ପ ଏଜ ଇଣ୍ଡିଆର ଶ୍ରୀକାନ୍ତ ରାୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

## ସାମାଜିକ ସଦ୍‌ଭାବନା ସମିତି ସମ୍ମିଳନୀ

ପୁରୀ, ୧୫।୧୨(ସମିସ): ଜିଲ୍ଲା ସାମାଜିକ ସଦ୍‌ଭାବନା ସମିତି ତରଫରୁ ଜାତି ପ୍ରମୁଖମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାନ୍ତ ମାର୍ଗଦର୍ଶକ ରାଜକିଶୋର ସାହୁ, ମୁଖ୍ୟଅତିଥି ଗିରିଶ ନାୟକ, ମୁଖ୍ୟବକ୍ତା ନେତ୍ରାନନ୍ଦ ଜେନା, ସଂଯୋଜକ ଶ୍ରୀବତ୍ସ ଦାଶ, ସହ ସଂଯୋଜକ ପୁରୁଷୋତ୍ତମ ନାୟକ, ଅରବିନ୍ଦ ଶତପଥୀ, ଅଭିମନ୍ୟୁ ମହାପାତ୍ର, ରତ୍ନାକର ସାହୁ ଯୋଗଦେଇ ଆଲୋଚନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଜାତିର ମୁଖ୍ୟ ଭାଗ ନେଇ ବର୍ତ୍ତମାନ ସମୟରେ ସମସ୍ତ ସଦସ୍ୟଙ୍କ ସହିତ ଏକତା କେମିତି ଠିକ୍ ଭାବେ ରହିପାରିବ ସେ ସମ୍ପର୍କରେ ସୁଚିନ୍ତିତ ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ଅଭିମନ୍ୟୁ ଭୂୟାଁ, ରମେଶ ସାଠୁଆ, ସୁରେନ୍ଦ୍ର ସାହୁ, ଗୋବିନ୍ଦ ଦାସ ଘୋଷ, ଡ. ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଭାଗ ନେଇଥିଲେ।

## ସତ୍ୟବାଦୀ ପ୍ରାଥମିକ ଶିକ୍ଷକ ସଂଗଠନର ବୈଠକ



ସାକ୍ଷୀଗୋପାଳ, ୧୫।୧୨(ସମିସ): ସତ୍ୟବାଦୀ ପ୍ରାଥମିକ ଶିକ୍ଷକ ସଂଗଠନର ସାଧାରଣ ବୈଠକ ସହ ନୂତନ ଭାବେ ଯୋଗ ଦେଇଥିବା ୬୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସଂଘର ସଭାପତି ସୁନୀଲ କୁମାର ବେହେରା, ସମ୍ପାଦକ ସୁମନ୍ତ କୁମାର ପାଳ ଓ ଶାଶ୍ୱତୀ ପ୍ରିୟଦର୍ଶିନୀ ଦାଶ, ଉପସଭାପତି ସମୀର ସିଂ, ପ୍ରକାଶ ସେଠୀ, ଅଜୟ ରାଉତରାୟ, ଜଗନ୍ନାଥ ପ୍ରଧାନ, ଲୋଭାମାନୀ ପ୍ରଧାନ ଓ ଉପଦେଷ୍ଟା ଅଜୟ

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



କୃଷ୍ଣପ୍ରସାଦ, ୧୫।୧୨(ସମିସ): କୃଷ୍ଣପ୍ରସାଦ ବ୍ଲକର ତିନି ଜଣ ଦକ୍ଷ ଶିକ୍ଷାବିତ୍‌ଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ବାଲିସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରବୀଣା ଦାସ, ଚାରିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ବେହେରା, ବୁଦ୍ଧିବର ୟୁଜିଏମଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ସେଠୀଙ୍କୁ ମାଲୁଦ ଶିକ୍ଷା ସର୍କଲସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସହାବାଜପୁର ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ବ୍ଲକ ଶିକ୍ଷାଧିକାରୀ କବିରାଜ ଜେନା, ପ୍ରାକ୍ତନ ବିଆର୍‌ସିସି ସତ୍ୟବ୍ରତ ସାହୁ, ସଂଘ ସଭାପତି ବିମଳ କୁମାର ରଣସିଂହ, ସହାବାଜପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ପଟ୍ଟନାୟକ, ପ୍ରଧାନ ଶିକ୍ଷକ ବସନ୍ତ କୁମାର ଜେନା, ସାତପଡ଼ା ସର୍କଲ ଶିକ୍ଷକ ସଂଘ ସମ୍ପାଦକ ରାମକୃଷ୍ଣ ଜାଲି ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଦାସରଥୀ ପଡ଼ିଆରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷାର୍ଥୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ବ୍ରଜ କିଶୋର ଗୌଡ଼, ଉମାଶଙ୍କର ପତି, ସତ୍ୟ ନାରାୟଣ ଜେନା, ଶିବରାମ ମୁଦୁଲି ବାଦ୍ୟ ସଂଯୋଜନା କରିଥିଲେ। ଛାତ୍ରୀ ଅଭିଲିପ୍ସା ନାୟକ ନୃତ୍ୟ ପରିବେଷଣ କରିଥିଲେ। ବିଦାୟୀ ଶିକ୍ଷାବିତ୍‌ମାନଙ୍କୁ ଉପଢୌକନ, ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଆର୍‌ସିସି ସୁକାନ୍ତ କୁମାର ଜେନା, ସତ୍ୟବାଦୀ ବିଶ୍ୱାଳ, ପ୍ରଶାନ୍ତ କୁମାର ନାୟକ, ବରିଷ୍ଠ ପ୍ରଧାନ ଶିକ୍ଷକ ନକୁଳ ସେଠୀ, ଶ୍ରୀକାନ୍ତ କୁମାର ଜେନା, ନିରଞ୍ଜନ ବେହେରାଙ୍କ ସମେତ ମାଲୁଦ ଶିକ୍ଷା ସର୍କଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## 'ଯୁବପିଢ଼ି ହିଁ ବୌଦ୍ଧ ଦର୍ଶନର ବାର୍ତ୍ତାବହ'

ପୁରୀ, ୧୫।୧୨(ସମିସ): ବୋଧିଚକ୍ର ଆନୁକୂଲ୍ୟରେ ଭାରତ ଯୋଗକେନ୍ଦ୍ର ବଳିଆପଣ୍ଡାଠାରେ ମାର୍ଗଶୀର ମାସ ପୂର୍ଣ୍ଣିମା ଅବସରରେ ସଭାପତି ଇଂ ଗିରିଜା ଶଙ୍କର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ଡ. ବଳରାମ ଦାଶ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ବାସୁଦେବ ସାହୁ, ରମେଶ ଚନ୍ଦ୍ର ସାହୁ, ଅଜୟ କୁମାର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେମାନେ କହିଥିଲେ ଶୃଙ୍ଖଳିତ ଜୀବନ ଚର୍ଯ୍ୟା, ସମୟାନୁବର୍ତ୍ତିତା, ସମାଜ ସେବା, ସଂସ୍କାର ବୋଧ, ସତଚିନ୍ତନ, ସତ୍‌କର୍ମ, ଧର୍ମ ସଂଘ, କର୍ମରେ ବିଶ୍ୱାସ, କର୍ତ୍ତବ୍ୟ ବୋଧ ଓ ସର୍ବୋ ପରି ଭଲ ମଣିଷ ହେବା ପାଇଁ ଯୁବପିଢ଼ି କଠୋର ପରିଶ୍ରମ କରିବା ଦରକାର। ପ୍ରାରମ୍ଭରେ ସମବେତ ଧ୍ୟାନ ଓ ବୁଦ୍ଧବନ୍ଦନା ଗାନ କରାଯାଇଥିଲା। ସମ୍ପାଦକ ରାମବଲ୍ଲଭ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜି ଉଦ୍‌ଘାଟନ ହେବ ବଲଙ୍ଗା ଥାନା ନୂତନ ଗୃହ




ବଲଙ୍ଗା, ୧୫।୧୨(ସମିସ): ପ୍ରାୟ ତିନି ବର୍ଷ ତଳେ ବଲଙ୍ଗା ଥାନା ଗୃହ ବିସ୍ଫୋରଣରେ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯିବା ପରେ ନୂତନ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆସନ୍ତାକାଲି(ସୋମବାର) ଏହି ନୂତନ ଗୃହ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। ସେଥିପାଇଁ ବଲଙ୍ଗା ଥାନା ପରିଦର୍ଶନ କରିଛନ୍ତି କେନ୍ଦ୍ରାଞ୍ଚଳ ଡିଆଇଜି ଚରଣ ସିଂ ମିନା ଓ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ। ଥାନାରେ ପହଞ୍ଚି ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ସହ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା କରିବା ସହ ଥାନା ପରିସର ବୁଲି ଦେଖିଥିଲେ। ୧୬ ତାରିଖ ଦିନ ହେବାକୁ ଥିବା ନୂତନ ଥାନା ଗୃହ ଉଦ୍‌ଘାଟନ ପାଇଁ ପୂର୍ବ ପ୍ରସ୍ତୁତି କରିଥିଲେ।

## ମଣ୍ଡଳସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ନିମାପଡ଼ା, ୧୫।୧୨(ସମିସ):




ବନମାଳୀ ବ୍ରହ୍ମଚାରୀ ସ୍ମୃତିନ୍ୟାସ ସଂଘ ନିମାପଡ଼ା ଦ୍ୱାରା ଆୟୋଜିତ ମଣ୍ଡଳସ୍ତରୀୟ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ମାଧବ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ଓ ବିଶିଷ୍ଟ ସ୍ତମ୍ଭକାର ହିମାଂଶୁ ଶେଖର ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ପ୍ରାକ୍ତନ ବିଇଓ ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ବ୍ଲକର ୨ ଶହରୁ ଊର୍ଦ୍ଧ୍ୱ ସରକାରୀ ଓ ବେସରକାରୀ ସ୍କୁଲର ୭୦୮ ଜଣ ଛାତ୍ରଛାତ୍ରୀ ୧୨ଟି ବିଭାଗରେ ଭାଗନେଇଥିଲେ। ସିନିୟର, ଜୁନିୟର ଓ ସବ୍-ଜୁନିୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଡିବେଟ, କୁଇଜ୍, ହସ୍ତାକ୍ଷର, ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏହି ଅବସରରେ ୬ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ୩୬ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ତ୍ରିଲୋଚନ କର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ପ୍ରତାପସାବୁତ୍ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଭାଗ୍ୟଧର ପ୍ରଧାନ, ରବୀନ୍ଦ୍ର କୁମାର ନାୟକ, ବ୍ରଜ କିଶୋର ସାହୁ, ନିର୍ମଳ କୁମାର ମିଶ୍ର, ଦେବାଶିଷ ପତି, ଶଶି ଭୂଷଣ ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଶକ୍ତି ସଂରକ୍ଷଣ ସଚେତନତା ଶୋଭାଯାତ୍ରା




ସାକ୍ଷୀଗୋପାଳ, ୧୫।୧୨(ସମିସ): ଶକ୍ତି ସଂରକ୍ଷଣ ପାଇଁ ସତ୍ୟବାଦୀ ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଜନସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପିଲାମାନେ ହାତରେ ବିଭିନ୍ନ ଲେଖା ଥିବା ପ୍ଲାକର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ରତ୍ନଚିରା ନଦୀ ପର୍ଯ୍ୟନ୍ତ ଆସିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ବିଦ୍ୟାଳୟ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମିଶ୍ର ସଭାପତିତ୍ୱ କରି ଶକ୍ତି ବିନା ଆମେ ବଞ୍ଚିପାରିବା ନାହିଁ। ଏଣୁ ଶକ୍ତିକୁ ସୁରକ୍ଷିତ ରଖିବା ଦରକାର ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ନାୟକ ଧନ୍ୟବାଦ ଦେଇଥିଲେ।

### ଜିଭିପିଆର୍‌ର ମନମାନୀ, ରାସ୍ତା ନଷ୍ଟ କରିବାକୁ ଯୋଜନା

# ଓଡ଼ଗାଁ ପାଇପ୍‌ଲାଇନକୁ ବିରୋଧ






ନୟାଗଡ଼,୧୫।୧୨(ସମିସ): ନୟାଗଡ଼ ଜିଲ୍ଲାର ନୟାଗଡ଼, ଭାପୁର, ଖଣ୍ଡପଡ଼ା ବ୍ଲକ ଓ ନୂଆଗାଁ ବ୍ଲକର କିଛି ପଞ୍ଚାୟତକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ମସିହାରେ ମେଗା ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରାଜ୍ୟ ସରକାର ଏଥିପାଇଁ ଆନୁସଙ୍ଗିକ ପାଣ୍ଠି ବ୍ୟବସ୍ଥା କରିଥିବା ବେଳେ ପ୍ରକଳ୍ପ ଦାୟିତ୍ୱରେ ଥିବା ଠିକା ସଂସ୍ଥା ଜିଭିପିଆର୍ ନୟାଗଡ଼ବାସୀଙ୍କୁ ଦୀର୍ଘ ବର୍ଷ ହେବ ଭୂଆଁ ବୁଲାଇ ଚାଲିଛି। ମନ୍ଥର ଗତିରେ ପ୍ରକଳ୍ପ କାମ ଚାଲିଥିବା ବେଳେ କେବେ ଶେଷ ହେବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପ୍ରକଳ୍ପ ପାଇଁ ଅନେକ ଗାଁ, ମୁଖ୍ୟ ରାସ୍ତାରେ ପାଇପ୍ ବିଛାଇବା କାର୍ଯ୍ୟ ଅଧା ଅଧୁରା ଅବସ୍ଥାରେ ରହିଥିବା ବେଳେ ଅନେକ ସ୍ଥାନରେ ଓଭରହେଡ୍ ପାଣିଟାଙ୍କି ନିର୍ମାଣ କାମ ବାକି ରହିଛି। ଏହି ପ୍ରକଳ୍ପର ମୁଖ୍ୟ କୁହାଯାଇଥିବା ଇନଟେକ୍ ୱେଲ୍, ଜଳ ବିଶୋଧନାଗାର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ବନମାଳିପୁର ବିମାନ ଅବତରଣ ପଡ଼ିଆରେ ନିର୍ମାଣ କରାଯାଉଥିବା ଜଳବିଶୋଧନ ପ୍ରକଳ୍ପ ପରୀକ୍ଷଣ ସରିଛି। ସେହିଭଳି ଭାବେ ଭାପୁର ବ୍ଲକ ଟିକିରିପଡ଼ା ଶାସନ ନିକଟବର୍ତ୍ତୀ ପଦ୍ମାବତୀ ମୌଜାରେ ନିର୍ମାଣ କରାଯାଉଥିବା ଇନଟେକ୍ ୱେଲ୍ କାର୍ଯ୍ୟ ଶେଷ ହୋଇଛି। ପାଇପ୍ ଲାଇନ କାର୍ଯ୍ୟ ଅନେକ ସ୍ଥାନରେ ଅଧା ଅଧୁରା ଅବସ୍ଥାରେ ରହିଛି। ମେଗା ପ୍ରକଳ୍ପ ଅଧୀନରେ ମୋଟ ୭୮ଟି ଓଭରହେଡ୍ ଟାଙ୍କି ନିର୍ମାଣ ହେବାକୁ ଥିବା ବେଳେ ଏବେ ସୁଦ୍ଧା ୫୦ରୁ ଅଧିକ ଶେଷ ହୋଇଥିବା ବେଳେ ଅନେକ ବାକି ରହିଛି। ମେଗା ପାନୀୟ ଜଳ ପ୍ରକଳ୍ପ ସହ ଓଡ଼ଗାଁ ବ୍ଲକ ସଂଯୋଗ ହୋଇଥିବା ବେଳେ ଓଡ଼ଗାଁକୁ ନୟାଗଡ଼ ସହର ଦେଇ ପାଇପ୍ ନେବାକୁ ନୟାଗଡ଼ ସହରବାସୀ ଜୋରଦାର

**ସହର ବାହାରେ ପାଇପ୍ ନ ନେଲେ ଆନ୍ଦୋଳନ ଚେତାବନୀ**

ବିରୋଧ କରିଛନ୍ତି। ରାସ୍ତା ନିର୍ମାଣ ପୂର୍ବରୁ ପାଇପ୍ ପକାଇବାର ଆବଶ୍ୟକତା ଥିଲା। ମାତ୍ର ଜିଭିପିଆର ତାହା ନକରି ରାସ୍ତା ଉନ୍ନତିକରଣ ପରେ ପାଇପ୍ ବିଛାଇବାକୁ ବିରୋଧ ହୋଇଛି। ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇଙ୍କ ନେତୃତ୍ୱରେ ଅନେକ ଜନପ୍ରତିନିଧି ଆଜି ରେଲୱେ ଓଭରବ୍ରିଜ୍ ନିକଟରେ ପାଇପ୍ ବିଛାଇବା କାର୍ଯ୍ୟକୁ ବନ୍ଦ କରିଛନ୍ତି। ବିଗତ ଦିନରେ ଦିଶା ବୈଠକରେ ଏନେଇ ଆଲୋଚନା ବେଳେ ଜିଲ୍ଲାପାଳ ସ୍ୱାଧାଦେବ ସିଂ ସହର ବାହାରେ ପାଇପ୍ ବିଛାଇ ନେବା ପାଇଁ ପ୍ରସ୍ତାବ ଦେଇଥିଲେ। ସେହି ଅନୁସାରେ ବିଭାଗୀୟ ଅନୁମତି ଆଣିବାକୁ କୁହାଯାଇଥିଲା। ମାତ୍ର ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଏଥିପାଇଁ ବ୍ୟୟଅଟକଳ ହୋଇ ପାରୁନଥିବା ଆଳ କରି ଜିଭିପିଆର୍ ସମୟ ଗଡ଼ାଇ ଚାଲିଥିଲା। ସହର ମଧ୍ୟରେ ପାଇପ୍ ନେବା ଦ୍ୱାରା ରାସ୍ତା ଖରାପ ହେବା ସହ ବିଭିନ୍ନ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଟେଲିଫୋନ୍ ଓ ଇଣ୍ଟରନେଟ୍ କେବୁଲ ସହ ଅନ୍ୟାନ ତାର ନଷ୍ଟ ହେବାର ସମ୍ଭାବନା ରହିଛି। ଯାହାକୁ ନେଇ ଗୋଡ଼ିସାହିଠାରୁ ବଳରାମ ଓ ରୁକ୍ଷୀ ପାହାଡ଼ ଅପରପାଶ୍ୱର୍ରେ ପାଇପ୍ ନେବାକୁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବକୁ ଅଣଦେଖା କରି ପୂର୍ତ୍ତ ବିଭାଗ ରାସ୍ତାକୁ ଦୁଇ ଫାଳ କରି ପାଇପ୍ ପକାଇବା କାର୍ଯ୍ୟ ଦୁଇ ଦିନ ତଳୁ ଆରମ୍ଭ ହୋଇଥିଲା। ଯାହାକୁ ଆଜି ଜୋରଦାର ବିରୋଧ ପରେ ବନ୍ଦ କରାଯାଇଛି। ଏହି ମେଗା ପାନୀୟ ଜଳ ପ୍ରକଳ୍ପ ୨୦୧୯ ମସିହା ଡିସେମ୍ବର ୬ ତାରିଖରୁ ନିର୍ମାଣ ଆରମ୍ଭ ହୋଇ ୨୦୨୧ ଡିସେମ୍ବର ୫ ତାରିଖ ମଧ୍ୟରେ ଏହା ଶେଷ ହେବ ବୋଲି ପ୍ରଥମେ ଚୁକ୍ତିନାମା କରାଯାଇଥିଲା। ପରେ ଡିପିଆର୍ ପରିବର୍ତ୍ତନ କରି ୨୦୨୧ ମସିହାରୁ କାମ ଆରମ୍ଭ କରିବାକୁ କୁହାଯାଇଥିଲା। ଦୀର୍ଘଦିନ ବିତିଥିବା ବେଳେ ପ୍ରକଳ୍ପ କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲୁଥିବାକୁ ନେଇ ଜିଲ୍ଲାରେ ଅସନ୍ତୋଷ ସୃଷ୍ଟି ହେଉଛି। ନୟାଗଡ଼ ପାନୀୟ ଜଳ ଯୋଗାଣ ବିଭାଗ ଏହାର ତଦାରଖ ଦାୟିତ୍ୱରେ ରହିଥିବା ବେଳେ କମ୍ପାନୀ ପ୍ରୀତି ପାଇଁ ଆଦୌ ଧ୍ୟାନ ଦିଆଯାଉନାହିଁ। କମ୍ପାନୀର କିଛି କର୍ମଚାରୀ ସରକାରୀ ଅଧିକାରୀଙ୍କୁ ହାତବାରିଶ ସଜାଇ ଦିନ ଗଡ଼ାଇ ଚାଲିଥିବା ବେଳେ ଜଳାଭାବ ସମସ୍ୟା ଦିନକୁ ଦିନ ବହୁ ଗୁଣିତ ହେଉଛି। ଅନେକ ଗାଁରେ ପିଇବା ପାଇଁ ବିଶୁଦ୍ଧ ପାନୀୟ ଜଳ ମିଳିପାରୁନାହିଁ। ନୟାଗଡ଼ ସହର ବାହାରେ ପାଇପ୍ ନନେଲେ ଜୋରଦାର ଆନ୍ଦୋଳନ ହେବ ବୋଲି ସୂଚନା ମିଳିଛି।

### ■ ମନ୍ତ୍ରୀଙ୍କୁ ଭେଟିଲେ ଉତ୍କଳଘଣ୍ଟ ଯଦୁମଣିଙ୍କ ଦାୟାଦ

## ସାହିତ୍ୟର ସୁରକ୍ଷା ଓ ପ୍ରଚାରପ୍ରସାର ଦାବି



ନୟାଗଡ଼,୧୫।୧୨(ସମିସ): ଉତ୍କଳଘଣ୍ଟ ଯଦୁମଣି ମହାପାତ୍ରଙ୍କ ସାହିତ୍ୟର ସୁରକ୍ଷା ଏବଂ ପ୍ରଚାର ପ୍ରସାର ଦିଗରେ ଆଜି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ଦାବି ଜଣାଇଛନ୍ତି ଉତ୍କଳଘଣ୍ଟଙ୍କ ଦାୟାଦ ରୋହନ ମହାପାତ୍ର। ମନ୍ତ୍ରୀ ମଧ୍ୟ ଏହାକୁ ଗଭୀରତାର ସହ ନେଇଛନ୍ତି। ଯଦୁମଣିଙ୍କ ଭଳି ଜଣେ ପ୍ରବାଦପୁରୁଷଙ୍କୁ ନେଇ ରାଜ୍ୟ ସରକାର ଯତ୍ନଶୀଳ ହେବେ ବୋଲି କଥା ଦେଇଛନ୍ତି। ଓଡ଼ିଶାର ଗୌରବ ଉତ୍କଳଘଣ୍ଟ ଯଦୁମଣି ମହାପାତ୍ରଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ନୟାଗଡ଼ ସହରରେ ସ୍ଥାପନ କରିବା। କବି ଯଦୁମଣି ମହାପାତ୍ରଙ୍କ ଅନବଦ୍ୟ ରଚନା ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର, ରାଘବ ବିଳାସ ଓ ଚଉପଦୀ ଆଦିକୁ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ କରିବା, କବି ଯଦୁମଣି ମହାପାତ୍ରଙ୍କ ସମ୍ପର୍କରେ ଅଧିକ ଗବେଷଣା କରାଯିବା ସହିତ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ତାଙ୍କ ନାମରେ ଚେୟାର ପ୍ରତିଷ୍ଠା କରିବା ପାଇଁ ଦାବି କରାଯାଇଛି। କବିଙ୍କ ଜନ୍ମ ଜୟନ୍ତୀକୁ ମହାସମାରୋହରେ ରାଜ୍ୟ ସରକାର ନିଜେ ରାଜଧାନୀ ଭୁବନେଶ୍ୱରଠାରେ ପାଳନ କରିବା ସହିତ କବିଙ୍କ ନାମରେ ଏକ ପୁରସ୍କାର ଘୋଷଣା କରିବା ପାଇଁ ଦାବି ଉପସ୍ଥାପନ କରାଯାଇଛି। କବି ଯଦୁମଣି ମହାପାତ୍ରଙ୍କ କର୍ମଭୂମି ଇଟାମାଟିଠାରେ କବିଙ୍କ ସ୍ମୃତି ଉଦ୍ଦେଶ୍ୟରେ "ସ୍ମୃତି ପୀଠ' ସ୍ଥାପନା କରିବା ପାଇଁ ମଧ୍ୟ ରୋହନ ଦାବି ଜଣାଇଛନ୍ତି।

## ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ



ଭାପୁର,୧୫।୧୨(ସମିସ): ଶିକ୍ଷକ ସଂଘ ଓଷ୍ଟା ତରଫରୁ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଦ୍ମାବତୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ବ୍ଲକର ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସେମାନଙ୍କ ପ୍ରତିଭାର ପରିଚୟ ଦେଇଥିଲେ। ସକାଳ ଦଶଟା ସମୟରେ ବିଦ୍ୟାଳୟ ପରିସରରେ ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଓଷ୍ଟାର ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାନ୍ତି, ମୁଖ୍ୟ ବକ୍ତା ଭାବେ ସ୍ତମ୍ଭକାର ଅଧ୍ୟାପକ ଡ. ପବିତ୍ର କୁମାର ସୁବୁଦ୍ଧି, ସମ୍ମାନିତ ଅତିଥି ଭାବେ ଓଷ୍ଟା ରାଜ୍ୟ ସମ୍ପାଦକ ରଞ୍ଜନ କୁମାର ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ଆଚାର୍ଯ୍ୟ ଯୋଗଦେଇଥିଲେ। ମଞ୍ଚ ସଂଯୋଜନା କରିଥିଲେ ଶିକ୍ଷୟିତ୍ରୀ ସବିତା ସାହୁ। ଅପରାହ୍ନରେ ଉଦଯାପନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀ, ଓଷ୍ଟା ଜିଲ୍ଲା ଯୁଗ୍ମ ସମ୍ପାଦକ ନିତ୍ୟାନନ୍ଦ ଦାସ, ବ୍ଲକ ସମ୍ପାଦକ ଅକୃର ରାଉତ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ତ୍ରିପାଠୀ ଯୋଗଦେଇଥିଲେ। ଆୟୋଜିତ ପ୍ରତିଯୋଗିତାରେ ସଙ୍ଗୀତରେ ଦେବୀପ୍ରସାଦ ନନ୍ଦ, ଏକକ ଅଭିନୟରେ ସଙ୍ଗୀତା ସାହୁ, ଡିବେଟରେ ରୋଜାଲିନ ସାହୁ, ନୃତ୍ୟରେ ମୋନାଲିସା ସାହୁ, ଆବୃତ୍ତିରେ କାଜଲ ଖଟୁଆ, କୁଇଜରେ ଅର୍ଚ୍ଚନା ମହାପାତ୍ର, ଚିତ୍ରାଙ୍କନରେ ସୁପ୍ରଭା ସାହୁ, ସାଧାରଣ ଜ୍ଞାନରେ ଶୁଭଶ୍ରୀ ପୃଷ୍ଟି, ସଙ୍ଗୀତ ରଚନାରେ ଶୁଭଶ୍ରୀ ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରି ଅତିଥିଙ୍କଠାରୁ ସମ୍ମାନିତ ହୋଇଥିଲେ।

## ସ୍ମାଇଲ ନୟାଗଡ଼ ପକ୍ଷରୁ 'ଉଲ୍ଲାସ ଉତ୍ସବ'




ନୟାଗଡ଼,୧୫।୧୨(ସମିସ): ନୟାଗଡ଼ର ଅଗ୍ରଣୀ ସଂସ୍ଥା ସ୍ମାଇଲ ନୟାଗଡ଼ ପକ୍ଷରୁ ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉଲ୍ଲାସ ଉତ୍ସବ ଅନୁଷ୍ଠିତ ହୋଇଛି। ପୁରୁଣାସହର ଜଗନ୍ନାଥ ମନ୍ଦିର ଯଦୁମଣି ମଣ୍ଡପଠାରେ ଅନୁଷ୍ଠାର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ସମାଜସେବୀ ଦାମୋଦର ସାହୁ, ସମାଜସେବୀ ପ୍ରମୋଦ ପଟ୍ଟନାୟକ, ସନ୍ତୋଷ କୁମାର ପ୍ରଧାନ, ଶିବରାମ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କେନ୍ଦୁଡିପି ସରପଞ୍ଚଙ୍କ ଅକାଳ ବିୟୋଗ

ନୟାଗଡ଼,୧୫।୧୨(ସମିସ): ନୟାଗଡ଼ ବ୍ଲକ ଅନ୍ତର୍ଗତ କେନ୍ଦୁଡିପି ସରପଞ୍ଚ ଡ. ବିରେନ କୁମାର ନାୟକଙ୍କ ରବିବାର ସକାଳୁ ପରଲୋକ ଘଟିଛି। ଚାକିରିରୁ ଅବସରନେଲା ପରେ ଗାଁମାଟିର ସେବା କରିବା ପାଇଁ ଗତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଲୋକଙ୍କୁ ଉତ୍ତମ ସେବା ଦେଇ ଆସୁଥିଲେ। ଗତ କିଛି ଦିନ ଧରି ଅସୁସ୍ଥ ହୋଇ ପଡ଼ିଥିବାରୁ ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। କିଡ୍‌ନୀ ଜନିତ ରୋଗରେ ସେ ଆକ୍ରାନ୍ତ ହୋଇଥିଲେ। ରବିବାର ସକାଳୁ ତାଙ୍କର ବିୟୋଗ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୦ ବର୍ଷ ବୟସ ହୋଇଥିଲା। ସେ ଇନ୍ଦିରା ଗାନ୍ଧୀ ଆୟୁର୍ବେଦିକ ବିଦ୍ୟାଳୟରେ ଚାକିରି କରିଥିଲେ। ତାଙ୍କ ବିୟୋଗରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଶୋକ ପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହିତ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ସମେତ ବହୁ ବରିଷ୍ଠ ନେତା ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### ■ ବିଜୁ ଯୁବ ଛାତ୍ର ଜନତା ଦଳ

## ଡିଜିଟାଲ ସଦସ୍ୟତା ଅଭିଯାନ ପାଇଁ ପ୍ରସ୍ତୁତି



ନୟାଗଡ଼/ନୂଆଗାଁ,୧୫।୧୨(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ସଦରମହକୁମାରେ ଥିବା ବିଜୁ ଯୁବ ଭବନଠାରେ ବିଜୁ ଯୁବ ଛାତ୍ର ଜନତା ଦଳର ଡିଜିଟାଲ ସଦସ୍ୟତା ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୂଆଗାଁ ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ଜିଲ୍ଲା ବିଜେଡି ଉପସଭାପତି ଦିଲ୍ଲୀପ କୁମାର ଦଳବେହେରା, ବିଜୁ ଯୁବ ଜନତା ଦଳ ଭୁବନେଶ୍ୱର ଜୋନ୍ ସଭାପତି ବିଜୟ କେତନ ସାହୁ, ନୟାଗଡ଼ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଯୁଧିଷ୍ଠିର ବେହେରା, ଜିଲ୍ଲା ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା, ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ, ବ୍ଲକ୍ ବିଜୁ ଯୁବ ଜନତା ଦଳ ସଭାପତି ଶୁଭ୍ରାଂଶୁ ଶେଖର ସେନାପତି, ବିଜୁ ଯୁବ ଜିଲ୍ଲା ସଂପାଦକ ଗୋଲକବିହାରୀ ଗୋଛାୟତ, ଗଣିଆ ଯୁବ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍ ଛାତ୍ର ବିଜେଡି ସଭାପତି ସୁବ୍ରତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

### କଲରାପତରିଆ ବାଘ ମୃତ୍ୟୁ ଘଟଣା

## କାରଣ ଦର୍ଶାଅରେ ଅଟକିଛି କାର୍ଯ୍ୟାନୁଷ୍ଠାନ

ନୟାଗଡ଼,୧୫।୧୨(ସମିସ): ନୟାଗଡ଼ ବନଖଣ୍ଡ ଅଧୀନସ୍ଥ ଖଣ୍ଡପଡ଼ା ବନାଞ୍ଚଳ ସିଂଘାପଡ଼ା ସେକ୍ସନରେ କଲରାପତରିଆ ବାଘ ମୃତ୍ୟୁ ଘଟଣା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ତରବରିଆ ଭାବେ ପ୍ରଥମେ ଦୁଇ ଜଣଙ୍କୁ ବନବିଭାଗ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଅନ୍ୟ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ବାରହା ଶିକାର ପାଇଁ ବିଦ୍ୟୁତ୍ ଫାଶ ବସାଇଥିବା ବେଳେ ସେହି ଫାଶରେ ପଡ଼ି କଲରାପତରିଆର ମୃତ୍ୟୁ ଘଟିଛି ବୋଲି ପ୍ରାଥମିକ ଭାବେ ବନବିଭାଗ ପକ୍ଷରୁ କୁହାଯାଇଛି। ଏହି ଘଟଣା ପଛରେ ଅନେକ ରହସ୍ୟ ରହିଥିବା ଆଲୋଚନା ହେଉଛି। ବାଘକୁ ଶିକାର କରାଯାଇଥିବା ସ୍ଥାନୀୟ ବାସିନ୍ଦା କହୁଥିବା ବେଳେ ବନବିଭାଗ ନିଜ ମୁଣ୍ଡରୁ ଦୋଷ ଖସାଇବା ପାଇଁ ନୀରିହ ଲୋକଙ୍କୁ ଗିରଫ କରିଥିବା ସେମାନଙ୍କ ପରିବାର ଅଭିଯୋଗ କରିଛନ୍ତି। ଏହି ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ବାଘ ମୃତ୍ୟୁ ଘଟଣାରେ ବନ କର୍ମଚାରୀଙ୍କ ଅବହେଳା ଜଳଜଳ ଦେଖାଯାଉଥିବା ବେଳେ ଅଧିକାରୀଙ୍କ ଅବହେଳାକୁ ଲୁଚାଯାଉଛି। ସାପୁଆ ସଂରକ୍ଷିତ ଜଙ୍ଗଲରୁ ବାଉଁଶ କାଟିବା ଏହାର ଅତ୍ୟତମ କାରଣ ବୋଲି ଆଲୋଚନା ହେଉଛି। ବାଉଁଶ କାଟିବା ପଛରେ ବନ କର୍ମଚାରୀଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ଏବଂ ଜଙ୍ଗଲ ପତାଳା ହେବାରୁ ବାଘ ମୃତ୍ୟୁ ଘଟିଲା ବୋଲି ଅଭିଯୋଗ ହେଉଛି। ଏହି ଘଟଣାରେ ବନବିଭାଗ ପକ୍ଷରୁ ବନପାଳ କୈଳାସ ପ୍ରଧାନ ଓ ବନରକ୍ଷୀ ଲୋକନାଥ ସେଠୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଭଳି ସ୍ଥିତିରେ ବନାଞ୍ଚଳ ଅଧିକାରୀ ଓ ବନଖଣ୍ଡ ଅଧିକାରୀ କାହିଁକି ଦାୟୀ ରହିବେ ନାହିଁ ବୋଲି ପ୍ରଶ୍ନ ଉଠିଛି। ବନାଞ୍ଚଳ ଅଧିକାରୀ ଓ ବନଖଣ୍ଡ ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ଜଙ୍ଗଲ ଛାରଖାର ହେଉଥିବା ଏବଂ ବନ୍ୟଜନ୍ତୁ ଶିକାର ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ନୟାଗଡ଼ ବନଖଣ୍ଡରେ ବିଗତ ଦୁଇ ବର୍ଷ ମଧ୍ୟରେ ଅନେକ ବନ୍ୟପ୍ରାଣୀଙ୍କୁ ଶିକାର କରାଯାଉଥିବା ବେଳେ ବନବିଭାଗ ସେ ସବୁକୁ ଜାଣି ଅଜଣା ହେବାର ଅଭିନୟ କରୁଛି। ଫଳରେ ନୟାଗଡ଼ରେ ବନବିଭାଗ କାର୍ଯ୍ୟକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଉଛି। ଚାରାରୋପଣଠାରୁ ଆରମ୍ଭ କରି ସାରକିଣା ପର୍ଯ୍ୟନ୍ତ ବ୍ୟାପକ କେଳେଙ୍କାରୀରେ ବନବିଭାଗ ଛନ୍ଦି ହେଉଥିବା ବେଳେ ମନରେଗା ପାଣ୍ଠି ଅନିୟମିତତା ସନ୍ଦେହ କରି ଜିଲ୍ଲା ପରିଷଦ ସଭ୍ୟମାନେ ଭିଜିଲାନ୍ସ ତଦନ୍ତ ପାଇଁ ପ୍ରସ୍ତାବ ଦେଇଛନ୍ତି। ଜିଲ୍ଲାରେ ବନବିଭାଗ କେବଳ ଦୁର୍ନୀତି ପାହାଡ଼ ଉପରେ ଛିଡ଼ା ହୋଇଛି ବୋଲି ଜନପ୍ରତିନିଧିମାନେ ବାରମ୍ବାର ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

## ନୀଳମାଧବ ବିକାଶ ପ୍ରକଳ୍ପ ସମୀକ୍ଷା



କଣ୍ଟିଲୋ,୧୫।୧୨(ସମିସ): ରାଜ୍ୟର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ନୀଳମାଧବ ପୀଠରେ ଗତ ଦୁଇ ବର୍ଷ ହେଲା ଚାଲିଥିବା ବିକାଶ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଓଡ଼ିଶା ସେତୁ ନିର୍ମାଣ ନିଗମ ମୁଖ୍ୟ ଯନ୍ତ୍ରୀ ଇଂ ଶ୍ରୀଧର ରାଉତଙ୍କ ନେତୃତ୍ୱରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୀଳମାଧବ ବିକାଶ ପ୍ରକଳ୍ପର ଅବଶିଷ୍ଟାଂଶ ତୁରନ୍ତ ଶେଷ କରିବାକୁ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ମୁଖ୍ୟ ଯନ୍ତ୍ରୀ ଇଂ ରାଉତ ପରାମର୍ଶ ଦେଇଥିଲେ। କଣ୍ଟିଲୋକୁ ନୀଳମାଧବ ଦର୍ଶନରେ ଆସୁଥିବା ଯାତ୍ରୀ ଓ ପର୍ଯ୍ୟଟକମାନଙ୍କ ସୁବିଧା ନିମନ୍ତେ ନବନିର୍ମିତ ଶୌଚାଳୟ ତୁରନ୍ତ କାର୍ଯ୍ୟକ୍ଷମ କରିବା ସହିତ ମନ୍ଦିର ଦକ୍ଷିଣ ପାହାଚ ଓ ସିଂହଦ୍ୱାର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବାକୁ ସ୍ଥିର କରାଯାଇଥିଲା। ଏଥିସହିତ ଅସମ୍ପୂର୍ଣ୍ଣ ଚନ୍ଦନ ପୋଖରୀରେ ଦଳ ମାଡି ଯାଇଥିବାରୁ ତାହାକୁ ସଫା କରାଯିବାକୁ ପଦକ୍ଷେପ ଗ୍ରହଣ କରିବେ ବୋଲି ମୁଖ୍ୟଯନ୍ତ୍ରୀ ଇଂ ଶ୍ରୀ ରାଉତ ସୂଚନା ଦେଇଥିଲେ। ବିଶେଷତଃ କଣ୍ଟିଲୋ ମେଡିକାଲ ଛକରେ ପୁରାତନ କଂସା ପିତ୍ତଳ ବ୍ୟାଖ୍ୟାନ କେନ୍ଦ୍ରଗୃହର ପୁନରୁଦ୍ଧାର ଓ ବିସିସି ତତ୍ତ୍ୱାବଧାନରେ ବଂଶଲ କମ୍ପାନୀ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବାରୁ ଏହାର ଭବିଷ୍ୟତ କାର୍ଯ୍ୟକାରିତା ବିଷୟରେ ଗ୍ରାମବାସୀ ତଥା ଦେବୋତ୍ତର ବିଭାଗ ସହିତ ଆଲୋଚନା କରି ପଦକ୍ଷେପ ନେବାକୁ ସାମ୍ବାଦିକଙ୍କୁ କହିଥିଲେ। ଏହା ବ୍ୟତୀତ ଓଡ଼ିଶା ସେତୁ ନିର୍ମାଣ ନିଗମ ପକ୍ଷରୁ ମନ୍ଦିର ଦ୍ୱାର ମାନଙ୍କରେ କାରୁକାର୍ଯ୍ୟ ଭରା ପିତ୍ତଳ ଚଦର ନିର୍ମିତ କବାଟ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ପର୍ଯ୍ୟଟନ ବିଭାଗ ସମ୍ପୃକ୍ତ ଯନ୍ତ୍ରୀ ଇଂ ପ୍ରସନ୍ନ ବଳବନ୍ତରାୟଙ୍କୁ କହିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ନିଗମର ସାଧାରଣ ପରିଚାଳକ ଜିଏମ ଇଂ ପ୍ରଶାନ୍ତ ମିଶ୍ର, ସହକାରୀ ଯନ୍ତ୍ରୀ ଇଂ ଚୈତନ୍ୟ ପ୍ରସାଦ ମାଝୀ ଓ ବଂଶଲ କମ୍ପାନୀ ପକ୍ଷରୁ ମନ୍ଦିର ବିକାଶ ପ୍ରକଳ୍ପ ପରିଚାଳକ ଇଂ ଭକ୍ତ ହରି ଜେନା ଓ ସାଇଟ ଯନ୍ତ୍ରୀ ଇଂ ସୌମ୍ୟ ରଞ୍ଜନ ମଲ୍ଲିକ ପ୍ରମୁଖ ସାମିଲ ରହିଥିଲେ।

### ୫ ବର୍ଷ ପରେ ବି ଅଧପନ୍ତରିଆ ଟିପୁରା ବ୍ରିଜ୍

# ଜମି ଅଧିଗ୍ରହଣ ବିଳମ୍ବ ପାଇଁ ସମସ୍ୟା



ନୟାଗଡ଼,୧୫।୧୨(ସମିସ): ନୟାଗଡ଼ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ-୧ ଅଧୀନରେ ଅନେକ ରାସ୍ତା ଓ ପୋଲ କାମ ମନ୍ଥର ଗତିରେ ଚାଲିଛି। ସେଥିମଧ୍ୟରୁ ନୟାଗଡ଼ ବ୍ଲକ ଗମ୍ଭାରିଡିହି ଓ ଟିପୁରାକୁ ସଂଯୋଗ କରୁଥିବା ରାସ୍ତାରେ ଦୁଆଣ୍ଟ ନଦୀ ଉପରେ ନିର୍ମାଣାଧୀନ ପୋଲ ବିଭାଗୀୟ ଅପାଗତାର ଜ୍ୱଳନ୍ତ ଉଦାହରଣ। ଏନ୍. ତିରୁମାଳା ନାୟକ ଜିଲ୍ଲାପାଳ ଥିବା ସମୟରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଏହି ବ୍ରିଜ ନିର୍ମାଣ ପାଇଁ ଶୁଭ ଦେଇଥିଲେ। ଏହି ବ୍ରିଜ ଦ୍ୱାରା ଅଞ୍ଚଳର ୭ ହଜାର ୫ ଶହ ଲୋକ ଉପକୃତ ହେବାକୁ ଥିବା ବେଳେ ବ୍ରିଜ ନିର୍ମାଣ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ୯୧.୮୯ ମିଟର ଲମ୍ବ ଏବଂ ୮.୩୫ ମିଟର ପ୍ରସ୍ଥ ବିଶିଷ୍ଟ ବ୍ରିଜ ନିର୍ମାଣ ପାଇଁ ୫ କୋଟି ୮୫ ଲକ୍ଷ ୬୫ ହଜାର ଟଙ୍କା ଅନୁମୋଦନ କରାଯାଇଥିଲା। ୨୦୧୯ ମସିହା ଅଗଷ୍ଟ ୨୧ ତାରିଖରୁ ଏହାର କାର୍ଯ୍ୟାରମ୍ଭ ହୋଇଥିବା ବେଳେ ୨୦୨୧ ମସିହା ଫେବୃୟାରୀ ୨୦ ତାରିଖ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସାରିବାକୁ ଠିକାଦାରଙ୍କ ସହିତ ଚୁକ୍ତି ହୋଇଥିଲା। ଅବଧି ଶେଷ ହୋଇ ଆହୁରି ତିନି ବର୍ଷ ବିତିଥିଲେ ସୁଦ୍ଧା ଏହି ବ୍ରିଜ ନିର୍ମାଣ ଶେଷ ହୋଇଥିବା ବେଳେ ବ୍ରିଜକୁ ସଂଲଗ୍ନ କରୁଥିବା ରାସ୍ତା ନିର୍ମାଣ ହୋଇନି। କାମ ମନ୍ଥର ଗତିରେ ଚାଲିଥିବା ବେଳେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହା ଅସନ୍ତୋଷ ସୃଷ୍ଟି କରିଛି। ବିଜୁ ସେତୁ ଯୋଜନାରେ ଏହି ପୋଲ ନିର୍ମାଣ ପାଇଁ ଅନୁଦାନ ମିଳିଥିବା ବେଳେ ଏହା ଦ୍ୱାରା ସ୍ଥାନୀୟ ଗମ୍ଭାରିଡିହି, ଚନ୍ଦ୍ରଶେଖରପୁର, ଦେଉଳି, କୃଷ୍ଣାଦେଇପୁର, ନନ୍ଦପୁର, ସାମନ୍ତରାପୁର, ଟିପୁରା, ଇକିରି, ନଚ୍ଛିପୁର, ତେନ୍ତୁଳିଆପଲ୍ଲୀ, ଖଇରପଟି, ଆଡ଼ବନ୍ଧ ପ୍ରଭୃତି ଗ୍ରାମବାସୀ ଉପକୃତ ହେବାକୁ ଲକ୍ଷ୍ୟ ରଖାଯାଇଥିଲା। ବ୍ରିଜ୍ ନିର୍ମାଣ ସମୟରେ ମାଟି ତଳେ ବହୁ ପରିମାଣର ପଥର ପଡ଼ିବାରୁ ବିଳମ୍ବ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଥିଲା। ଜମି ଅଧିଗ୍ରହଣ ବାକି ରହିଥିବାରୁ ସଂଲଗ୍ନ ରାସ୍ତା ନିର୍ମାଣ ହୋଇପାରୁନଥିବା ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇଛନ୍ତି। ସେଠାରେ ଏକ ଶ୍ମଶାନ ଜମି ରହିଥିବାରୁ ତାହା ସମସ୍ୟା ସୃଷ୍ଟି କରିଛି। ତହସିଲଦାର ଏବଂ ପଞ୍ଚାୟତିରାଜ ବିଭାଗ ସହ ଜଏଣ୍ଟ ଭେରିଫିକେସନ୍ କାର୍ଯ୍ୟ ଶେଷ ହେବା ପରେ ସଂଲଗ୍ନ ରାସ୍ତା ନିର୍ମାଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଜାନୁଆରୀ ୧୨ରୁ ନିରାକାରପୁର ସଖାସଂଘ ସର୍ବଭାରତୀୟ ଫୁଟ୍‌ବଲ

**ନିରାକାରପୁର,୧୫।୧୨(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସଖା ସଂଘ କ୍ରୀଡ଼ା ସଂସଦ ତରଫରୁ ଚଳିତ ବର୍ଷ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବା ପାଇଁ ପ୍ରସ୍ତୁତି ଶେଷ ହୋଇଯାଇଛି। ସର୍ବଭାରତୀୟ ସ୍ତରର ବିଭିନ୍ନ ବଛା ବଛା ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ଜାନୁଆରୀ ୧୨ରୁ ୧୯ ପର୍ଯ୍ୟନ୍ତ ଜାରି ରହିବ। ଏନେଇ ସଭାପତି ବିପିନ କୁମାର ଜୟସିଂହ ସୂଚନା ଦେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ କିଶୋର କ୍ଲବ, ଭୁବନେଶ୍ୱର ବନାମ ଜଗଦଲପୁର, ଛତିଶଗଡ଼, ମରଠା ଫୁଟ୍‌ବଲ କ୍ଲବ, ଭଞ୍ଜନଗର, ବନାମ ମାଇନ୍ଦିପୁର ଫୁଟବଲଏକାଡେମୀ, ପାରାଦୀପ, ସ୍ପୋର୍ଟ୍ସ ହଷ୍ଟେଲ, କଟକ ବନାମ ନମଖାନା ଫୁଟବଲ ଏକାଡେମୀ କୋଲକାତା, ଏସପିଏମ ଫୁଟବଲ ଏକାଡେମୀ ବିଶାଖାପାଟଣା ବନାମ ହିନ୍ଦୁସ୍ତାନ ହିରୋଇଣ ଫୁଟବଲ୍ ଏକାଡେମୀ ବେହେଲା, କୋଲକାତା ଟିମ୍ ଖେଳିବା ନିମନ୍ତେ ସ୍ୱୀକୃତି ପ୍ରଦାନ କରିଥିବା ଜଣାପଡ଼ିଛି।

## ପୋଖରୀରେ ବୁଡ଼ି ନାବାଳକ ମୃତ

**ବୋଲଗଡ଼,୧୫।୧୨(ସମିସ):** ବୋଲଗଡ଼ ବ୍ଲକ ଫାସୀଓଦା ପଞ୍ଚାୟତ ଟାଙ୍ଗୀସାହି ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ହେଲେ, ଗ୍ରାମର କବିରାଜ ବିଶ୍ୱାଳଙ୍କ ପୁଅ ଅନିବେଶ ବିଶ୍ୱାଳ(୧୧)। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, କବିରାଜଙ୍କ ବାଡ଼ିପଟେ ଥିବା ନୂଆ ପୋଖରୀକୁ ତାଙ୍କ ପୁଅ ଅନିମେଶ ଶୌଚ ପାଇଁ ଯାଇଥିଲେ। ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ସେ ପୋଖରୀରେ ବୁଡ଼ି ଯାଇଥିଲେ। ଅନିମେଶଙ୍କ ସାନଭାଇ ଏହା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଓ ସ୍ଥାନୀୟ ଲୋକେ ପୋଖରୀରେ ଖୋଜାଖୋଜି କରି ଅନିମେଶଙ୍କୁ ଉଦ୍ଧାର କରିବା ପରେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମାଙ୍କଡ଼ା ବୋଝେଇ ଟିପ୍ପର ଜବତ; ଚାଳକ ଗିରଫ

**ଖୋର୍ଦ୍ଧା,୧୫।୧୨(ସମିସ):** ସଦରଥାନା ଅନ୍ତର୍ଗତ ଛତିପୁର ଛକରୁ ପୁଲିସ ଏକ ମାଙ୍କଡା ବୋଝେଇ ଟିପ୍ପର ଜବତ କରିବା ସହ ଚାଳକକୁ ଗିରଫ କରିଛି। ଗିରଫ ଚାଳକ ପିପିଲି ଥାନା ଅଞ୍ଚଳର ଶିଖର ସ୍ୱାଇଁ (୫୨)। ପୁଲିସ ସୂଚନା ଅନୁସାରେ, ବେଆଇନ ମାଙ୍କଡ଼ା ପଥର ବୋଝେଇ କରି ଏକ ଟିପ୍ପର ପୁରୀ ଦିଗକୁ ଗତକାଲି ବିଳମ୍ବିତ ରାତିରେ ଯାଉଥିବାବେଳେ ପୁଲିସ ଛତିପୁର ଛକଠାରେ ଅଟକାଇଥିଲା। ଏହି ଘଟଣାରେ ପୁଲିସ ଶିଖରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କାର୍ ଧକ୍କାରେ ୩ ଗୁରୁତର

**ବେଗୁନିଆ,୧୫।୧୨(ସମିସ):** ବେଗୁନିଆ ଥାନା ଚକାପଦା ଗ୍ରାମର ୫୭ ନମ୍ବର ଜାତୀୟ ରାଜପଥ ଉପରେ କାର୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣା ଘଟାଇଥିଲା। ଏଥିରେ ୩ ଜଣ ଗୁରୁତର ଆହତ ହୋଇଥିବା ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ସୂଚନା ଦେଇଛନ୍ତି। ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ଯାଉଥିବା ସମୟରେ କାର୍‌ଟିର ଆଗ ଚକା ଫାଟି ଯାଇଥିବାରୁ ଭାରସାମ୍ୟ ହରାଇ ବାମ ପାର୍ଶ୍ୱରେ ଦୋକାନ ଆଡ଼କୁ ପଶି ଯାଇଥିଲା। ସେଠାରେ ଉପସ୍ଥିତ ଥିବା ୩ ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ସେମାନଙ୍କୁ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କାର୍‌କୁ ଜବତ କରି ପୁଲିସ ଥାନାକୁ ଆଣିବା ସହ ତଦନ୍ତ ଚଳାଇଛି।

### ଖୋର୍ଦ୍ଧା ମହୋତ୍ସବର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍ଘାଟିତ

# ଐତିହ୍ୟ, ସଂସ୍କୃତିକୁ ଉଜ୍ଜୀବିତ ରଖିବାର ମାଧ୍ୟମ ମହୋତ୍ସବ

**ଖୋର୍ଦ୍ଧା,୧୫।୧୨(ସମିସ)**



ସ୍ଥାନୀୟ ହାବେଳୀ ପଡ଼ିଆଠାରେ ସ୍ୱେଚ୍ଛାସେବୀ ସଂଗଠନ ନିୟୁ ଥିଙ୍କିଙ୍ଗ ଫୋରମ ଆନୁକୂଲ୍ୟରେ ଖୋର୍ଦ୍ଧା ମହୋତ୍ସବର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ବାଚସ୍ପତି ସୁରମା ପାଢୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। କଳା ଓ ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ ଏବଂ ମହୋତ୍ସବ କଳା-ସଂସ୍କୃତିର ଭାବଧାରାକୁ ତୋଳି ଧରିବା ସହ ଲୋକମାନଙ୍କୁ ସାଂସ୍କୃତିକ ଡୋରିରେ ବାନ୍ଧି ରଖିବାରେ ସହାୟକ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଯାହା ଆଜିର ଖୋର୍ଦ୍ଧା ମହୋତ୍ସବ ଖୋର୍ଦ୍ଧାର ଐତିହ୍ୟ ସଂସ୍କୃତି ପରିପ୍ରକାଶ ସମେତ ପୂର୍ବ ସ୍ମୃତିକୁ ସ୍ମରଣ କରିବାରେ ଏକ ମାତ୍ର ମାଧ୍ୟମ ବୋଲି ମତ ପ୍ରକାଶ କରିଛନ୍ତି। ଏଥିସହିତ ଦେଶ ପାଇଁ ଖୋର୍ଦ୍ଧା ମାଟିରେ ବଳିଦାନ ଦେଇଥିବା ପାଇକ ବୀର ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିବା ସହିତ ଖୋର୍ଦ୍ଧାର ଐତିହ୍ୟ ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ତେବେ ମହୋତ୍ସବକୁ ଚଳିତ ବର୍ଷ ୨୫ବର୍ଷ ପୁରି ଥିବାରୁ ଏହାର ରୌପ୍ୟ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ସଂଗଠନ ପକ୍ଷରୁ ହାତକୁ ନେଇ କିଛି ନୂଆ ରୂପରେ କରିବାକୁ ଉଦ୍ୟମ କରିଥିବାରୁ ଉପସ୍ଥିତ ଅତିଥିମାନେ ସଙ୍ଗଠନର କାର୍ଯ୍ୟକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ।

ତେବେ ବରୁଣେଇ ପାହାଡ଼ ଉପରେ ପାଇକବୀର ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ। ଖୋର୍ଦ୍ଧାକୁ ସରସ ସୁନ୍ଦର ଲାଗି ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଏକ ଯୋଜନା କରାଯାଇଛି। ଖୋର୍ଦ୍ଧାରେ ୩ଟି ରିଂରୋଡ କରାଯିବ। ରାମେଶ୍ୱର ଠାରୁ ଟାଙ୍ଗୀ, ଦ୍ୱିତୀୟ ରିଂରୋଡ୍ ଖୋର୍ଦ୍ଧା, ଭୁବନେଶ୍ୱର ଓ କଟକର ବିଶାଳ ଅଞ୍ଚଳକୁ ନେଇ କରାଯିବ। ସେହିପରି ତୃତୀୟ ରିଂରୋଡ ଭୁବନେଶ୍ୱର ତମାଣ୍ଡୋଠାରୁ ଆରମ୍ଭ କରି ଉତ୍ତରା ପର୍ଯ୍ୟନ୍ତ କରାଯିବ ବୋଲି କହିଥିଲେ। ଖୋର୍ଦ୍ଧା ବିକାଶ ଶୀର୍ଷକୁ ଯିବ। ଜିଲ୍ଲାର ଐତିହାସିକ ଭିତ୍ତିଭୂମିର ଉନ୍ନତି ନିମନ୍ତେ ମଧ୍ୟ ପଦକ୍ଷେପ ନିଆଯାଉଛି।

ବିକାଶ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ। ଅନୁଷ୍ଠାନର ସଭାପତି ଡଃ. ଦିଲ୍ଲୀପ ଶ୍ରୀଚନ୍ଦନ ମଞ୍ଚ ସଂଯୋଜନା ଓ ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିବାବେଳେ ମହୋତ୍ସବ କମିଟିର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର



**ଜଟଣୀ,୧୫।୧୨(ସମିସ):** ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ, ଓଡ଼ିଶାର ସିଏସଆର୍ ସେଲ୍ ଓ ଡିନ୍ ଷ୍ଟୁଡେଣ୍ଟସ୍ ୱେଲଫେୟାର, ଏବଂ କ୍ୟାପିଟାଲ ହସ୍ପିଟାଲ୍ ବ୍ଲଡ୍ ବ୍ୟାଙ୍କ, ଭୁବନେଶ୍ୱରଙ୍କ ସହ ମିଳିତ ଭାବେ ଏକ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଉପକୁଳପତି ଡ. ସୁପ୍ରିୟା ପଟ୍ଟନାୟକ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଓ ଶିକ୍ଷକମଣ୍ଡଳୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ, ଓଡ଼ିଶାର ପ୍ରୋ ଉପକୁଳପତି ଡ. ବିଶ୍ୱଜିତ ମିଶ୍ର, ଛାତ୍ର କଲ୍ୟାଣ ଡିନ୍ ଡ. ସଂଗ୍ରାମ କେଶରୀ ସ୍ୱାଇଁ, କ୍ୟାପିଟାଲ ହସ୍ପିଟାଲ୍, ଭୁବନେଶ୍ୱରର ଚିକିତ୍ସାଧିକାରୀ ଡ. ଦେବାଶିଷ ମିଶ୍ର, ଲାୟନ୍ସ କ୍ଲବ୍, ଭୁବନେଶ୍ୱରର ବିଶ୍ୱଦର୍ଶୀ ଦାସ (ସଭାପତି), ପ୍ରମୋଦ ସ୍ୱାଇଁ (ସଚିବ), ସନ୍ତୋଷ ମହାନ୍ତି, ମନୋଜ ପାତ୍ର (ସଦସ୍ୟ), ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା।

## ବାଣପୁର କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ



**ବାଣପୁର,୧୫ ।୧୨(ସମିସ):** ବାଣପୁର ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ବାଣପୁର କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତିର ଅଧକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସ୍ୱାତକୀ ଦାସ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଯୋଗଦେଇ ବିଭିନ୍ନ ବିଚାରାଧୀନ ମାମଲାର ଫଇସଲା କରିଥିଲେ। ଏହି ଲୋକ ଅଦାଲତରେ ସମୁଦାୟ ୧୧୫ଗୋଟି ମାମଲାର ବିଚାର ପାଇଁ ପଞ୍ଜିକୃତ ହୋଇଥିବା ବେଳେ ତନ୍ମଧ୍ୟରୁ ୩୪ଗୋଟି ମାମଲାର ଫଇସଲା କରାଯାଇ ଏଥିରୁ ୧୧ ଲକ୍ଷ ୮୪ ହଜାର ୪୨୩ ଟଙ୍କା ଆଦାୟ କରାଯାଇଥଲା। ତତ୍ ସହିତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବାଣପୁର ଓ ବାଲୁଗାଁ ଅଞ୍ଚଳର ବିଭିନ୍ନ ବ୍ୟାଙ୍କ ଅଧିକାରୀମାନେ ଉପସ୍ଥିତ ରହି ଅନାଦେୟ ଋଣ ଆଦାୟ ନିମନ୍ତେ ମାମଲା ପରିଚାଳନାରେ ସହଯୋଗ କରିଥିବା ବେଳେ ବିଭିନ୍ନ ବ୍ୟାଙ୍କର ଚାଲିଥିବା ମକଦ୍ଦମାଗୁଡ଼ିକୁ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଥିଲା। ଏହି ଲୋକ ଅଦାଲତକୁ ବହୁ ଆଇନଜୀବୀଙ୍କ ସମେତ ବାଣପୁର କୋର୍ଟର କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଭେଲେନକାନି ସେବା ସଂଘ ପକ୍ଷରୁ ଶୀତବସ୍ତ୍ର ଓ ଖାଦ୍ୟ ବଣ୍ଟନ



**ଜଟଣୀ,୧୫।୧୨(ସମିସ):** ଜଟଣୀର ଅଗ୍ରଣୀ ସାମାଜିକ ସେବା ସଂଗଠନ ଭେଲେନକାନି ସଂଘ ପକ୍ଷରୁ ଆଜି ସ୍ଥାନୀୟ ୨୨ନଂ ୱାର୍ଡ ବାପୁଜୀ କଲୋନୀରେ ଅସହାୟ ତଥା ଗରିବ ପରିବାରର ଲୋକଙ୍କୁ କମ୍ବଳ, ରନ୍ଧାଖାଦ୍ୟ, ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଛି। ସଂଘର ସଭାପତି ବିରଞ୍ଚି ନାୟକ, ସଂପାଦକ ପ୍ରଦୀପ ପଲେଇ, ଯୁବ ଛାତ୍ର ସାମାଜିକ କର୍ମୀ ବିଟୁ ମହେଶ ଓ ଅକ୍ଷୟ କୁମାରଙ୍କ ସହ ସଂଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ। ବିଗତ ଦିନରେ ଏହି ସଂଗଠନ ବିଭିନ୍ନ ଅସହାୟ ଗରିବ ଲୋକମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ପ୍ରଶଂସିତ ହୋଇଛି। ଏହି ସେବା ଆଗକୁ ଜାରି ରହିବ ବୋଲି ସଂଘର ସଭାପତି ଶ୍ରୀ ନାୟକ କହିଛନ୍ତି।

## ସିଗ୍‌ମା ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



**ଖୋର୍ଦ୍ଧା,୧୫।୧୨(ସମିସ):** ଖୋର୍ଦ୍ଧା ଷ୍ଟାଡିୟମ୍‌ରେ ୩ ଦିନ ଧରି ଚାଲିଥିବା ସିଗମା ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ପୌରୋହିତ୍ୟରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତୀୟ ରିଜର୍ଭ ୬ଷ୍ଠ ବାଟାଲିୟନର ଅତିରିକ୍ତ କମାଣ୍ଡର ଅଶ୍ୱିନୀ କୁମାର ମହାପାତ୍ର ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ୨୦୦ମିଟର, ୧୦୦ମିଟର, ୫୦ ମିଟର ଦୌଡ଼, ମିଉଜିକ ଚେୟାର, ସାଇକଲ ରେସ, ଲମ୍ବ ଡିଆଁ, ବେଲୁନ୍ ରେସ, ବାଲି ବୋତଲ ଦୌଡ଼ ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚାମ୍ପିଅନ ଭାବେ ସୂର୍ଯ୍ୟାଂଶୁ ଭଞ୍ଜ ଏବଂ ତୃପ୍ତିମୟୀ ସ୍ୱାଇଁ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କମାଣ୍ଡର ଶ୍ରୀ ମହାପାତ୍ର, ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି ଏବଂ ସ୍କୁଲର ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ସ୍ମୃତିସଭା

**ଭୂଷଣ୍ଡପୁର,୧୫।୧୨(ସମିସ):** ବାଲିପାଟପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଏବଂ ମତ୍ସ୍ୟଜୀବୀ ସମ୍ପ୍ରଦାୟର ଜଣେ ପ୍ରମୁଖ ସମାଜସେବୀ ସ୍ୱର୍ଗତ ତ୍ରିନାଥ ବେହେରାଙ୍କ ଦ୍ୱାଦଶରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ବେହେରା ସ୍ଥାନୀୟ ଦାରୁବ୍ରହ୍ମ ରଥଯାତ୍ରା କମିଟର ଜଣେ ମୁଖ୍ୟ କର୍ମକର୍ତ୍ତା ହୋଇଥିବାରୁ କମିଟିର ଆବାହକ ବିଜୟ ବାବାଙ୍କ ନେତୃତ୍ୱରେ ବହୁ କର୍ମୀ ସଭାରେ ଯୋଗଦାନ କରିଥିଲେ। ପୂର୍ବତନ ବିଧାୟକ ଡଃ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ପୂର୍ବତନ ଜିଲ୍ଲାପାଳ ଦେବରାଜ ସେନାପତି, ସଞ୍ଜୟ ପଟ୍ଟନାୟକ, ଆଇନଜୀବୀ ଅନିଲ ପଟ୍ଟନାୟକ, ରବୀନ୍ଦ୍ର କୁମାର ସାମନ୍ତରାୟ, ବିଜୟ ମହାପାତ୍ର, ରଜନୀକାନ୍ତ ରାଉତରାୟ, ତାରାପ୍ରସାଦ ପଟ୍ଟନାୟକ, ଅଶୋକ ପାତ୍ର, ଦିଲୀପ ବେହେରା, ମତ୍ସ୍ୟଜୀବୀ ନେତା ଅନାଦି ବେହେରା, ବିରଞ୍ଚି ନାରାୟଣ ପ୍ରଧାନ, ହୁଲାସ ବେହେରା, ଧିରେନ୍ଦ୍ର ବେହେରା, ଅଜୟ ବେହେରା, ଦେବ ବେହେରା, ଲକ୍ଷ୍ମୀଧର ବେହେରା, ଭୂଷଣ୍ଡପୁର ସରପଞ୍ଚ ସୌରଭ କୁମାର ଦାସମହାପାତ୍ର, ବୀରେନ୍ଦ୍ର ପରିଡ଼ା, ଦାରୁବ୍ରହ୍ମ କମିଟି ମୁଖ୍ୟ ବିଜୟ ବାବା, ଖୋର୍ଦ୍ଧା ବିଧାୟକଙ୍କ ପ୍ରତିନିଧି ବାବୁ ସାମନ୍ତରାୟ, ରବୀନ୍ଦ୍ର କୁମାର ଦଳାଇ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶେଷରେ ସ୍ୱର୍ଗତ ବେହେରାଙ୍କ ଦୁଇ ପୁଅ ସୁମନ୍ତ ଏବଂ ବିଥାନୀଙ୍କୁ ରଥଯାତ୍ରା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ଟାଙ୍ଗୀ ସର୍ବଭାରତୀୟ ମହିଳା ଫୁଟ୍‌ବଲ: କୋଲକାତା ବିଜୟୀ



**ଟାଙ୍ଗୀ,୧୫।୧୨(ସମିସ):** ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଦେବୀ ଦୁର୍ଗା ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଆଜି ପଞ୍ଚମ ଦିବସ ମ୍ୟାଚ୍‌ରେ ନିତା ଫୁଟ୍‌ବଲ କ୍ଲବ, କଟକକୁ ୩-୦ ଗୋଲ୍‌ରେ ପରାସ୍ତ କରି କୋଲକାତା ଏକାଦଶ ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। କୋଲକାତା ଦଳର ତୁଳସି ହେମ୍ବ୍ରମ ପ୍ରଥମାର୍ଦ୍ଧ ଖେଳର ୨୩ ମିନିଟ ସମୟରେ ପ୍ରଥମ ଗୋଲ ଓ ସେ ଖେଳର ୪୫ ମିନିଟ ସମୟରେ ଦ୍ୱିତୀୟ ଗୋଲ ଓ ଖେଳର ୪୨ ମିନିଟ ସମୟରେ ସୋନିଆ ମୁର୍ମୁ ଗୋଟିଏ ଗୋଲ ଦେଇ ନିଜ ଦଳକୁ ୩-୦ରେ ବିଜୟୀ କରାଇଥିଲେ। ଅତିଥି ଭାବେ କମିଟିର ଉପଦେଷ୍ଟା ତଥା ପୂର୍ବତନ ଖୋର୍ଦ୍ଧା ଜିଲ୍ଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର ଶତପଥୀ, କଳକଳେଶ୍ୱର ପଞ୍ଚାୟତ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଜେନା, ପୂର୍ବତନ ଟାଙ୍ଗୀ ସରପଞ୍ଚ ସୁପ୍ରଭା ମହାପାତ୍ର, ପୂର୍ବତନ ଖେଳାଳି ଅରୁଣରଞ୍ଜନ ମହାନ୍ତି, କୁହୁଡ଼ି ପଞ୍ଚାୟତ ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ଡାକ୍ତର ନଗେନ ରାୟ ପଟ୍ଟନାୟକ, ସମାଜସେବୀ ଅମିନ ପରିଡ଼ା, ସମାଜସେବୀ ଅଶୋକ କୁମାର ମହାପାତ୍ର, ଟୁର୍ଣ୍ଣାମେଣ୍ଟ ସଭାପତି ତପନ କୁମାର ମହାନ୍ତି, ଆୟୋଜକ ଟ୍ରଷ୍ଟ ପ୍ରଦୀପ କୁମାର ମହାପାତ୍ର, ସଂପାଦକ ନିରଞ୍ଜନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରେଫରି ରିନା ତିର୍କୀ, ଆସିଷ୍ଟାଣ୍ଟ ରେଫରି ବୀଣାପାଣି ବିରୁଆ, ବାଲାମତି ଓରାମ, ଚତୁର୍ଥ ରେଫରି ଆରତି ମହାନ୍ତି ଓ ମ୍ୟାଚ୍ କମିଶନର ଦୁର୍ଗାମାଧବ ନାୟକ ଖେଳ ପରିଚାଳନା କରିଥିଲେ। ଆସନ୍ତାକାଲି(ସୋମବାର) କୋଲକାତା ଏକାଦଶକୁ ଭେଟିବ ବିହାର ଏକାଦଶ। ଆଜି ମ୍ୟାଚ୍‌ରେ ତୁଳସୀ ହେମ୍ବ୍ରମ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ।

## ରେନ୍‌ବୋ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ବେଗୁନିଆ,୧୫।୧୨(ସମିସ):** ବେଗୁନିଆ ବ୍ଲକ ସାରୁଅ ପଞ୍ଚାୟତ ଅନ୍ତର୍ଗତ ପତନିବର ଗ୍ରାମସ୍ଥିତ ରେନବୋ କ୍ରିକେଟର ୩୦ତମ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସରପଞ୍ଚ ରଞ୍ଜିତା ମହାଭୋଇ ଓ ସମାଜସେବୀ ଅକ୍ଷୟ ସୁନ୍ଦରାୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଜିର ମ୍ୟାଚ୍‌ଟି କାଇପଦର ଓ ଭାଲିଆବାଡି ମଧ୍ୟରେ ଅନୁଷ୍ଠିତ ହୋଇଛି। ପ୍ରଥମେ କାଇପଦର ଦଳ ଟସ୍ ଜିତି ବ୍ୟାଟିଂ କରି ୨୦ ଓଭରରେ ୭ ୱିକେଟ ହରାଇ ୧୯୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାଲିଆବାଡି ଦଳ ନିର୍ଦ୍ଧାରିତ ଓଭର ପୂର୍ବରୁ ୧୯୨ ରନ୍ ସଂଗ୍ରହ କରି ବିଜୟ ହାସଲ କରିଛି। ଖେଳକୁ ଓମ୍ପାୟାର ବିନୟ ପାଇକରାୟ ପରିଚାଳନା କରିଥିବା ବେଳେ ଏମଡି ସୁଲେମାନ ସହଯୋଗ କରିଥିଲେ।

## ସରିଲା ମହଲତ, ଆଶଙ୍କାରେ ବ୍ୟବସାୟୀ

# ଭେଣ୍ଡିଂ ଜୋନ୍ କାମ ଅଧପନ୍ତରିଆ

**ଖୋର୍ଦ୍ଧା,୧୫।୧୨(ସମିସ)**



ଖୋର୍ଦ୍ଧା ସହରରେ ବ୍ୟବସାୟୀ ଏବଂ ପ୍ରଶାସନ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ପ୍ରଶାସନ ଦେଇଥିବା ମହଲତ ଆଜି ପୂରିଛି। ଫଳରେ ବ୍ୟବସାୟୀମାନେ ଏବେ ଆଶା ଓ ଆଶଙ୍କା ମଧ୍ୟରେ ରହିଛନ୍ତି। ଅନେକ ବ୍ୟବସାୟୀ ତାଙ୍କ ଦୋକାନକୁ ସାମଗ୍ରୀ ଆଣିବା ବନ୍ଦ କରି ଦେଇଛନ୍ତି। ବିଭିନ୍ନ ଦୋକାନରେ ଦୈନିକ ଲାଗୁଥିବା ସାମଗ୍ରୀ କାରବାର ଏକପ୍ରକାର ବନ୍ଦ ହୋଇଯାଇଛି। କିଛି ଦିନ ହେବ ଖୋର୍ଦ୍ଧା ବଜାରରେ କାରବାର ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଋଣ କରି ବ୍ୟବସାୟ କରୁଥିବା କ୍ଷୁଦ୍ର ଦୋକାନୀଙ୍କ ଚିନ୍ତା ବଢ଼ିଯାଇଛି। ଆଗ ଥଇଥାନ ପରେ ଉଚ୍ଛେଦ ଜିଦ୍‌ରେ ଅଟଳ ଥିବା ବ୍ୟବସାୟୀମାନେ ତାଙ୍କର ଆନ୍ଦୋଳନକୁ ଜୋରଦାର କରିବେ ବୋଲି ଜଣାପଡ଼ିଛି।

ବିଭିନ୍ନ ରାଜନୈତିକ ସଙ୍ଗଠନ ଏହି ବୈଠକରେ ସାମିଲ ହୋଇ ବ୍ୟବସାୟୀମାନଙ୍କ ସହ ସମର୍ଥନ ଅଛି ବୋଲି ବିଭିନ୍ନ ସଭାସମିତିରେ ସ୍ପଷ୍ଟ ଭାବରେ ସୂଚନା ଦେଇଛନ୍ତି। ପ୍ରଶାସନ ବର୍ତ୍ତମାନ ୧୬୩ଟି କ୍ଷୁଦ୍ର ଟିଣ ଛପର ଘରକୁ ଅଧପନ୍ତରିଆ ଭାବେ ନିର୍ମାଣ କରି ନୂଆ ବସ୍‌ଷ୍ଟାଣ୍ଡଠାରୁ ଶ୍ମଶାନ ପଡ଼ିଆ ପର୍ଯ୍ୟନ୍ତ ସେଠାରେ ଥଇଥାନ କରିବ ବୋଲି ଲଟେରୀ କରି ଘୋଷଣା କରିଛି। ପ୍ରଶାସନର ଏହି ନୋଟିସ ବିରୋଧରେ ବ୍ୟବସାୟୀ ମହାସଂଘ ପୂର୍ବରୁ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମଧ୍ୟ ପୌର ପରିଷଦ ନିର୍ବାହୀ ଅଧିକାରୀ ୩ ମାସ ମଧ୍ୟରେ ଏହାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ଦେଇଥିବା ନୋଟିସ୍‌ର ସମୟ ସୀମା ମଧ୍ୟ ଏହି ମାସ ୧୬ ତାରିଖରେ ସରୁଛି। ନିର୍ବାହୀ ଅଧିକାରୀ ଉଚ୍ଚ ନ୍ୟାୟାଳୟରୁ ନିଜକୁ ରକ୍ଷା କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ପ୍ରସ୍ତାବିତ ହାବେଳି ପଡିଆରେ ବ୍ୟବସାୟୀଙ୍କ ଜମା ଅର୍ଥ ବିନିଯୋଗ କରାଯାଇ ଭିତ୍ତିଭୂମି ନିର୍ମାଣ ହେଲା। ବର୍ତ୍ତମାନ ପ୍ରଶାସନ ତାହାକୁ ମେଳା, ମହୋତ୍ସବ, ସଭାସମିତିରେ ବ୍ୟବହାର କରୁଛି। କୌଣସି ପରିସ୍ଥିତିରେ ଏହି ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଛି ପ୍ରଶାସନ। ପ୍ରଶାସନର ଏହି ଚରମ ନିଷ୍ପତ୍ତି ପରେ ବ୍ୟବସାୟୀମାନେ ଅଧିକ ଆଶଙ୍କାରେ ପଡିଛନ୍ତି। ଉଚ୍ଛେଦ ହେଲେ କୋଉଠି ବ୍ୟବସାୟ ଆରମ୍ଭ କରିବେ ତାହାକୁ ନେଇ ଅନେକ ବ୍ୟବସାୟୀ ଚିନ୍ତାରେ ପଡ଼ିଛନ୍ତି। ସମସ୍ତେ ପ୍ରଶାସନର ପଦକ୍ଷେପକୁ ଚାହିଁ ରହିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟାକୁ ୧୬ ତାରିଖରୁ ଆଗକୁ ଘୁଞ୍ଚାଇଥିବା କୁହାଯାଉଥିବାବେଳେ କେବେ ଉଚ୍ଛେଦ ପ୍ରକ୍ରିୟା କରାଯିବ ସେ ସମ୍ପର୍କରେ ପୌରନିର୍ବାହୀ ଅଧିକାରୀ ମୁହଁ ଖୋଲୁନାହାନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୪.୮୭ • ପାଉଣ୍ଡ ୧୦୭.୨୬
- ୟୁରୋ ୮୯.୦୧ • ୟେନ୍ ୦.୫୫

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୧୩୩.୦୦
- ନିଫ୍ଟି ୨୪,୭୬୮.୦୦



## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା: ୭୧,୫୭୦ (ଭୁବନେଶ୍ୱର)
- ରୁପା : ୯୫,୬୦୦ (କେଜି)

## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଅନାଦାୟ ବ୍ୟାଙ୍କ ଋଣ ୯ ଲକ୍ଷ କୋଟି ଟପିଲା

ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି)

ଦିନକୁ ଦିନ ଦେଶରେ ଋଣ ଖିଲାପକାରୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଇତିମଧ୍ୟରେ ଦେଶରେ ବ୍ୟାଙ୍କଗୁଡିକର ମୋଟ ଅଣ-କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ବା ଅନାଦାୟ ଋଣ ବଢ଼ିବାରେ ଲାଗିଛି। ଏହି ତାଲିକାରେ ଅନୀଲ ଅମ୍ବାନୀଙ୍କଠାରୁ ଜେପି,ମେହୁଲ୍ ଚୋକ୍‌ସିଙ୍କ ସମେତ ଅନେକ ଶିଳ୍ପପତି ରହିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଦେଶର ବ୍ୟାଙ୍କଗୁଡିକର ମୋଟ ଏନପିଏରେ କେବଳ ଶ୍ରେଷ୍ଠ ୧୦୦ ଋଣ ଖିଲାପକାରୀଙ୍କର ଅଂଶ ହେଉଛି ୪୩ ପ୍ରତିଶତ। ୨୦୧୯ ମାର୍ଚ୍ଚ ପର୍ଯ୍ୟନ୍ତ ସର୍ବାଧିକ ଋଣ ଖିଲାପକାରୀ ବିନିର୍ମାଣ, ଶକ୍ତି ଏବଂ ନିର୍ମାଣ କ୍ଷେତ୍ରରୁ ରହିଛନ୍ତି। ରିପୋର୍ଟ ଅନୁଯାୟୀ, ଯେଉଁ ଶ୍ରେଷ୍ଠ ୧୦୦ ଋଣ ଖିଲାପକାରୀ କମ୍ପାନୀଙ୍କ ଏନ୍‌ପିଏରେ ୪୩ ପ୍ରତିଶତରୁ ଅଧିକ ଭାଗ ଥିଲା, ସେଥିରେ ୩୦ ଋଣଗ୍ରହୀତାଙ୍କ ବା କମ୍ପାନୀଙ୍କର ମୋଟ ଏନପିଏର ୩୦ ପ୍ରତିଶତରୁ ଅଧିକ ଥିଲା। ଏଠାରେ ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ବ୍ୟାଙ୍କଗୁଡିକର ମୋଟ ଏନ୍‌ପିଏ ୯.୩୩ ଲକ୍ଷ କୋଟି ଟଙ୍କା ରହିଥିଲା। ତେବେ ୨୦୧୮ ପରେ ଭାରତର

- **ତାଲିକାରେ ଅନୀଲ ଅମ୍ବାନୀଙ୍କଠାରୁ ଜେପି, ଚୋକ୍‌ସିଙ୍କ ସମେତ ଅନେକ ଶିଳ୍ପପତି**
- **ଏନ୍‌ପିଏରେ ଶ୍ରେଷ୍ଠ ୧୦୦ ଖିଲାପକାରୀଙ୍କ ଅଂଶ ୪୦%ରୁ ଅଧିକ**
- **ବିନିର୍ମାଣ, ଶକ୍ତି, ନିର୍ମାଣ କ୍ଷେତ୍ରରୁ ସର୍ବାଧିକ ଖିଲାପକାରୀ**

ବ୍ୟାଙ୍କିଂ ଇତିହାସରେ ଏହା ରେକର୍ଡ ହୋଇଥିବା ଦ୍ୱିତୀୟ ସର୍ବାଧିକ ଏନ୍‌ପିଏ।

ରିପୋର୍ଟରେ କୁହାଯାଇଛି ଯେ ଶ୍ରେଷ୍ଠ ୧୦୦ ଋଣ ଖିଲାପକାରୀ କମ୍ପାନୀଙ୍କ ଏନ୍‌ପିଏ ପରିମାଣ ୪.୦୨ ଲକ୍ଷ କୋଟି ଟଙ୍କା। ଏହା ସମୁଦାୟ ଏନ୍‌ପିଏର ପ୍ରାୟ ୪୩ ପ୍ରତିଶତ। ଅନୁସନ୍ଧାନରୁ ଏହା ମଧ୍ୟ ଜଣାପଡିଛି ଯେ ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ଶ୍ରେଷ୍ଠ ୧୦୦ ବ୍ୟାଙ୍କ ଋଣ ଖିଲାପକାରୀଙ୍କ ଉପରେ ମୋଟ ୮.୪୪ ଲକ୍ଷ କୋଟି ଟଙ୍କା ଋଣ ଥିଲା। ଏହାର ପ୍ରାୟ ଅଧାକୁ ଅଧିକ ଋଣ ଅର୍ଥ ଏନପିଏ ଘୋଷିତ କରାଯାଇଥିଲା। ଶ୍ରେଷ୍ଠ ୧୦୦ ବ୍ୟାଙ୍କ ଖିଲାପକାରୀଙ୍କ ମଧ୍ୟରେ ଦେଶରେ ଅନେକ ଅଗ୍ରଣୀ ଶିଳ୍ପପତିଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ କ୍ଷେତ୍ରର ବଡ କମ୍ପାନୀ ରହିଛି। ସର୍ବାଧିକ ଋଣ ନେଇଥିବା ତିନି କ୍ଷେତ୍ରର କେବଳ ୧୫ ଟି କମ୍ପାନୀ ଉପରେ ଖିଲାପକାରୀ ଶ୍ରେଷ୍ଠ ୧୦୦ କମ୍ପାନୀର ମୋଟ ଋଣର ୫୦ ପ୍ରତିଶତରୁ ଅଧିକ ଋଣ (୪.୫୮ ଲକ୍ଷ କୋଟି) ରହିଛି।





ଅପରପକ୍ଷେ ଦେଶରେ ଏନ୍‌ପିଏ ପରିମାଣ ପ୍ରତିବର୍ଷ ବୃଦ୍ଧି ପାଇବାରେ ଲାଗିଛି। ରିପୋର୍ଟ ଅନୁଯାୟୀ, ୨୦୧୫ ମାର୍ଚ୍ଚ ୩୧ ସୁଦ୍ଧା ବ୍ୟାଙ୍କଗୁଡିକର ମୋଟ ଏନପିଏ ପରିମାଣ ୩.୨୩ ଲକ୍ଷ କୋଟି ଟଙ୍କା ରହିଥିଲା। ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ଏହା ୧୦.୩୬ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ଏ ପର୍ଯ୍ୟନ୍ତ ସର୍ବାଧିକ ଥିଲା। ପରବର୍ତ୍ତୀ ବର୍ଷ ଏଥିରେ କିଛି ପରିମାଣରେ ହ୍ରାସ ଘଟିଥିଲା। ଏନ୍‌ପିଏରେ ରହିଥିବା ଅନେକ କମ୍ପାନୀ ଦେବାଳିଆ ପ୍ରକ୍ରିୟାରେ ଅଛନ୍ତି। ଏଥିମଧ୍ୟରେ ଅନୀଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପର କମ୍ପାନୀ ମଧ୍ୟ ଅନ୍ତର୍ଭୁକ୍ତ। ଆରବିଆଇ ତଥ୍ୟ ଅନୁଯାୟୀ, ରିଲାଏନ୍ସ କମ୍ୟୁନିକେସନ୍ ଲିମିଟେଡ୍, ରିଲାଏନ୍ସ ନାଭାଲ୍ ଆଣ୍ଡ ଇଞ୍ଜିନିୟରିଂ ଲିମିଟେଡ୍, ଜେପି ଗ୍ରୁପର ଜୟପ୍ରକାଶ ଆସୋସିଏଟ୍ସ ଲିମିଟେଡ୍ , ଜୟପ୍ରକାଶ ପାୱାର ଭେଞ୍ଚର ଲିମିଟେଡ୍, ଜେପି ଇନଫ୍ରାଟେକ୍ ଲିମିଟେଡ୍, ଆଇଏଲ୍ ଆଣ୍ଡ ଏଫଏସ୍ ଆର୍ଥିକ ସେବା ଲିମିଟେଡ୍, ରୁଚି ସୋୟା ଇଣ୍ଡଷ୍ଟ୍ରିଜ୍ (ବର୍ତ୍ତମାନ ପତଞ୍ଜଳି ଫୁଡ୍‌ସ),ଭିଡିଓକନ୍ ଗ୍ରୁପର ଦୁଇଟି କମ୍ପାନୀ , ଜିନ୍ଦଲ ଇଣ୍ଡିଆ ଥର୍ମାଲ୍ ପାୱାର, ମେହୁଲ ଚୋକସିଙ୍କ ଗୀତାଞ୍ଜଳି ଜେମ୍ସ ଆଦି କମ୍ପାନୀ ବର୍ତ୍ତମାନ ଦେବାଳିଆ ପ୍ରକ୍ରିୟାରେ ରହିଛନ୍ତି। ଅନୀଲ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ କମ୍ୟୁନିକେସନ୍ସ ମଧ୍ୟ ଦେଶର ସର୍ବୋଚ୍ଚ ଋଣ ଖିଲାପକାରୀ କମ୍ପାନୀ ମଧ୍ୟରେ ସାମିଲ। ଏହାଛଡା ଶକ୍ତି / ବିଦ୍ୟୁତ୍ କ୍ଷେତ୍ରରୁ କେଏସ୍କେ ମହାନଦୀ ପାୱାର୍ କମ୍ପାନୀ ଲିମିଟେଡ୍, ବିନିର୍ମାଣରୁ ଭୂଷଣ ପାୱାର୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍, ରିଅଲ୍ ଇଷ୍ଟେଟ୍‌ରୁ ଜୟପ୍ରକାଶ ଆସୋସିଏଟ୍ସ ଲିମିଟେଡ୍ ଏବଂ ଟେଲିକମ୍ ରିଲାଏନ୍ସ କମ୍ୟୁନିକେସନ୍ ଲିମିଟେଡ୍।

### ୟୁପିଆଇ କାରବାରରେ ରେକର୍ଡ

# ୧୧ ମାସରେ ୨୨୩ ଲକ୍ଷ କୋଟି ଟଙ୍କା ପଠାଯାଇଛି

ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି)





**୧୫ ହଜାରରୁ ଅଧିକ ୟୁପିଆଇ କାରବାର**

**ବର୍ଷକରେ କାରବାର ପରିମାଣ ୨୪ ପ୍ରତିଶତ ବଢ଼ିଛି**

ଦେଶରେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) କାରବାର ବଢ଼ିବାରେ ଲାଗିଛି। ଚଳିତବର୍ଷ ଜାନୁଆରୀରୁ ନଭେମ୍ବର ମାସ ମଧ୍ୟରେ ୟୁପିଆଇ ମାଧ୍ୟମରେ ମୋଟ ୧୫,୫୪୭ କୋଟି କାରବାର କରାଯାଇଥିଲା। ଏହି ଅବଧିରେ ୨୨୩ ଲକ୍ଷ କୋଟି ଟଙ୍କା ସ୍ଥାନାନ୍ତର କରାଯାଇଥିଲା। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏହି ତଥ୍ୟ ଦିଆଯାଇଛି।

ଗତ ନଭେମ୍ବର ମାସରେ ୟୁପିଆଇ ଜରିଆରେ ୨୧.୫୫ ଲକ୍ଷ କୋଟି ଟଙ୍କା ପଠାଯାଇଛି। ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ)ର ତଥ୍ୟ ଅନୁଯାୟୀ, ନଭେମ୍ବରରେ ୟୁପିଆଇ ମାଧ୍ୟମରେ ୧୫୪୮କୋଟି କାରବାର ହୋଇଥିଲା। ଏହି ଅବଧିରେ ୨୧.୫୫ ଲକ୍ଷ କୋଟି ଟଙ୍କା ସ୍ଥାନାନ୍ତର କରାଯାଇଥିଲା। ଗତ ବର୍ଷ ନଭେମ୍ବର ତୁଳନାରେ ୟୁପିଆଇ କାରବାର ସଂଖ୍ୟା ୩୮ ପ୍ରତିଶତ ବୃଦ୍ଧି ପାଇଛି। ଏଥିସହିତ, କାରବାର ପରିମାଣ ମଧ୍ୟ ବର୍ଷକ ମଧ୍ୟରେ ୨୪ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୩ ନଭେମ୍ବରରେ, ୟୁପିଆଇ ମାଧ୍ୟମରେ ୧୧୨୩ କୋଟି କାରବାର କରାଯାଇଥିଲା ଏବଂ ଏହା ମାଧ୍ୟମରେ ୧୭.୪୦ ଲକ୍ଷ କୋଟି ଟଙ୍କା ପଠାଯାଇଥିଲା। ୨୦୨୪ ନଭେମ୍ବରରେ ୟୁପିଆଇରେ ଦୈନିକ ହାରାହାରି କାରବାର ୫୧ କୋଟି ୬୦ ଲକ୍ଷ ଟଙ୍କା ଥିଲା । ଦୈନିକ ହାରାହାରି ୭୧,୮୪୦ କୋଟି ଟଙ୍କା ପଠାଯାଇଥିଲା। ଅବଶ୍ୟ, ଏହି ସଂଖ୍ୟା ଚଳିତବର୍ଷ ଅକ୍ଟୋବରର ରେକର୍ଡ କାରବାରଠାରୁ କମ୍ ରହିଥିଲା। ଅକ୍ଟୋବର ମାସରେ ରେକର୍ଡ ସର୍ବାଧିକ ସଂଖ୍ୟକ ୧୬୫୮ କୋଟି ୟୁପିଆଇ କାରବାର କରାଯାଇଥିଲା। ଏନ୍‌ପିସିଆଇ ଅନୁଯାୟୀ, ଅକ୍ଟୋବରରେ ୧୬୫୮ କୋଟି କାରବାର କରାଯାଇଥିଲା। ଏହି ଅବଧିରେ ୨୩.୫୦ ଲକ୍ଷ କୋଟି ଟଙ୍କା ପଠାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ୨୦୧୬ ଏପ୍ରିଲ୍‌ରେ ୟୁପିଆଇ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଏହା ପରଠାରୁ ଗୋଟିଏ ମାସରେ ଏହା ହେଉଛି ସର୍ବୋଚ୍ଚ ଏବଂ ସବୁଠାରୁ ବଡ କାରବାର। ୟୁପିଆଇ ଏନ୍‌ପିସିଆଇ ଦ୍ୱାରା ପରିଚାଳିତ, ଭାରତରେ, ଆରଟିଜିଏସ୍ ଏବଂ ନେଫ୍ଟ ଦେୟ ବ୍ୟବସ୍ଥା ଆରବିଆଇ ଦ୍ୱାରା ପରିଚାଳିତ। ଆଇଏମ୍‌ପିଏସ୍, ରୂପେ, ୟୁପିଆଇ ପରି ସିଷ୍ଟମଗୁଡିକ ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଦ୍ୱାରା ପରିଚାଳିତ।୨୦୨୦ ଜାନୁଆରୀ ପହିଲାରୁ ୟୁପିଆଇ କାରବାର ପାଇଁ ସରକାର ଶୂନ-ଚାର୍ଜ ବ୍ୟବସ୍ଥା କରିଛନ୍ତି।

### ଏମ୍‌ଏଫ୍‌ଏନ୍ ମାନ୍ୟତା ହଟାଇବାର ପ୍ରଭାବ

# ଭାରତରେ ମହଙ୍ଗା ହେବ ନେସ୍‌ଲେ ଉତ୍ପାଦ

ନୂଆଦିଲ୍ଲୀ ୧୫।୧୨(ଏଜେନ୍ସି)



ଭାରତକୁ ଦେଇଥିବା ଏମ୍‌ଏଫ୍‌ଏନ୍ (ମୋଷ୍ଟ ଫେଭର୍ଡ ନେସନ) ମାନ୍ୟତାକୁ ସ୍ୱିଜରଲ୍ୟାଣ୍ଡ ହଟାଇଦେଇଛି। ନେସ୍‌ଲେ ବିରୋଧରେ ଭାରତୀୟ କୋର୍ଟଙ୍କ ରାୟ ପରେ ସ୍ୱିଜରଲ୍ୟାଣ୍ଡ ପ୍ରତିକ୍ରିୟାଶୀଳ ହୋଇଉଠିଛି। ଏହାର ଜବାବ୍ ଦେବାକୁ ଯାଇ ଭାରତକୁ ଦିଆଯାଇଥିବା ଏମ୍‌ଏଫ୍‌ଏନ୍ (ମୋଷ୍ଟ ଫେଭର୍ଡ ନେସନ) ମାନ୍ୟତା ପ୍ରତ୍ୟାହାର କରିନେଇଛି ସ୍ୱିଜରଲ୍ୟାଣ୍ଡ। ଏହି ପଦକ୍ଷେପ ୟୁରୋପୀୟ ରାଷ୍ଟ୍ରଗୁଡିକରେ କାର୍ଯ୍ୟ କରୁଥିବା ଭାରତୀୟ କମ୍ପାନୀଙ୍କ ଉପରେ ପ୍ରତିକୂଳ ଟିକସ ପ୍ରଭାବ ପକାଇବା ପୂର୍ବରୁ ଏବେ ଭାରତୀୟ ଗ୍ରାହକ ଏହାର ପ୍ରଥମ ଶିକାର ହେବାକୁ ଯାଉଛନ୍ତି। ଆଗକୁ ଭାରତରେ ସ୍ୱିସ୍ କମ୍ପାନୀ ନେସ୍‌ଲେର ଉତ୍ପାଦ ମହଙ୍ଗା ହେବ। ଏମିତିକି ଭାରତୀ ଘରେ ଘରେ ପରିଚିତ ମ୍ୟାଗି ଜାନୁଆରୀରୁ ମହଙ୍ଗା ହେବ।

ଆମ ଦେଶରେ ମ୍ୟାଗି ମହଙ୍ଗା ହେବା ପଛରେ ଭାରତ ଓ ସ୍ୱିଜରଲ୍ୟାଣ୍ଡ ମଧ୍ୟରେ ୧୯୯୪ ମସିହାରେ ହୋଇଥିବା ଏକ ରାଜିନାମା ଦାୟୀ। ଏହି ରାଜିନାମାରେ ଡବଲ ଟ୍ୟାକ୍ସେସନ ଆଭଏଡାନ୍ସ ଏଗ୍ରିମେଣ୍ଟ (ଡିଟିଏଏ) ହୋଇଥିଲା। ଏଥିରେ ମୋଷ୍ଟ ଫେଭର୍ଡ ନେସନ (ଏମଏଫଏନ) ସସ୍ପେନସନ ରହିଛି। ତେବେ ସ୍ୱିଜରଲ୍ୟାଣ୍ଡ ୨୦୨୫ ଜାନୁୟାରୀ ୨ପହିଲାରୁ ଏହି କ୍ଲଜକୁ ସମାପ୍ତ କରିବାକୁ ନିଷ୍ପତ୍ତି ନେଇଛି। ୨୦୨୩ରେ ଭାରତର ସୁପ୍ରିମକୋର୍ଟଙ୍କ ଏକ ରାୟ ପରେ ସ୍ୱିଜରଲ୍ୟାଣ୍ଡ ଏପରି ପଦକ୍ଷେପ ନେବାକୁ ଯାଉଛି। ଏମଏଫଏନ କ୍ଲଜର ଉଦ୍ଦେଶ୍ୟ କୌଣସି ଦ୍ୱିପକ୍ଷୀୟ କର ବୁଝାମଣାରେ ସାମିଲ ଦେଶ ଜଣେ ଜଣକୁ ସମାନ ଲାଭ ପ୍ରଦାନ କରିବା ନିଶ୍ଚିତ କରିଥାଏ।

ତେବେ ସ୍ୱିଜରଲ୍ୟାଣ୍ଡ ଅଭିଯୋଗ କରିଛି ଯେ ଭାରତ ଅନ୍ୟ ଦେଶ ଯେପରିକି ସ୍ଲୋଭେନିୟା, ଲିଥୁଆନିୟା ଓ କୋଲମ୍ବିୟା ସହିତ ଡିଟିଏଏରେ ଅଧିକ ଅନୁକୂଳ ଟ୍ୟାକ୍ସ ଲାଭ ପ୍ରଦାନ କରୁଛି ହେଲେ ସ୍ୱିସ୍ କମ୍ପାନୀଙ୍କୁ ଏହି ଲାଭ ମିଳୁ ନାହିଁ। ଭାରତ ସରକାରଙ୍କ ଏପରି ପକ୍ଷପାତକୁ ନଜରରେ ରଖି ସ୍ୱିଜରଲ୍ୟାଣ୍ଡ ୨୦୨୫ରେ ଏହି କ୍ଲଜ୍ କୁ ସସ୍ପେଣ୍ଡ କରିବାକୁ ନିଷ୍ପତ୍ତି ନେଇଛି। ଯଦି ସ୍ୱିସ୍ ସରକାର ଏପରି କୌଣସି ନିଷ୍ପତ୍ତି ନିଅନ୍ତି ତେବେ ଏହାର ସବୁଠୁ ଅଧିକ ପ୍ରଭାବ ନେସ୍‌ଲେ ଭଳି ବଡ଼ କମ୍ପାନୀଙ୍କ ଉପରେ ପଡିବ,ଯାହାର ଭାରତୀୟ ବଜାରରେ

**ଜାନୁଆରୀରୁ ବଢ଼ିବ ମ୍ୟାଗି ମୂଲ୍ୟ**

ଏକ ବଡ଼ ଭାଗ ରହିଛି। ନିୟମ ଅନୁସାରେ ସ୍ୱିସ୍ କମ୍ପାନୀମାନଙ୍କୁ ଭାରତୀୟ ଆୟ ସ୍ରୋତରୁ ପ୍ରାପ୍ତ ଡିଭିଡେଣ୍ଟର ୧୦ ପ୍ରତିଶତ ଶୁଳ୍କ ଆକାରରେ ପୈଠ କରିବାକୁ ପଡିବ। ବର୍ତ୍ତମାନ ସେମାନେ ଏ ବାବଦକୁ ମାତ୍ର ୫ ପ୍ରତିଶତ ଦେଉଛନ୍ତି। ସ୍ୱିଜରଲ୍ୟାଣ୍ଡ ସରକାରଙ୍କ ଏହି ନିଷ୍ପତ୍ତି ପରେ ଭାରତୀୟ ବଜାରରେ ନେସ୍‌ଲେ ଉତ୍ପାଦ ମ୍ୟାଗି, ଅନ୍ୟ ମିଲ୍କ ପ୍ରଡକ୍ଟ ଓ ଫୁଡ ଆଇଟମ୍‌ର ଦର ବୃଦ୍ଧି ଆଶଙ୍କା କରାଯାଉଛି। ବର୍ଦ୍ଧିତ ଶୁଳ୍କ ଏହାର କାରଣ, ଯାହାର ସିଧା ପ୍ରଭାବ ବଜାରରେ ବିକ୍ରି ହେଉଥିବା ସାମାନ ଉପରେ ପଡିବ। ଏଥିରେ ଗ୍ରାହକମାନେ ସିଧାସଳଖ ପ୍ରଭାବିତ ହେବେ। ସେମାନଙ୍କୁ ଉତ୍ପାଦ ନିମନ୍ତେ ଅଧିକ ପଇସା ଖର୍ଚ୍ଚ କରିବାକୁ ପଡିବ।

# ପାହାଡ଼ରୁ ଖସି ମ୍ୟାଙ୍ଗୋ ପ୍ରତିଷ୍ଠାତାଙ୍କ ମୃତ୍ୟୁ



ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି): ପ୍ରସିଦ୍ଧ ଫ୍ୟାଶନ ବ୍ରାଣ୍ଡ ମ୍ୟାଙ୍ଗୋର ପ୍ରତିଷ୍ଠାତା ତଥା ଫ୍ୟାଶନ ଶିଳ୍ପର ଏକ ବଡ ନାମ ଇସାକ୍ ଆଣ୍ଡିକଙ୍କର ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ଏକ ପାହାଡ ଉପରକୁ ଯିବାବେଳେ ଖସିପଡି ଏକ ଗଭୀର ଖାଇରେ ପଡ଼ିଯାଇଥିବା ଜଣାପଡିଛି। ୭୧ ବର୍ଷୀୟ ଇସାକ୍ ଆଣ୍ଡିକ୍ ତୁର୍କୀର ଇସ୍ତାନବୁଲରେ ଜନ୍ମଗ୍ରହଣ କରିଥିଲେ। ସେ ପରିବାର ସହ ୬୦ ଦଶକରେ ସ୍ପେନର କାଟାଲୋନିଆକୁ ଚାଲିଯାଇଥିଲେ। ଇସାକ୍ ୧୯୮୪ରେ ଫ୍ୟାଶନ ବ୍ରାଣ୍ଡ ମ୍ୟାଙ୍ଗୋପ୍ରତିଷ୍ଠା କରିଥିଲେ। ଆଜି ଏହି ବ୍ରାଣ୍ଡ ଫ୍ୟାଶନ ଇଣ୍ଡଷ୍ଟ୍ରିର ଶ୍ରେଷ୍ଠ ବ୍ରାଣ୍ଡ ମଧ୍ୟରେ ସ୍ଥାନିତ ହୋଇଛି। ରିପୋର୍ଟ ଅନୁଯାୟୀ, ଇସାକ୍ ଶନିବାର ତାଙ୍କ ପରିବାର ସହିତ ବାର୍ସିଲୋନା ନିକଟ ମୋଣ୍ଟସେରାଟ ଗୁମ୍ଫା ପରିଦର୍ଶନ କରିବାକୁ ଯାଇଥିଲେ। ଏହି ସମୟ ମଧ୍ୟରେ ସେ ସେଠାରେ ଖସିପଡି ୧୫୦ ମିଟର ଗଭୀର ଖାଇରେ ପଡ଼ି ମୃତ୍ୟୁ ବରଣ କରିଥିଲେ। ମ୍ୟାଙ୍ଗୋ ସିଇଓ ଟନି ରୁଇଜ ଇସାକ୍‌ଙ୍କ ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କହିଛନ୍ତି। ଇସାକ୍‌ଙ୍କ ବିୟୋଗରେ ଛାଡିଥିବା ଶୂନ୍ୟସ୍ଥାନ ପୂରଣ କରିବା କଷ୍ଟକର ଏବଂ ବର୍ତ୍ତମାନ ତାଙ୍କର ମହାନତା ଏବଂ ସଫଳତା ଆମ ପାଖରେ ରହିଛି।

# ସ୍ମାର୍ଟଫୋନ୍ ରପ୍ତାନିରେ ଭାରତର ରେକର୍ଡ

**ପ୍ରଥମ ଥର ମାସିକ ରପ୍ତାନି ୨୦ ହଜାର କୋଟି ଟପିଲା**

ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି): ସ୍ମାର୍ଟଫୋନ୍ ରପ୍ତାନିରେ ଭାରତ ପୁଣିଥରେ ରେକର୍ଡ ପ୍ରତିଷ୍ଠା କରିଛି। ଭାରତରୁ ସ୍ମାର୍ଟଫୋନ୍ ରପ୍ତାନି ଗୋଟିଏ ମାସରେ ପ୍ରଥମ ଥର ପାଇଁ ୨୦,୦୦୦ କୋଟି ଟଙ୍କା ଅତିକ୍ରମ କରି ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଛି। କମ୍ପାନୀଗୁଡିକ ଦ୍ୱାରା ଉପସ୍ଥାପିତ ଏବଂ ଶିଳ୍ପ ସଂସ୍ଥାଗୁଡ଼ିକରୁ ସଂଗୃହିତ ତଥ୍ୟରୁ ଏହା ଜଣାପଡିଛି। ଚଳିତ ବର୍ଷ ନଭେମ୍ବରରେ ସ୍ମାର୍ଟଫୋନ୍ ରପ୍ତାନି ୨୦,୩୯୫ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତ ବର୍ଷ ସମାନ ସମୟ ତୁଳନାରେ ୯୨ ପ୍ରତିଶତ ଅଧିକ। ଗତ ବର୍ଷ ନଭେମ୍ବରରେ ଏହି ପରିମାଣ ୧୦,୬୩୪ କୋଟି ଟଙ୍କା ରହିଥିଲା।



ଫଳରେ ସ୍ମାର୍ଟଫୋନ୍ ରପ୍ତାନିରେ ଭାରତ ଇତିହାସ ରଚିଛି। ଭାରତରୁ ସ୍ମାର୍ଟଫୋନ୍ ରପ୍ତାନି କ୍ଷେତ୍ରରେ ଆପଲ୍ ଆଇଫୋନ୍ ସବୁଠୁ ଆଗରେ ରହିଛି। ଏହାପଛକୁ ଦକ୍ଷିଣ କୋରିଆ କମ୍ପାନୀ ସାମସଙ୍ଗ ରହିଛି। ନଭେମ୍ବରର ରପ୍ତାନିରେ ଉଭୟ କମ୍ପାନୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ରହିଥିଲା। ଚଳିତ ମାସରେ ୧୪ ହଜାର କୋଟି ଟଙ୍କା ମୂଲ୍ୟର ଆଇଫୋନ୍ ରପ୍ତାନି କରିବାରେ ସାମସଙ୍ଗ ବିକ୍ରେତାମାନେ ଆଗରେ ରହିଥିଲେ। କମ୍ପାନୀର ପୂର୍ବ ମାସିକ ରେକର୍ଡ ଅକ୍ଟୋବରରେ ୧୨,୦୦୦ କୋଟି ଟଙ୍କା ମୂଲ୍ୟର ସ୍ମାର୍ଟଫୋନ୍ ରପ୍ତାନି ହୋଇଥିଲା। ପ୍ରଥମ ଥର ପାଇଁ ଆପଲ୍ ଏହାର ତିନି ବିକ୍ରେତାଙ୍କ ଦ୍ୱାରା ଭାରତରେ ସଂଗୃହିତ ଆଇଫୋନର ମୋଟ ଉତ୍ପାଦନ ମୂଲ୍ୟର ୮୦ ପ୍ରତିଶତରୁ ଅଧିକ ରପ୍ତାନି କରିଛି।

**ବିଶ୍ୱର ଶ୍ରେଷ୍ଠ ୨୫ ଧନୀ ତାଲିକା**

# ୮ମ ସ୍ଥାନରେ ଅମ୍ବାନୀ ପରିବାର

ବ୍ଲୁମ୍‌ବର୍ଗ,୧୫।୧୨(ଏଜେନ୍ସି)



**ୱାଲମାର୍ଟର ୱାଲଟନ୍ ପରିବାର ସବୁଠୁ ଧନୀ**

ବ୍ଲୁମବର୍ଗ ପକ୍ଷରୁ ପ୍ରକାଶ ପାଇଛି ଦୁନିଆର ୨୫ ଧନୀ ପରିବାରର ତାଲିକା। ହେଲେ ଚଳିତ ବର୍ଷ ଏହି ଧନୀ ପରିବାରଗୁଡିକର ସମ୍ପତ୍ତିରେ ୩୪.୫ ଲକ୍ଷ କୋଟି ଟଙ୍କା ବୃଦ୍ଧି ହୋଇଛି। ଉପଭୋକ୍ତା ଖୁଚୁରା କମ୍ପାନୀ ୱାଲମାର୍ଟ ଚଳାଉଥିବା ୱାଲଟନ୍ ପରିବାର ଏହି ତାଲିକାରେ ଶୀର୍ଷରେ ରହିଛି। ଗତ ବର୍ଷ ଏହି ପରିବାର ସମ୍ପତ୍ତି ଦୃଷ୍ଟିରୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହି ପରିବାରର ନେଟ୍ ସମ୍ପତ୍ତି ୩୬.୭ ଲକ୍ଷ କୋଟି ଟଙ୍କା ଥିଲା। ଗତ ବର୍ଷ ତୁଳନାରେ ଏଥିରେ ୧୪.୬ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ଏହି ତାଲିକାରେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ୟୁଏଇ ଏବଂ କାତାରର ରାଜ ପରିବାର ରହିଛି। ଅପରପକ୍ଷେ ୮.୪୫ ଲକ୍ଷ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଥିବା ଅମ୍ବାନୀ ପରିବାର ବିଶ୍ୱର ଶ୍ରେଷ୍ଠ ୨୫ ଧନୀ ପରିବାର ୮ମ ସ୍ଥାନରେ ରହିଛି। ଭାରତର ମିସ୍ତ୍ରୀ ପରିବାର ଏହି ତାଲେକାରେ୩.୫ ଲକ୍ଷକୋଟି ଟଙ୍କାର ସମ୍ପତ୍ତି ସହ ୨୩ ତମ ସ୍ଥାନରେ ରହିଛି। ଏହି ପରିବାର ଶାପୁରଜୀ ପାଲୋନ୍‌ଜୀ ଗ୍ରୁପର। ଦୁନିଆର ଶ୍ରେଷ୍ଠ ୨୫ଧନୀ ପରିବାରର ମୋଟ ସମ୍ପତ୍ତି ପରିମାଣ ୨୧୧ ଲକ୍ଷ କୋଟି ଟଙ୍କା। ତାଲିକାରେ ରହିଥିବା ବିଶ୍ୱର କେତେକ ଧନୀ ପରିବାର ଗୁଡିକ ହେଉଛି, ଆମେରିକାର ୱାଲଟନ୍ ପରିବାର, ଫ୍ରାନ୍ସର ହର୍ମେସ୍ ପରିବାର, ମାର୍ସ ପରିବାର ଏବଂ ଅମ୍ବାନୀ ପରିବାର

୧୯୫୦ରେ ମସିହାରେ ସାମ ୱାଲଟନ୍ ଆମେରିକାରେ ଏକ ଫାଇଭ୍ ଏଣ୍ଡ ଡାଇମ୍ ଷ୍ଟୋର ଆରମ୍ଭ କରିଥିଲେ। ବର୍ତ୍ତମାନ ବିଶ୍ୱରେ ୧୦,୬୦୦ ଷ୍ଟୋର ରହିଛି। ୱାଲମାର୍ଟରେ ଏହି ପରିବାରର ୪୬ପ୍ରତିଶତ ଅଂଶଧନ ରହିଛି। ତାଲିକାର ଚତୁର୍ଥ ଧନୀ ପରିବାର ହେଉଛି ଫ୍ରାନ୍ସର ହର୍ମେସ୍ ଫ୍ୟାମିଲି। ହର୍ମେସ୍ ହେଉଛି ଫ୍ରାନ୍ସର ଏକ ବିଳାସପୂର୍ଣ୍ଣ ଫ୍ୟାଶନ୍ କମ୍ପାନୀ। ୧୮୩୭ ମସିହାରେ ଥିଏରି ହର୍ମେସ୍ ଘୋଡାର ଲଗାମ୍ ତିଆରି କରିବାର ବ୍ୟବସାୟ ଆରମ୍ଭ କରିଥିଲେ। ପୋଲିଓ ରୋଗରେ ପୀଡିତ ଫ୍ରାଙ୍କ ମାର୍ସ ୧୯୦୨ରେ କ୍ୟାଣ୍ଡିର ବ୍ୟବସାୟ ଆରମ୍ଭ କରିଥିଲେ। ଏହା ମିଲ୍କି ୱେ, ସ୍ନିକର୍ସ ବାର୍ ପାଇଁ ଜଣାଶୁଣା। ବର୍ତ୍ତମାନ ଦୁନିଆର ସପ୍ତମ ଧନୀ ପରିବାରର ଧ୍ୟାନ ଗୃହପାଳିତ ପଶୁମାନଙ୍କ ଉପରେ ରହିଛି।

ଧିରୁଭାଇ ଅମ୍ବାନୀଙ୍କ ଦ୍ୱାରା ଭାରତରେ ୧୯୫୫ରେ ଗଠନ କରାଯାଇଥିଲା ରିଲାଏନ୍ସ କମର୍ସିଆଲ୍ କର୍ପୋରେସନ୍ କମ୍ପାନୀ। କମ୍ପାନୀ ପ୍ରଥମେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକୁ ମସଲା ରପ୍ତାନି କରିବାର ବ୍ୟବସାୟ ଆରମ୍ଭ କରିଥିଲା। ଆଜି କମ୍ପାନୀ ରିଅଲ୍ଟି, ଟେଲିକମ୍, ପେଟ୍ରୋଲିୟମ, ଖୁଚୁରା ଏବଂ ଅନ୍ୟାନ୍ୟ ବ୍ୟବସାୟ ସହ ଜଡିତ। ଅମ୍ବାନୀ ପରିବାରର ସମ୍ପତ୍ତି ହେଉଛିଭାରତର ଜିଡିପିର ୧୦ ପ୍ରତିଶତ। ବାରକ୍ଲେଜ୍-ହୁରୁନ୍ ଇଣ୍ଡିଆର ସବୁଠାରୁ ମୂଲ୍ୟବାନ ବ୍ୟବସାୟିକ ପରିବାର ୨୦୨୪ ତାଲିକା ଅନୁଯାୟୀ, ଅମ୍ବାନୀ ପରିବାରର ସମ୍ପତ୍ତି ମୂଲ୍ୟ ୨୫.୭୫ ଟ୍ରିଲିୟନ ଡଲାର। ଏହା ଭାରତର ଜିଡିପିର ପ୍ରାୟ ୧୦ ପ୍ରତିଶତ। ଅମ୍ବାନୀଙ୍କ ପରିବାରର ସମ୍ପତ୍ତି ମଧ୍ୟରେ ରିଲାଏନ୍ସ, ଜିଓ ପ୍ଲାଟଫର୍ମ, ରିଲାଏନ୍ସ ରିଟେଲ ଏବଂ ଅନ୍ୟାନ୍ୟ ଗୋଷ୍ଠୀ କମ୍ପାନୀଗୁଡ଼ିକର ଅଂଶଧନ ଅନ୍ତର୍ଭୁକ୍ତ।

# ଶ୍ରେଷ୍ଠ -୨୦ ଧନୀରୁ ହଟିବେ ଆଦାନୀ

**● ୨ ବର୍ଷ ତଳେ ଥିଲେ ତୃତୀୟ ସ୍ଥାନରେ**

ନୂଆଦିଲ୍ଲୀ, ୧୫।୧୨ (ଏଜେନ୍ସି): ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀଙ୍କ ସମ୍ପତ୍ତି କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ହିଣ୍ଡେନବର୍ଗ ହେଉ କି ଆମେରିକା କୋର୍ଟରେ ଚାଲିଥିବା ଲାଞ୍ଚ କାରବାର ମାମଲା ଏହି ବ୍ୟବସାୟୀଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ଏହାର ପ୍ରଭାବରେ ତାଙ୍କର ବିପୁଳ କ୍ଷୟକ୍ଷତି ହେଉଛି। ବିଭିନ୍ନ ସେୟାର ମୂଲ୍ୟ ହ୍ରାସ ପାଇବା ଯୋଗୁଁ ବିଶ୍ୱ ଧନୀ ତାଲିକାରୁ ସେ ଗୋଟିଏ ପରେ ଗୋଟିଏ ପାହାଚ ତଳକୁ ଖସିବାରେ ଲାଗିଛନ୍ତି। ୨୦୨୨ରେ ସେ ବିଶ୍ୱର ତୃତୀୟ ଧନୀ ହୋଇଥିଲେ। ସେତେବେଳେ ତାଙ୍କ ସମ୍ପତ୍ତି ୧୩୩.୨ ବିଲିୟନ ଡଲାରରେ ପହଞ୍ଚି ଯାଇଥିଲା। ମାତ୍ର ଦୁଇ ବର୍ଷ ମଧ୍ୟରେ ସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି।



ତୃତୀୟ ସ୍ଥାନରେ ଥିବା ଆଦାନୀ ଏବେ ବିଶ୍ୱର ଟପ୍-୨୦ ଧନୀ ତାଲିକାରୁ ବାଦ୍ ପଡ଼ିବାର ସ୍ଥିତି ସୃଷ୍ଟି ହୋଇଛି। ବ୍ଲୁମ୍‌ବର୍ଗ ବିଲିୟନେଆର ତାଲିକା ଅନୁଯାୟୀ ଆଦାନୀ ଏବେ ଧନୀ ତାଲିକାର ୧୯ତମ ସ୍ଥାନରେ ରହିଛନ୍ତି। ତାଙ୍କ ମୋଟ ସମ୍ପତ୍ତି ୮୨.୧ ବିଲିୟନ ଡଲାର ରହିଛି। କେବଳ ଚଳିତ ବର୍ଷ ଏହା ୨.୨୧ ବିଲିୟନ ଡଲାର ହ୍ରାସ ପାଇଛି। ଗତ ଦୁଇ ବର୍ଷରେ ଏହା ପ୍ରାୟ ୫୦ ବିଲିୟନ ଡଲାର ହ୍ରାସ ପାଇଛି। ଆଗାମୀ ଦିନରେ ଏପରି ସ୍ଥିତି ରହିଲେ ସେ ତାଲିକାରୁ ବାହାରିଯିବେ ବୋଲି କୁହାଯାଉଛି।

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ । ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ । ରୋଜଗାର ବୃଦ୍ଧି ହେବ । ମନ ପ୍ରସନ୍ନ ରହିବ । ଜୀବନସାଥୀଙ୍କ ସହଯୋଗ ମିଳିବ । ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ ।

**ବୃଷ:** ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ । ସ୍ୱଭାବରେ ନିୟନ୍ତ୍ରଣ ରକ୍ଷା କରିବେ । ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ । ନିବେଶ ଲାଗି ଉପଯୁକ୍ତ ସମୟ । ବ୍ୟକ୍ତିଗତ କଥା କାହା ଆଗେ ସେୟାର କରନ୍ତୁନି ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ । ଭୁଲ୍ କାମରୁ ଦୂରେଇ ରହିବେ । ପାରିବାରିକ ଜୀବନରେ ସୁଖଶାନ୍ତି ରହିବ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀ ପଢ଼ାରେ ଧ୍ୟାନ ଦେବେ ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ ହେବ । ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି । ଗରିବଙ୍କୁ ସାହାଯ୍ୟ କରିବେ । ମାନସିକ ଶାନ୍ତି ମିଳିବ । ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ । କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ । କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ । ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ । ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଜୀବନସାଥୀଙ୍କଠାରୁ ଉପହାର ପାଇବେ ।

**ତୁଳା:** ଦିନଟିରେ ସଫଳତା ମିଳିବ । ପୈତୃକ ବ୍ୟବସାୟରୁ ଲାଭବାନ ହେବେ । ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ । ଆର୍ଥିକ ଲାଭ ମିଳିବ । ଉଧାର ଦେଇ ସମସ୍ୟାରେ ପଡ଼ିପାରନ୍ତି ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ । କାମରୁ ସଫଳତା ମିଳିବ । ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ । ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ । ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ ହେବ ।

**ଧନୁ:** ଆତ୍ମବିଶ୍ୱାସ ବଢ଼ିବ । କୌଣସି ସମସ୍ୟାରେ ପଡ଼ିପାରନ୍ତି । ନକାରାତ୍ମକ ଚିନ୍ତାଧାର ଦୂର ହେବ । ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ । ନୂତନ ଜମି କ୍ରୟ କରିପାରନ୍ତି ।

**ମକର:** ଧନଲାଭ ଯୋଗ ଅଛି । କୌଣସି କଥାକୁ ନେଇ ବିଚଳିତ ହେବେ । ଭାଇ,ଭଉଣୀଙ୍କ ସହ ହସଖୁସିରେ ଦିନ କାଟିବେ । ନିଯୁକ୍ତି ସୁଯୋଗ ମିଳିବ । ନିଜ ଲୋକ ଆପଣଙ୍କୁ ସମସ୍ୟାରେ ପକାଇ ପାରନ୍ତି ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରୁହନ୍ତୁ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ । ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ । ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ । ବିବାହ ବିଳମ୍ବ ହେବ ।

**ମୀନ:** ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ନୂତନ ବ୍ୟବସାୟ ପାଇଁ ବର୍ତ୍ତମାନ ଅନୁକୂଳ ସମୟ ।

## ଆଜିର ଇତିହାସ

- ୧୭୦୭- ଜାପାନର ମାଉଣ୍ଟ ଫୁଜି ଜ୍ୱାଳାମୁଖୀରେ ଶେଷ ଥର ପାଇଁ ବିସ୍ଫୋରଣ ହୋଇଥିଲା ।
- ୧୯୫୧- ହାଇଦ୍ରାବାଦରେ 'ସାଲାର୍ ଜଙ୍ଗ୍ ସଂଗ୍ରହାଳୟ'ର ସ୍ଥାପନା କରାଗଲା ।
- ୨୦୧୪- ତେହରିକ୍-ଏ-ତାଲିବାନର ଆତଙ୍କବାଦୀମାନେ ପେଶୱାରର ଏକ ସ୍କୁଲ୍ ଉପରେ ଆକ୍ରମଣ କରିଥିଲେ । ଏଥିରେ ୧୫୦ ଜଣଙ୍କ ମୃତ୍ୟୁ ହୋଇଥିଲା, ତନ୍ମଧ୍ୟରେ ୧୩୪ ସ୍କୁଲ୍ ପିଲା ଥିଲେ ।

# ବିଜୟ ଦିବସ



୧୯୭୧ ପାକିସ୍ତାନ ସହିତ ଯୁଦ୍ଧରେ ଭାରତୀୟ ସଶସ୍ତ୍ର ବାହିନୀର ବିଜୟକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ଡିସେମ୍ବର ୧୬ ତାରିଖକୁ ବିଜୟ ଦିବସ ଭାବେ ପାଳନ କରାଯାଏ । ୧୯୭୧ ମସିହା ଡିସେମ୍ବର ୩ରୁ ଆରମ୍ଭ ହୋଇ ଦୀର୍ଘ ୧୩ ଦିନ ଯାଏ ଚାଲିଥିବା ଭାରତ-ପାକିସ୍ତାନ ଯୁଦ୍ଧରେ ପାକ୍ ସେନାକୁ ପରାସ୍ତ କରି ଡିସେମ୍ବର ୧୬ ତାରିଖରେ ବିଜୟ ହାସଲ କରିଥିଲା ଭାରତୀୟ ସେନା । ସେହିଦିନଠାରୁ ଡିସେମ୍ବର ୧୬ ତାରିଖକୁ ବିଜୟ ଦିବସ ଭାବେ ପାଳନ କରୁଛି ସାରାଦେଶ । ଏହା ସେହି ଯୁଦ୍ଧ ଥିଲା, ଯେଉଁଥିରେ ବିଶ୍ୱ ମାନଚିତ୍ରରେ ବାଂଲାଦେଶ ନାମକ ଏକ ଦେଶ ଜନ୍ମ ନେଇଥିଲା । ୧୯୭୧ ପୂର୍ବରୁ ବାଂଲାଦେଶ ପାକିସ୍ତାନର ଏକ ଅଂଶ ଥିଲା, ଯାହାକୁ ପୂର୍ବ ପାକିସ୍ତାନ କୁହାଯାଉଥିଲା । ପୂର୍ବ ପାକିସ୍ତାନର ଲୋକଙ୍କୁ ପାକିସ୍ତାନୀ ସେନା ଦ୍ୱାରା ମାଡ଼ ମାରିବା, ଶୋଷଣ, ଦୁଷ୍କର୍ମ ଓ ହତ୍ୟା ଭଳି ଅତ୍ୟାଚାର କରାଯାଉଥିଲା ।

ଡିସେମ୍ବର ୩, ୧୯୭୧ରେ, ଭାରତ ସରକାର ପୂର୍ବ ପାକିସ୍ତାନର ଲୋକଙ୍କୁ ବଞ୍ଚାଇବା ପାଇଁ ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବାକୁ ଭାରତୀୟ ସେନାକୁ ନିର୍ଦ୍ଦେଶ ଦେଇଥିଲେ । ୨୭ ମାର୍ଚ୍ଚ, ୧୯୭୧ରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପୂର୍ବ ପାକିସ୍ତାନକୁ ସ୍ୱାଧୀନତା ଦେବାକୁ ଏବଂ ଶରଣାର୍ଥୀଙ୍କୁ ରକ୍ଷା କରିବା ପାଇଁ ପାକିସ୍ତାନ ସହ ଯୁଦ୍ଧ କରିବାକୁ ନିଷ୍ପତ୍ତି ନେଇଥିଲେ । ୧୯୭୧ ଡିସେମ୍ବର ୩ ରେ ପାକିସ୍ତାନ ପକ୍ଷରୁ ପ୍ରାଥମିକ ଯୁଦ୍ଧ ଘୋଷଣା କରାଯାଇଥିଲା । ଏହି ଦିନ ସନ୍ଧ୍ୟାରେ ଭାରତର ଉତ୍ତର-ପଶ୍ଚିମରେ ଅବସ୍ଥିତ ଏୟାରଫିଲ୍ଡ ଉପରେ ପାକିସ୍ତାନ ପକ୍ଷରୁ ଏୟାର ଷ୍ଟ୍ରାଇକ୍ କରାଯାଇଥିଲା । ସେହିଦିନ ରାତିରେ ଭାରତ ପ୍ରତ୍ୟୁତ୍ତରରେ ପାକିସ୍ତାନ ଉପରେ ପାଲଟା ଆକ୍ରମଣ କରି ଏହାର ଉଚିତ ଜବାବ ଦେଇଥିଲା । ଏହାର ପରଦିନ ପ୍ରଧାନମନ୍ତ୍ରୀ ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ଡିସେମ୍ବର ୪ ଓ ୫ ରାତିରେ କରାଚିର ଏକ ବନ୍ଦର ଉପରେ ଭାରତୀୟ ନୌସେନା ଆକ୍ରମଣ କରିଥିଲା । ଏହି ଆକ୍ରମଣ ପରେ ପାକିସ୍ତାନୀ ନୌବାହିନୀ ଭାରତର ଏକ ଜାହାଜ ଉପରେ ଆକ୍ରମଣ କରି ଜାହାଜକୁ ପାଣିରେ ବୁଡ଼େଇ ଦେଇଥିଲେ । ଡିସେମ୍ବର ୮ ଓ ୯ ରାତିରେ କରାଚିର ଆଉ ଏକ ବନ୍ଦର ଉପରେ ଭାରତୀୟ ସେନା ଆକ୍ରମଣ କରିଥିଲା । ଏହି ଯୁଦ୍ଧରେ ଭାରତ ଓ ପାକିସ୍ତାନ ଉଭୟଙ୍କର ବହୁତ କ୍ଷୟକ୍ଷତି ହୋଇଥିଲା, କିନ୍ତୁ ପାକିସ୍ତାନକୁ ଅଧିକ କ୍ଷତି ସହିବାକୁ ପଡ଼ିଥିଲା । ଫିଲ୍ଡ ମାର୍ଶଲ ସାମ୍ ମାନେକ୍‌ଶାଙ୍କ ନେତୃତ୍ୱରେ ଏହି ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧରେ ପାକିସ୍ତାନକୁ ସବକ ଶିଖାଇଥିଲା ଭାରତ । ୧୯୭୧ ଯୁଦ୍ଧରେ ପାକିସ୍ତାନର ୯୩,୦୦୦ ସୈନିକ ଯୁଦ୍ଧ ସମୟରେ ଧଳାପତାକା ଦେଖାଇ ଭାରତୀୟ ସେନା ନିକଟରେ ଆତ୍ମସମର୍ପଣ କରିଥିଲେ । ଏହି ଯୁଦ୍ଧ ବାଂଲାଦେଶ ମୁକ୍ତି ପାଇଁ ଥିଲା । ଭାରତୀୟ ଯୋଦ୍ଧାଙ୍କ ବଳିଦାନ ସ୍ୱରୂପ ବାଂଲାଦେଶ ସ୍ୱାଧୀନ ହୋଇଥିଲା । ଯାହା ଭାରତୀୟ ସେନା ପାଇଁ କୌଣସି ଉତ୍ସବଠାରୁ କମ୍ ନ ଥିଲା । ଏହି ବିଜୟ ଭାରତୀୟ ସେନାର ସାହସିକତାର ସାକ୍ଷୀ ।

# ରାହୁଲ୍‌ଙ୍କ ସହ ପ୍ୟାଚ୍‌ଅପ୍ କଲେ ଶ୍ରଦ୍ଧା !



ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁରଙ୍କ ଅଭିନୀତ 'ସ୍ତ୍ରୀ ୨' ହିଟ୍ ହେବା ପରେ ଏବେ ତାଙ୍କୁ ବଡ଼ ବଡ଼ ବ୍ୟାନରରୁ ଅଫର୍ ଆସୁଛି । ଶ୍ରଦ୍ଧା ତାଙ୍କ ବୃତ୍ତିଗତ ଜୀବନ ସହ ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ଅନେକ ସମୟରେ ଚର୍ଚ୍ଚାରେ ରହିଛନ୍ତି । କିଛିଦିନ ପୂର୍ବରୁ ଶ୍ରଦ୍ଧା ଓ ରାହୁଲ ମୋଦିଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଯାଇଥିବା କଥା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଏବେ କିନ୍ତୁ ଶ୍ରଦ୍ଧା ଏକ ଫଟୋ ସେୟାର୍ କରିଛନ୍ତି, ଯାହା ଦର୍ଶକଙ୍କୁ ବେଶ୍ ଚକିତ କରିଛି । ଫଟୋରେ ଶ୍ରଦ୍ଧା ମୁମ୍ବାଇର ପ୍ରସିଦ୍ଧ ଜଳଖିଆ ବଡ଼ା ପାଓ ହାତରେ ଧରିଥିବାର ଦେଖାଯାଇଛି । ଏହି ଫଟୋଟିକୁ ସେୟାର୍ କରି ଶ୍ରଦ୍ଧା ଲେଖିଛନ୍ତି- 'କ'ଣ ମୁଁ ଆପଣଙ୍କୁ ସବୁବେଳେ ବଡ଼ା ପାଓ ଆଣିବା ପାଇଁ ଧମକାଇ ପାରିବି ।' ଏଥିରେ ସେ ରାହୁଲ୍‌ଙ୍କୁ ଟ୍ୟାଗ୍ କରିଥିଲେ । ତେବେ ଏହି ଫଟୋ ରାହୁଲ୍‌ଙ୍କ ସହ ତାଙ୍କର ବ୍ରେକ୍‌ଅପ୍ ଖବର ଉପରେ ଏକପ୍ରକାର ବିରାମ ଲଗାଇ ଦେଇଛି । ଏଠାରେ ପ୍ରକାଶ ଥାଉ କି, ଗତ ଅଗଷ୍ଟରେ ଶ୍ରଦ୍ଧା ଓ ରାହୁଲଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଯାଇଥିବା ଖବର ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଥିଲା । ଶ୍ରଦ୍ଧା ଇନ୍‌ଷ୍ଟାଗ୍ରାମ୍‌ରେ ରାହୁଲଙ୍କୁ ଅନ୍‌ଫଲୋ ମଧ୍ୟ କରି ଦେଇଥିଲେ । ଏବେ ଶ୍ରଦ୍ଧା ଏହି ପୋଷ୍ଟ ସେୟାର୍ କରିବା ପରେ ଉଭୟଙ୍କ ମଧ୍ୟରେ ପ୍ୟାଚ୍‌ଅପ୍ ହୋଇଯାଇଥିବା କଥା ଆଲୋଚନା ହେଉଛି ।

# କଥାକୁହା ଡଷ୍ଟବିନ୍

ସହରାଞ୍ଚଳରେ ଅଳିଆ ଆବର୍ଜନା ଫିଙ୍ଗିବା ପାଇଁ ରାସ୍ତାର ବିଭିନ୍ନ ସ୍ଥାନରେ ଡଷ୍ଟବିନ୍ ଥିବା ଦେଖିବାକୁ ମିଳେ । ଏହି କ୍ରମରେ ଏବେ ହଂକଂ ଡିଜ୍‌ନିଲ୍ୟାଣ୍ଡର ଏକ ଡଷ୍ଟବିନ୍ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି । ଏହି ଚଳନ୍ତା ଡଷ୍ଟବିନ୍ ରାସ୍ତାରେ ଚାଲିବା ସହ ଖାଇବା ପାଇଁ ଖାଦ୍ୟ ମଧ୍ୟ ମାଗୁଛି । ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଭିଡିଓ ପ୍ରାରମ୍ଭରୁ ଦେଖିବାକୁ ମିଳୁଛି ଯେ, ଉକ୍ତ ଡଷ୍ଟବିନ୍‌ରେ ଚକ ଲାଗିଛି । ପରେ ଏହି ଅଟୋମେଟିକ୍ ଡଷ୍ଟବିନ୍ ଜନଗହଳିପୂର୍ଣ୍ଣ ସ୍ଥାନକୁ ଯାଇ କହୁଛି, 'ମୁଁ ଅଳିଆ ଆବର୍ଜନା ଖାଇବାକୁ ଚାହୁଁଛି, ଆଖପାଖରେ କେଉଁଠି ଏହା ଅଛି କି' । ଏହାପରେ ସେ କାନ୍ଦି କାନ୍ଦି କ'ଣ ଅଳିଆ ନାହିଁ ବୋଲି ପ୍ରଶ୍ନ କରୁଥିବାର ଦେଖାଯାଇଛି । ତେବେ ଡଷ୍ଟବିନ୍‌ରୁ ସ୍ୱର ବାହାରୁଥିବାର ଦେଖି କିଛି ଲୋକ ଏହା ପାଖକୁ ଆସିବାକୁ ଡରୁଥିବା ଦେଖାଯାଇଛି । ଏହାପରେ ଜଣେ ମହିଳା ଆସି ଟିସୁ ପେପର୍ ସେଥିରେ ପକାଉଛନ୍ତି । ଡଷ୍ଟବିନ୍ ତାଙ୍କୁ ଧନ୍ୟବାଦ କହିବା ସହ ଛୋଟ ପିଲା ଟିସୁ ପେପର୍ ଖାଇବା ଭଳି ସ୍ୱର ବାହାର କରୁଥିବାର ଭିଡିଓରେ ଦେଖାଯାଇଛି । ତେବେ ଲୋକଙ୍କ ପାଖକୁ ଯାଇ ଅଳିଆ ସଂଗ୍ରହ କରୁଥିବା ଏହି ଡଷ୍ଟବିନ୍ ଏବେ ସାମାଜିକ ଗଣମାଧ୍ୟମରେ ଛାଇ ଯାଇଛି । ହଂକଂରେ ଲୋକଙ୍କୁ ଡଷ୍ଟବିନ୍‌ରେ ଅଳିଆ ଫିଙ୍ଗିବା ପାଇଁ ପ୍ରୋତ୍ସାହିତ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହି ଅଭିଯାନକୁ ଆରମ୍ଭ କରାଯାଇଛି । ଲୋକମାନେ ଅଳିଆ ଏଣେତେଣେ ନ ଫିଙ୍ଗିବା, ସହରକୁ ସଫା ରଖିବା ପାଇଁ ଏହି ଅଭିଯାନ ଆରମ୍ଭ କରାଯାଇଛି । ଅନ୍ୟପଟେ ଉକ୍ତ ଡଷ୍ଟବିନ୍ ଲୋକଙ୍କ ମନୋରଞ୍ଜନର ମାଧ୍ୟମ ମଧ୍ୟ ପାଲଟିଛି ।



# ଗୋମତାଙ୍କୁ ରୁଟି... ବାର ଅନୁସାରେ ଫଳ



ହିନ୍ଦୁ ଧର୍ମରେ ଗାଈକୁ ଗୋମାତାର ମାନ୍ୟତା ଦିଆଯାଇଛି । ଗାଈଙ୍କୁ ଖାଇବାକୁ ଦେବା ପୁଣ୍ୟ କାମ ବୋଲି ବିବେଚନା କରାଯାଏ । କୁହାଯାଏ, ଗାଈଙ୍କୁ ରୁଟି ଦେବା ଦ୍ୱାରା ପାପରୁ ମୁକ୍ତି ମିଳେ । ଜୀବନରେ ସୁଖ ଶାନ୍ତି ଆସେ । ତେବେ ଗାଈଙ୍କୁ କେଉଁ ବାରରେ ରୁଟି ଦେଲେ, କ'ଣ ସବୁ ଫଳ ମିଳେ, ସେ ସମ୍ପର୍କରେ ଜାଣିବା ।

- ରବିବାର ଗାଈଙ୍କୁ ରୁଟି ଖାଇବାକୁ ଦେବା ଦ୍ୱାରା ଗ୍ରହଦୋଷ ଦୂର ହୁଏ । ବିଶେଷକରି ସୂର୍ଯ୍ୟ ସମ୍ବନ୍ଧିତ ଦୋଷ ଦୂର ହୁଏ ।
- ଗୁରୁବାର ଗାଈଙ୍କୁ ରୁଟି ଖାଇବାକୁ ଦେଲେ ବୃହସ୍ପତି ଗ୍ରହ ମଜଭୁତ ହୁଏ । ଏହା ଦ୍ୱାରା ଜୀବନରେ ଉନ୍ନତି ପରିଲକ୍ଷିତ ହୁଏ ।
- ଶନିବାର ଦିନ ଯଦି କଳା ଗାଈକୁ ରୁଟି ଖାଇବାକୁ ଦିଅନ୍ତି, ଏହା ଶନିଙ୍କ ଖରାପ ପ୍ରଭାବରୁ ରକ୍ଷା କରିଥାଏ ।
- ବାସ୍ତୁ ଶାସ୍ତ୍ର ଅନୁସାରେ, ଗାଈଙ୍କୁ ନିୟମିତ ରୁଟି ଖାଇବାକୁ ଦେବା ଦ୍ୱାରା ଘରେ ନକାରାତ୍ମକ ଶକ୍ତି ଦୂର ହୋଇ ସକାରାତ୍ମକତା ବିରାଜମାନ କରେ ।

# ବାଟ ଓଷା

**ପୌଷ କୃଷ୍ଣ ଦ୍ୱିତୀୟାରେ ପାଳନ କରାଯାଏ 'ଦାଣ୍ଡପହଁରା' ବା ବାଟଓଷା । ଏହି ଓଷା ସତ୍ୟ, ଧର୍ମ ଓ ନ୍ୟାୟର ଦେବତା ଯମରାଜଙ୍କ ଉଦ୍ଦେଶ୍ୟରେ ପାଳନ କରାଯାଏ । ଏହା ବାଟ ବା ଦାଣ୍ଡରେ ପାଳନ କରାଯାଉଥିବାରୁ ଏହାର ନାମକରଣ ଏଭଳି କରାଯାଇଛି । ପଣ୍ଡୁ ପୂର୍ଣ୍ଣିମାର ତିନିଦିନ, ସାତଦିନ ବା ନଅଦିନ ପରେ ଏହା ପଡ଼ିଥାଏ । ଏଥର ଡିସେମ୍ବର ୧୭ରେ ଏହା ପଡୁଛି ।**



ଯମଙ୍କୁ ପ୍ରସନ୍ନ କରିବା ଉଦ୍ଦେଶ୍ୟରେ ଏହି ଓଷାକୁ ପାଳନ କରାଯାଏ । ସନ୍ତାନଙ୍କ ଦୀର୍ଘ ଜୀବନ କାମନା କରି ମାଆମାନେ ଏହାକୁ ପାଳନ କରନ୍ତି । ଓଷା ମଣ୍ଡପର ଚତୁଃପାର୍ଶ୍ୱକୁ ବଜ୍ରମୂଳିରେ ପହଁରା କରିବା ପରେ ସେଥିରେ ସନ୍ତାନଙ୍କୁ ଝଡ଼ାଯାଏ । ପୌରାଣିକ କିମ୍ବଦନ୍ତୀ ଅନୁସାରେ, କୋଶଳ ଦେଶର ରାଜା ସୁଦର୍ଶନ ଏବଂ ରାଣୀ ଲୀଳାବତୀଙ୍କ ପୁତ୍ର ସନ୍ତାନ ନ ଥିବାରୁ ସେମାନେ ଘୋର ମନସ୍ତାପରେ ଥିଲେ । ତେବେ ବ୍ରାହ୍ମଣ ଓ ଜ୍ୟୋତିଷ ଦାଣ୍ଡପହଁରା ବା ବାଟଓଷା କରି ଯମଙ୍କୁ ସନ୍ତୁଷ୍ଟ କଲେ ପୁତ୍ରପ୍ରାପ୍ତି ହେବ ବୋଲି ପରାମର୍ଶ ଦେଇଥିଲେ । କିଛି ଦିନ ପରେ ଓଷା କରିଥିବା ରାଜ୍ୟର ଗୃହିଣୀମାନଙ୍କଠାରୁ ପ୍ରସାଦ ପାଇ ଏକ ପୁତ୍ର ସନ୍ତାନ ପ୍ରାପ୍ତ ହୋଇଥିଲା । ଯାହାଙ୍କ ନାମ ବୀରସେନ । କିନ୍ତୁ ପୁତ୍ରପ୍ରାପ୍ତି ପରେ ରାଣୀ ଆଉ ବାଟଓଷା କଲେ ନାହିଁ । ଫଳରେ ଯମ ବୀରସେନଙ୍କୁ ଅପହରଣ କରି ନେଇ ଥିଲେ । ଏହାପରେ ବୀରସେନଙ୍କୁ ମାରି ରୋଷେଇ କରି ଖାଇବାକୁ ଦେବାକୁ ମା'ଙ୍କୁ କହିଥିଲେ । ତେବେ ଯମ ଗାଧୋଇ ଯିବା ସମୟରେ ଯମଙ୍କ ମାତା ବୀରସେନଙ୍କୁ ନାକରେ କାଠି ପୂରାଇ ଛିଙ୍କିବା ପାଇଁ କହିଥିଲେ । ବୀରସେନ ମଧ୍ୟ ସେଭଳି କରିଥିଲେ । ଶେଷରେ ଯମଦେବ ବୀରସେନଙ୍କୁ ନ ମାରି ବାଟଓଷା ନ କଲେ ପୁନର୍ବାର ନେଇଯିବେ ବୋଲି ବୀରସେନଙ୍କ ମାତାଙ୍କୁ କହି ଘରେ ଛାଡ଼ିଦେଲେ । ଏହାପରେ ରାଣୀ ରାଜଗୃହରେ ଯମଦେବଙ୍କ ବାଟଓଷା କରି ଦାଣ୍ଡପହଁରି ପୁତ୍ରର ଦୀର୍ଘାୟୁ କାମନା କରିଥିଲେ ।

# ସ୍ମୃତି

## ଗୀତାବାଣୀ

ଉଦ୍ଧରେଦାତ୍ମନାତ୍ମାନଂ ନାତ୍ମାନମବସାଦୟେତ୍ ।
ଆତ୍ମୈବ ହ୍ୟାତ୍ମନୋ ବନ୍ଧୁରାତ୍ମୈବ ରିପୁରାତ୍ମନଃ ॥



ନିଜେ ନିଜର ଉଦ୍ଧାର କର, ନିଜର ପତନ କର ନାହିଁ; କାରଣ ନିଜେ ହିଁ ନିଜର ମିତ୍ର ଏବଂ ନିଜେ ହିଁ ନିଜର ଶତ୍ରୁ ।

ଷଷ୍ଠୋଽଧ୍ୟାୟଃ- ଶ୍ଳୋକ-୫

## ଧନୁ ସଂକ୍ରାନ୍ତି

ସୂର୍ଯ୍ୟଙ୍କ ରାଶି ପରିବର୍ତ୍ତନରେ ସଂକ୍ରାନ୍ତି ଆସିଥାଏ । ଏହି କ୍ରମରେ ସୂର୍ଯ୍ୟ ବିଛା ରାଶି ଛାଡ଼ି ଧନୁ ରାଶିରେ ଗୋଚର ହେଲେ ଧନୁ ସଂକ୍ରାନ୍ତି ପଡ଼େ । ସୌର ମାସ ଗଣନା ଅନୁଯାୟୀ ଏହିଦିନରୁ ପୌଷ ମାସ ଆରମ୍ଭ ହୁଏ । ଖର ମାସ ହେତୁ ଏହି ସମୟରେ ଶୁଭ ମାଙ୍ଗଳିକ କାର୍ଯ୍ୟ ବର୍ଜନୀୟ । କିନ୍ତୁ ସ୍ନାନ, ଦାନ, ତୀର୍ଥାଟନ ଓ ସୂର୍ଯ୍ୟ ଉପାସନା ପାଇଁ ଏହା ପ୍ରକୃଷ୍ଟ ସମୟ ବୋଲି ବିଚାର କରାଯାଏ ।

ବିଶେଷକରି ଆମ ଓଡ଼ିଆ ଘରେ ଧନୁ ସଂକ୍ରାନ୍ତିର ବିଶେଷ ଗୁରୁତ୍ୱ ରହିଛି । ଏହି ସମୟରେ ଓଡ଼ିଶାର ଧର୍ମୀୟ ପରମ୍ପରାରେ ଅନେକ ଓଷା ବ୍ରତ ପାଳନ କରାଯାଇଥାଏ । ଶ୍ରୀମନ୍ଦିରରେ ମଧ୍ୟ ବିଶେଷ ନୀତି ପାଳନ କରାଯାଇଥାଏ ।

ପୌଷମାସର ପବିତ୍ରତା ଯୋଗୁଁ ପୁଷ୍ୟାଭିଷେକ ଅନୁଷ୍ଠିତ ହୁଏ । କୁହାଯାଏ, ଏହିଦିନରୁ ମାସକ ପର୍ଯ୍ୟନ୍ତ ମା' ଲକ୍ଷ୍ମୀ ନିଜ ବାପ ଘରକୁ ଯାଇଥାନ୍ତି । ଏହାର ଅନୁସରଣରେ ପୌଷ ମାସରେ ଓଡ଼ିଆ ଘରର ବୋହୂ ବାପଘରକୁ ଯିବାର ପ୍ରଥା ମଧ୍ୟ ପ୍ରଚଳିତ ଅଛି । ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ଲକ୍ଷ୍ମୀ ଅନୁପସ୍ଥିତ ଥିବା



ବେଳେ ମା' ଯଶୋଦା ତିନିଠାକୁରଙ୍କ ପାଇଁ ବଡ଼ି ସକାଳୁ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି, ଯାହା ପହିଲି ଭୋଗ ନାମରେ ପ୍ରସିଦ୍ଧ । ଧନୁ ସଂକ୍ରାନ୍ତିରୁ ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ପହିଲି ଭୋଗ ପ୍ରସ୍ତୁତ ହୋଇଥାଏ ।

ପୁଷ ମାସ ପରେ ଧାନ ଅମଳ ପରେ ଉଖୁଡ଼ା ବା ମୁଆଁର ପ୍ରସ୍ତୁତି ଓଡ଼ିଆ ଚଳଣିରେ ବିଶେଷ ମହତ୍ତ୍ୱ ରଖିଥାଏ । ତେବେ ଧନୁ ସଂକ୍ରାନ୍ତିର ପ୍ରସିଦ୍ଧ ଭୋଗ ହେଉଛି ଧନୁ 'ମୁଆଁ' । ଏହିଦିନ ଠାକୁରଙ୍କ ପାଖରେ ମୁଆଁକୁ ଭୋଗ ଭାବେ ଲାଗି କରାଯାଏ । ଏହା ଖୁବ୍ ସୁସ୍ୱାଦୁ । ସେହିପରି ଧନୁ ରାଶି ଦେବ ଗୁରୁ ବୃହସ୍ପତିଙ୍କ ରାଶି । ଏଣୁ ଏଥିରେ ସୂର୍ଯ୍ୟଙ୍କ ପ୍ରବେଶ ବିଶେଷ ପ୍ରଭାବ ଆଣିଥାଏ ।



୧. ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କେଉଁ ବାରରେ ଗୀତା ଶୁଣାଇ ଥିଲେ?
୨. ଶ୍ରୀକୃଷ୍ଣଙ୍କ ଶଙ୍ଖର ନାଁ କ'ଣ?
୩. କାଳିନ୍ଦୀ ନଦୀରେ କେଉଁ ନାଗ ରହୁଥିବା ଉଲ୍ଲେଖ ରହିଛି?
୪. ମହା କୁମ୍ଭମେଳା କେତେ ବର୍ଷରେ ଥରେ ପାଳନ କରାଯାଏ?
୫. ଘଟୋତ୍କଚ କାହାର ପୁତ୍ର ?

**ଉତ୍ତର**

(୧) ରବିବାର (୨) ପଞ୍ଚଜନ୍ୟ
(୩) କାଳିଆ ନାଗ
(୪) ୧୨ ବର୍ଷରେ (୫) ଭୀମ

■ ଡବ୍ଲ୍ୟୁପିଏଲ୍ ଖେଳାଳି ନିଲାମୀ

# ସିମରନ ଶେଖ ସବୁଠୁ ଦାମୀ

ବେଙ୍ଗାଲୁରୁ, ୧୫ ।୧୨(ଏଜେନ୍ସି): ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ର ଆଗାମୀ ୨୦୨୫ ତଥା ତୃତୀୟ ସଂସ୍କରଣ ଲାଗି ଏଠାରେ ମିନି ଖେଳାଳି ନିଲାମୀ ଅନୁଷ୍ଠିତ ହୋଇଛି । ପାଖାପାଖି ଦେଢ଼ ଘଣ୍ଟାଧରି ଚାଲିଥିବା ଏହି ନିଲାମୀରେ ୪ ଜଣ ଖେଳାଳି କୋଟିପତି ହେବାର ସୌଭାଗ୍ୟ ଲାଭ କରିଛନ୍ତି । ମୋଟ୍ ଉପରେ ୯.୦୫ କୋଟି ଟଙ୍କାରେ ୧୯ ଖେଳାଳି ବିକ୍ରି ହୋଇଛନ୍ତି । ୫ଜଣ ବିଦେଶୀ ଖେଳାଳିଙ୍କୁ ନେବା ପାଇଁ ୨ କୋଟି ୭୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ମୁମ୍ବାଇର ସିମରନ ଶେଖ୍ (ବେସ ପ୍ରାଇସ୍ ୧୦ ଲକ୍ଷ) ୧କୋଟି ୯୦ ଲକ୍ଷ ଟଙ୍କାରେ ଗୁଜରାଟ ଟାଇଟନ୍ସରେ ସାମିଲ ହୋଇ ସବୁଠାରୁ ଦାମୀ ଖେଳାଳି ବିବେଚିତ ହୋଇଛନ୍ତି । ନବାଗତ କମଳିନୀ ବେସ୍ ପ୍ରାଇସ(୧୦ ଲକ୍ଷ) ର ୧୬ ଗୁଣା ଅଧିକ ୧.୬୦ କୋଟି ଟଙ୍କାରେ ମୁମ୍ବାଇ ଇଣ୍ଡିଆନ୍ସରେ ସାମିଲ ହୋଇ ସମସ୍ତଙ୍କୁ ଚକିତ କରିଛନ୍ତି । ୱେଷ୍ଟଇଣ୍ଡିଜର ଡିଏଣ୍ଡ୍ରା ଡଟିନ୍ ୧.୭୦ କୋଟି ଟଙ୍କାରେ ଗୁଜରାଟରେ ସାମିଲ ହୋଇ ସବୁଠୁ ଦାମୀ ବିଦେଶୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି । ତେବେ ଆଶ୍ଚର୍ଯ୍ୟଜନକ ଭାବେ ଅଲରାଉଣ୍ଡର ସ୍ନେହ ରାଣା, ହିଦର ନାଇଟ୍ ଓ ଲୋରେନ ବେଲ୍ଙ୍କ ଭଳି ଖେଳାଳି ନିଲାମୀରେ ଅନସୋଲ୍ଡ ରହି ଅଲୋଡା ରହିଥିଲେ । ୪ଟି ଫ୍ରାଞ୍ଚାଇଜ୍ ସେମାନଙ୍କ ମନ ପସନ୍ଦର ଖେଳାଳିଙ୍କୁ ନିଲାମୀରେ କ୍ରୟ କରିବାର ସୁଯୋଗ ପାଇଥିଲେ ।

## ଭାରତ-ଅଷ୍ଟ୍ରେଲିଆ ତୃତୀୟ ଟେଷ୍ଟ: ବୁମ୍‌ରାଙ୍କୁ ୫ ୱିକେଟ

# ପୁଣି ଶତକ ମାରିଲେ ଟ୍ରାଭିସ୍ ହେଡ୍

ବ୍ରିସ୍‌ବେନ୍, ୧୫।୧୨(ଏଜେନ୍ସି): ଟ୍ରାଭିସ୍ ହେଡ୍ ଓ ଷ୍ଟିଭେନ ସ୍ମିଥ୍‌ଙ୍କ ଶତକ ବଳରେ ଏଠାରେ ଭାରତ ସହ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ୍‌ର ଭାରତ ବିପକ୍ଷ ତୃତୀୟ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଅଷ୍ଟ୍ରେଲିଆ ସ୍ଥିତି ମଜଭୁତ୍ କରିଛି । ରବିବାର ଖେଳରେ ହେଡ୍ ୧୬୦ବଲ୍‌ରୁ ୧୫୨ ଓ ଫର୍ମରେ ନ ଥିବା ସ୍ମିଥ ୧୯୦ ବଲ୍‌ରୁ ୧୦୧ ରନ୍ ସଂଗ୍ରହ କରିଛନ୍ତି । ଏମାନଙ୍କ ଚତୁର୍ଥ ୱିକେଟ ଯୋଡିରୁ ୨୪୧ ରନ୍ ସଂଗୃହୀତ ହେବା ଫଳରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୭ ୱିକେଟ ହରାଇ ୪୦୫ ରନ୍ କରିଛି । ଷ୍ଟମ୍ପ୍ ପ୍ରସାରଣ ବେଳକୁ ଆଲେକ୍ସ କ୍ୟାରୀ ୪୫ ଓ ମିଚେଲ ଷ୍ଟାର୍କ ୭ ରନ୍‌ରେ ବ୍ୟାଟିଂ କରୁଥିଲେ । କିନ୍ତୁ ହେଡ୍‌ଙ୍କ କ୍ରମାଗତ ଶତକ ବଳରେ ଭାରତ ଏହି ସିରିଜ୍‌ରେ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଛି । ପୂର୍ବରୁ ଆଡିଲେଡ୍‌ରେ







ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ସେ ୧୪୦, ପର୍ଥରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ୧୧ ଓ ୮୯ ରନ୍ କରି ଭାରତୀୟ ବୋଲରଙ୍କ ନିଦ ହଜାଇଦେଇଛନ୍ତି । ଅନ୍ୟ ଅଷ୍ଟ୍ରେଲୀୟ ଖେଳାଳିଙ୍କ ମଧ୍ୟରେ ଦୁଇ ଓପନର ଉସ୍‌ମାନ ଖୱାଜା ୨୧ ଓ ନାଥାନ ମ୍ୟାକ୍‌ସ୍ୱୀନୀ ୯, ମାର୍ନସ ଲାବୁସେନ୍ ୧୨, ପ୍ୟାଟ୍ କମିନ୍ସ ୨୦ ଓ ମିଚେଲ ମାର୍ଶ ୨୦ ରନ୍ କରିଥିଲେ । ଭାରତ ପକ୍ଷରୁ ଉପଅଧିନାୟକ ଯଶପ୍ରୀତ୍ ବୁମ୍‌ରା ପୁଣିଥରେ ସଫଳ ବୋଲର ସାବ୍ୟସ୍ତ ହୋଇଛନ୍ତି । ସେ ୨୫ ଓଭର ବୋଲିଂ କରି ୭୨ ରନ୍‌ରେ ସର୍ବାଧିକ ୫ଟି ୱିକେଟ ଅକ୍ତିଆର କରିଛନ୍ତି । କିନ୍ତୁ ତାଙ୍କୁ ଅନ୍ୟପଟୁ ବିଶେଷ ସଫଳତା ନ ମିଳିବାରୁ ଏହି ଟେଷ୍ଟ ଅଷ୍ଟ୍ରେଲିଆ ନିୟନ୍ତ୍ରଣକୁ ଚାଲିଯାଇଛି । ମହମ୍ମଦ୍ ସିରାଜ ଓ ନୀତୀଶ କୁମାର ରେଡ୍ଡୀଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା । ଦଳରେ ସାମିଲ ହୋଇଥିବା ଏକମାତ୍ର ସ୍ପିନର ରବୀନ୍ଦ୍ର ଜାଡେଜାଙ୍କ ଓ ଫାଷ୍ଟ ବୋଲର ଆକାଶ ଦୀପ ଆଦୌ ପ୍ରଭାବ ବିସ୍ତାର କରିବାରେ ଅସମର୍ଥ ହୋଇଥିଲେ । ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିବାରୁ ଅଧିନାୟକ ପଦରୁ ପ୍ରଭାବହୀନ ରୋହିତ ଶର୍ମାଙ୍କୁ ବିଦା କରିବାକୁ ସମର୍ଥକମାନେ ଦାବି କରିଛନ୍ତି ।

## ପ୍ରଥମ ଟି-୨୦ରେ ଭାରତ ବିଜୟୀ

ନବିମୁମ୍ବାଇ, ୧୫।୧୨(ଏଜେନ୍ସି): ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଜେମିମା ରୋଡ୍ରିଗ୍ରେଜ୍‌ଙ୍କ ୩୫ ବଲ୍‌ରେ ୭୩ ଓ ସ୍ମୃତି ମନ୍ଧାନାଙ୍କ ୩୩ ବଲ୍‌ରେ ୫୪ ରନ୍ ଫଳରେ ଏଠାରେ ରବିବାର ଅନୁଷ୍ଠିତ ପ୍ରଥମ ମହିଳା ଟି-୨୦ରେ ଭାରତ ୪୯ ରନ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି । ଭାରତ ପ୍ରଥମେ ବ୍ୟାଟିଂ କରି ୪ ୱିକେଟରେ ୧୯୫ ରନ୍ କରିଥିଲା । ଜବାବରେ ୱେଷ୍ଟଇଣ୍ଡିଜ୍ ୭ ୱିକେଟରେ ୧୪୬ ରନ୍ କରିଥିଲା । ଭାରତ ପକ୍ଷରୁ ଟିଟାସ ସାଧୁ ୩ଟି, ଦୀପ୍ତି ଶର୍ମା ଓ ରାଧା ଯାଦବ ୨ଟି ଲେଖାଏଁ ୱିକେଟ ନେଇଥିଲେ ।

## ସୁପର-୮'ରେ ଓଡ଼ିଶା

ଭୁବନେଶ୍ୱର, ୧୩।୧୨(ସମିସ): ଚଣ୍ଡିଗଡ଼କୁ ୧୭୫ ରନ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରି ଓଡ଼ିଶା ଜାତୀୟ ଦୃଷ୍ଟିହୀନ କ୍ରିକେଟ ପ୍ରତିଯୋଗିତା ନଗେଶ ଟ୍ରଫିରେ ହ୍ୟାଟ୍ରିକ ବିଜୟ ସହ ସୁପର-୮'ରେ ପ୍ରବେଶ କରିଛି । ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୩ ୱିକେଟରେ ୨୧୪ ରନ୍ କରିଥିଲା । ଦଳ ପକ୍ଷରୁ ଲାଲପ୍ରସାଦ ସୋରେନ୍ ୬୮ ଓ ଧନପତି ଗୌଡ଼ ୫୦ ରନ୍ କରି ଅପରାଜିତ କରିଥିଲେ । ଜବାବରେ ଚଣ୍ଡିଗଡ଼ ୧୦ ଓଭର ଖେଳି ମାତ୍ର ୩୯ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଓଡ଼ିଶାର ଲିଙ୍ଗରାଜ ରାଉତରା ୪ଟି, ଦେବରାଜ ବେହେରା ୩ଟି ୱିକେଟ ପାଇଥିଲେ ।

## ଷ୍ଟେଟ-ଏ ଟ୍ରଫି: ଓଡ଼ିଶା ବିଜୟୀ

କଟକ, ୧୫।୧୨(ସମିସ): ରାୟପୁରରେ ରବିବାର ଅନୁଷ୍ଠିତ ଷ୍ଟେଟ-ଏ ଟ୍ରଫିର ପ୍ରଥମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୧୯୭ରନରେ ଅରୁଣାଚଳ ପ୍ରଦେଶକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ଓମ ଟି ମୁଣ୍ଡେଙ୍କ ୧୨୩ରନ ବଳରେ ୫ ୱିକେଟରେ ୩୧୮ ରନ କରିଥିଲା । ଜବାବରେ ଅରୁଣାଚଳ ପ୍ରଦେଶ ୧୨୧ରନରେ ଅଲଆଉଟ ହୋଇଥିଲା । ସାଇଦୀପ ମହାପାତ୍ର ଏବଂ ଆଶୁତୋଷ ମାରାଣ୍ଡି ଯଥାକ୍ରମେ ୪ଟି ଏବଂ ୩ଟି ୱିକେଟ ଦଖଲ କରିଥିଲେ ।

■ ମହିଳା କନିଷ୍ଠ ଏସିଆ କପ୍ ହକି

# ଭାରତକୁ କ୍ରମାଗତ ଦ୍ୱିତୀୟ ଟାଇଟଲ

ମସ୍କଟ, ୧୫ ।୧୨(ଏଜେନ୍ସି): ମହିଳା କନିଷ୍ଠ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟର ୯ମ ସଂସ୍କରଣରେ ଏଥର ଡିଫେଣ୍ଡିଂ ଚାମ୍ପିଅନ ଭାରତ ବାଜି ମାରିଛି । ରବିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଜ୍ୟୋତି ସିଂଙ୍କ ନେତୃତ୍ୱାଧୀନ ଭାରତ ପେନାଲ୍ଟି ସୁଟ୍‌ଆଉଟ୍‌ରେ ଚୀନ୍‌କୁ ୩-୨ ଗୋଲରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ପାଇଁ ଟାଇଟଲ ହାସଲ କରିଛି । ଏହାପୂର୍ବରୁ ଭାରତ ୨୦୨୩ରେ ମଧ୍ୟ ଚାମ୍ପିଅନ ହୋଇଥିଲା । ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା । ଫଳରେ ପେନାଲ୍ଟି ସୁଟ୍ ଆଉଟର ସହାୟତା ନିଆଯାଇଥିଲା ।

ହକି ଓମାନ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏହି କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଅଧିନାୟିକା ଜିନଝୁଆଙ୍ଗ୍ ତାନ ଦ୍ୱିତୀୟ କ୍ୱାର୍ଟରରେ ୩୦ତମ ମିନିଟ୍‌ରେ ପେନାଲ୍ଟି ସୁଟ୍‌ଆଉଟ୍‌ରେ ଗୋଲ ଦେଇ ଚୀନ୍‌କୁ ଅଗ୍ରଣୀ କରାଇଥିଲେ । କିନ୍ତୁ ତୃତୀୟ କ୍ୱାର୍ଟରରେ ଭାରତ କନିକା ସ୍ୱିୱାଚ୍ ଫିଲ୍ଡ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ବାରବର ସ୍ଥିତିକୁ ଆଣିଥିଲେ । ଏହାପରେ ଗୋଲ ସମ୍ଭବ ନହେବା ଫଳରେ ମ୍ୟାଚ୍ ଅମୀମାଂସିତ ରହିଥିଲା । ଭାରତ ସେମିରେ ୩-୧ ଗୋଲରେ ଜାପାନକୁ ଓ ଚୀନ୍ ୪-୧ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଫାଇନାଲକୁ ଉଠିଥିଲେ । ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୧୨ଟି ଗୋଲ୍ ସ୍କୋର କରି ଭାରତୀୟ ଫରୱାର୍ଡ ଦୀପିକା ସେରାୱତ୍ ଟପ୍ ଗୋଲ୍ ସ୍କୋରର ବିବେଚିତ ହୋଇଛନ୍ତି ।




## ଓଡ଼ିଶା ମାଷ୍ଟର୍ସ-୨୦୨୪ ଉଦ୍‌ଯାପିତ

# ରିତ୍ୱିକ୍ ସଞ୍ଜିବୀ, କାଇ ୟାନ୍ ଚାମ୍ପିଅନ

କଟକ, ୧୫।୧୨(ସମିସ): ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିମରେ ଚାଲିଥିବା ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ମାଷ୍ଟର୍ସ-୨୦୨୪ ରବିବାର ଉଦ୍‌ଯାପିତ ହୋଇଯାଇଛି । ୫ଟି ଇଭେଣ୍ଟରୁ ଭାରତକୁ ଗୋଟିଏ ଟାଇଟଲ ମିଳିଛି । ପୁରୁଷ ସିଙ୍ଗିଲ୍ସ ଇଭେଣ୍ଟ ଫାଇନାଲରେ ଦୁଇ ଭାରତୀୟ ପ୍ରତିଦ୍ୱନ୍ଦୀ ସାମ୍ନାସାମ୍ନି ହୋଇଥିଲେ । ରିତ୍ୱିକ ସଞ୍ଜିବୀ ୨୧-୧୮, ୨୧-୧୬ ଗେମ୍‌ରେ ଥରୁନ ମାନେପଲ୍ଲୀଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମହିଳା ସିଙ୍ଗିଲ୍ସ ଇଭେଣ୍ଟରେ ଚୀନର କାଇ ୟାନ ୟାନ ଚାମ୍ପିଅନ ହୋଇଥିଲେ । ଫାଇନାଲ ମୁକାବିଲାରେ ଭାରତର ତନଭି ଶର୍ମାଙ୍କୁ ସେ ୨୧-୧୪, ୨୧-୧୬ ଗେମ୍‌ରେ ସିଧାସଳଖ ହରାଇ ବିଜୟୀ ହୋଇଥିଲେ । ପୁରୁଷ ଡବଲ୍ସ ଇଭେଣ୍ଟରେ ଚୀନର ହୁଆଙ୍ଗ ଡି ଏବଂ ଲିଉ ୟା' ଓ ମହିଳା ଡବଲ୍ସ ଇଭେଣ୍ଟରେ ଜାପାନର ନାନାକୋ ହାରା ଏବଂ ରିକୋ କିୟୋସଙ୍କ ଯୋଡିବିଜେତା ହୋଇଥିଲେ । ମିକ୍ସଡ ଡବଲ୍ସ ଇଭେଣ୍ଟରେ ଚୀନର ଗାଓ ଜିଆ ଉଆନ ଏବଂ ଟାଙ୍ଗ ରୁଇ ଝି ଚାମ୍ପିଅନ ହୋଇଛନ୍ତି ।

କ୍ରୀଡ଼ା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା, ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ହକି ପ୍ରମୋସନାଲ କାଉନସିଲ ଅଫ ଓଡ଼ିଶାର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ଇଡକୋର ଅତିରିକ୍ତ ନିର୍ଦ୍ଦେଶକ ଡଃ ସୁରେଶ ଚନ୍ଦ୍ର ଦଳାଇ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଡିସିପି ଜଗମୋହନ ମୀନା, ଆରଡିସି ବି. ପରମେଶ୍ୱରନ, ସିଏମସି କମିଶନର ଅନାମ ଚରଣ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।






■ ସୟଦ ମୁସ୍ତାକ ଅଲି ଟ୍ରଫି

# ମୁମ୍ବାଇ ଟାଇଟଲ ଜିତିଲା

ବେଙ୍ଗାଲୁରୁ, ୧୫ ।୧୨(ଏଜେନ୍ସି): ମୁମ୍ବାଇ ଏଥର ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ଚାମ୍ପିଅନ ହୋଇଛି । ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ମୁମ୍ବାଇ ୧୩ ବଲ ବାକିଥାଇ ୫ ୱିକେଟରେ ମଧ୍ୟ ପ୍ରଦେଶ ଦଳକୁ ପରାସ୍ତ କରିଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ମଧ୍ୟପ୍ରଦେଶ ୮ ୱିକେଟ ହରାଇ ୧୭୪ ରନ ସଂଗ୍ରହ କରିଥିଲା । ଜବାବରେ ମୁମ୍ବାଇ ୧୭.୫ ଓଭରରେ ୫ ୱିକେଟ ହରାଇ ୧୮୦ ରନକରି ବାଜି ମାରିଛି । ମୁମ୍ବାଇର ସୂର୍ଯ୍ୟକୁମାର ଯାଦବ ସର୍ବାଧିକ ୪୮, ଆଜିଙ୍କ୍ୟ ରାହାଣେ ୩୭, ଶ୍ରେୟସ ଆୟର ୧୬ ରନ କରିଥିଲେ । ସୂର୍ଯ୍ୟାଂଶ ସେଡଗେ (୩୬ ରନ, ୧ ୱିକେଟ) ଫାଇନାଲର ଓ ଅଭିଜ୍ଞ ଆଜିଙ୍କ୍ୟ ରାହାଣେ (୪୬୯ ରନ) ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ପୂର୍ବରୁ ମଧ୍ୟପ୍ରଦେଶର ରଜତ ପଟିଦାର ୪୦ ବଲରୁ ୬ଟି ଲେଖାଏ ଚୌକା ଓ ଛକା ସହ ୮୧ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ଦଳ ପରାସ୍ତ ହୋଇଥିଲା ।

# ଓଡ଼ିଶା ଓପନ୍ ଜିଏମ୍ ଚେସ୍ ମହୋତ୍ସବ ଆରମ୍ଭ



ଭୁବନେଶ୍ୱର, ୧୫।୧୨(ସମିସ): ମାତ୍ର ୧୫ ଦିନ ମଧ୍ୟରେ ଓଡ଼ିଶାରେ ଦ୍ୱିତୀୟ ଜିଏମ୍ ଚେସ୍ ମହୋତ୍ସବ ଆଜିଠାରୁ ଆରମ୍ଭ ହୋଇଛି । କିଟ୍‌ରେ ଚେସ ମହୋତ୍ସବ ଶେଷ ହେବାର ଏକ ସପ୍ତାହ ପରେ ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୨ରେ ରବିବାର ଆରମ୍ଭ ହୋଇଛି ୪୦ ଲକ୍ଷ ପୁରସ୍କାର ବିଶିଷ୍ଟ ଓଡ଼ିଶା ଜିଏମ୍ ଚେସ ମହୋତ୍ସବ । ଏହି ଉତ୍ସବକୁ ପୂର୍ବତନ ରାଜ୍ୟପାଳ ତଥା ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟ ଅତିଥି, ଏକାମ୍ର ବିଧାୟକ ବାବୁ ସିଂ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ । ଅଲ ଓଡ଼ିଶା ଚେସ ସଂଘ ଓ ସୋଆ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ୧୦ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତା ଡିସେମ୍ବର ୨୨ରେ ଶେଷ ହେବ । ଉଦ୍‌ଘାଟନୀ ଉତ୍ସବରେ ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟି ଅଧ୍ୟକ୍ଷ ଡଃ ଅବିନାଶ ସାମଲ, ରାଜ୍ୟ ଚେସ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ, ସୋଆର କ୍ରୀଡ଼ାଅଧିକାରୀ ସୁନିତା ବର୍ମା ଓ ଡିନ୍ ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । କୋଷାଧକ୍ଷ ଶଙ୍କରପ୍ରସାଦ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# କଳିଙ୍ଗରେ ୱାର୍ଲ୍ଡ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର ଇଭେଣ୍ଟ

ଭୁବନେଶ୍ୱର, ୧୫ ।୧୨(ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଆଉ ଏକ ବିଶ୍ୱସ୍ତରୀୟ ଦୌଡ଼କୁଦ ଇଭେଣ୍ଟ ଆୟୋଜନ ହେବାକୁ ଯାଉଛି । ଆସନ୍ତାବର୍ଷ ଅଗଷ୍ଟ ୧୦ରେ ୱାର୍ଲ୍ଡ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର ଇଭେଣ୍ଟ ଆୟୋଜନ ହେବ ବୋଲି ଆଥଲେଟିକ ଫେଡେରେସନ ଅଫ୍ ଇଣ୍ଡିଆ ରବିବାର ସୂଚନା ଦେଇଛି । ଅଲିମ୍ପିକ୍ସ, ଡାଇମଣ୍ଡ ଲିଗ୍ ପରେ ଏହା ହେଉଛି ତୃତୀୟସ୍ତରର ବିଶ୍ୱସ୍ତରୀୟ ଆଥଲେଟିକ ଇଭେଣ୍ଟ । ୱାର୍ଲ୍ଡ ଆଥଲେଟିକ୍ସ ଆନୁକୂଲ୍ୟରେ ଏହି ମେଗା ଇଭେଣ୍ଟ ଆୟୋଜନ ହେବ । ଭାରତ ତଥା ଓଡ଼ିଶାରେ ପ୍ରଥମଥର ପାଇଁ ଏଭଳି ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ ହେବ ।

# ଓଡ଼ିଶା ଜିତିଲା ପୂର୍ବାଞ୍ଚଳ ଭବିଷ୍ୟନିଧି କବାଡ଼ି



ଭୁବନେଶ୍ୱର, ୧୩।୧୨(ସମିସ): ଓଡ଼ିଶା ୭୫-୧୯ ପଏଣ୍ଟରେ ପଶ୍ଚିମବଙ୍ଗକୁ ପରାସ୍ତ କରି ଜାମ୍‌ସେଦ୍‌ପୁରରେ ଶନିବାର ଶେଷ ହୋଇଥିବା ପୂର୍ବାଞ୍ଚଳ ଭବିଷ୍ୟନିଧି କବାଡ଼ିରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଏହି ବିଜୟ ସହ ଓଡ଼ିଶା ମଧ୍ୟ ମେଘାଳୟର ଶିଲଂରେ ହୋବାକୁ ଥିବା ସର୍ବଭାରତୀୟ ଭବିଷ୍ୟନିଧି କବାଡ଼ି ଟୁର୍ଣ୍ଣାମେଣ୍ଟକୁ ଯୋଗ୍ୟତା ଅର୍ଜନ କରିଛି । ଓଡ଼ିଶା କବାଡ଼ି ଦଳର ନେତୃତ୍ୱ ନେଇଥିଲେ ମନୋରଞ୍ଜନ ସାହୁ । ଓଡ଼ିଶା ଭବିଷ୍ୟନିଧି କାର୍ଯ୍ୟାଳୟର ଅତିରିକ୍ତ ଭବିଷ୍ୟନିଧି ଆୟୁକ୍ତ ସୁଶ୍ରୀ ଉମା ମଣ୍ଡଳ, ଭୁବନେଶ୍ୱର କାର୍ଯ୍ୟାଳୟର କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ-୧ ପିବି ବର୍ମା, କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ-୨ ଗୌରବ ମହାନ୍ତି ଓ ସୁଶ୍ରୀ ମୌସୁମୀଲତା ପାଢ଼ୀଙ୍କ ସମର୍ଥନ ଓ ସହଯୋଗ ଯୋଗୁଁ ଓଡ଼ିଶା ଦଳକୁ ଏହି ସଫଳତା ମିଳିଛି ।

## ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ

# ଭାଇଜାଗ୍‌କୁ ହରାଇ ସମ୍ବଲପୁର ଚାମ୍ପିଅନ

ଭାପୁର, ୧୫।୧୨(ସମିସ): ସମ୍ବଲପୁରର ଏମ୍‌ଏମ୍‌ସିସି ୭ ୱିକେଟରେ ଭାଇଜାଗ୍ ଏକାଦଶକୁ ପରାସ୍ତ କରି ଏଠାରେ ଚାଲିଥିବା ୧୫ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗସ୍ତ ନାଲିସାଗର ଷ୍ଟାଡିୟମ୍‌ରେ ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଭାଇଜାଗ୍ ୧୪୭ ରନ୍ କରିଥିଲା । ଜବାବରେ ସମ୍ବଲପୁର ମାତ୍ର ୧୨.୨ ଓଭରରେ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା । ବିଜୟୀ ଦଳର ଅଭିଷେକ ଯାଦବ ସର୍ବାଧିକ ୫୭ ରନ୍ କରିଥିଲେ । ଅଲରାଉଣ୍ଡ ସଫଳତା ଲାଗି ଅରୁନ ଛୋପରାନାଙ୍କୁ ମ୍ୟାଚ୍‌ର ଓ ଭାଇଜାଗ୍‌ର ଏସ୍ ତରୁଣଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ଆଶୁତୋଷ ପାଣି ଓ ଦୁର୍ଗାପ୍ରସାଦ ପଟ୍ଟନାୟକ ଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ । ଫାଇନାଲରେ ଅତିଥିଭାବେ ନୟାଗଡ଼ ବିଧାୟକ ଅରୁଣ ସାହୁ, ବୋଲଗଡ଼-ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଉପସ୍ଥିତ ଥିଲେ ।



ପୁରସ୍କାର ବିତରଣ ଉତ୍ସବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜଟଣୀର ପୂର୍ବତନ ବିଧାୟକ ସୁରେଶ ରାଉତରାୟ, ଖଣ୍ଡପଡ଼ା ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ସାମାଜିକ କର୍ମୀ ସୁଶାନ୍ତ ମିଶ୍ର, ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସ, ସିନେ ତାରକା ଶୁଭାଶିଷ ମିଶ୍ର, ଲିପି ମହାପାତ୍ର, ଯଲିଉଡ୍ ତାରକା ଦୈତାରୀ ପଣ୍ଡା, ଜଗା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଆୟୋଜକ ଫତେଗଡ଼ ଯୁବକ ସଂଘ ସଭାପତି ବେଣୁଧର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟଟି ସୁରୁଖୁରୁରେ ଶେଷ ହୋଇଛି । ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ସମ୍ବଲପୁର ଦଳକୁ ଟ୍ରଫି ସହ ୧ ଲକ୍ଷ ୫୦ ହଜାର ଓ ରନର୍ସ ଅପ୍ ଭାଇଜାଗ ଦଳକୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି ।

# ନାଲକୋ ଓପନରେ କବୀରଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର, ୧୫।୧୨(ସମିସ): ରାଜ୍ୟର ନଂ-୧ ଖେଳାଳି କବୀର ହଂସ ଏଠାରେ ରବିବାର ଶେଷ ହୋଇଥିବା ୨୩ତମ ନାଲ୍‌କୋ ଓପନ ଟେନିସ ପ୍ରତିଯୋଗିତାରେ ଦ୍ୱିମୁକୁଟ ହାସଲ କରିଛନ୍ତି । କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ପୁରୁଷ ଏକକରେ ସେ ୨-୦ରେ ପ୍ରତ୍ୟୁଷ ମହାନ୍ତିଙ୍କୁ, ଯୁଗଳରେ ସତୀର୍ଥ ପଟ୍ଟନାୟକଙ୍କ ସହ ଯୋଡି ହୋଇ ୨-୦ ସେଟ୍‌ରେ ଅଂଶୁକୁମାର ଭୂୟାଁ ଓ ଚିନ୍ମୟ ପ୍ରଧାନଙ୍କୁ ହରାଇ ଟାଇଟଲ ଜିତିଥିଲେ । ଅନ୍ୟ ଇଭେଣ୍ଟ ଗୁଡ଼ିକ ମଧ୍ୟରୁ ୧୮ ବର୍ଷରୁ କମ୍ ବାଳିକାରେ ଆହନ, ପୁରୁଷ ଦେବାଶିଷ ସାହୁ, ୧୪ ବର୍ଷରୁ କମ୍ ବାଳିକାରେ ଆହାନ ମିଶ୍ର ଓ ବାଳକରେ ଅଭୀପ୍ସା ଦେହୁରୀ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ଖେଳ ଶେଷରେ ନାଲକୋର ନିର୍ଦ୍ଦେଶକ ଆଲୋକ କୁମାର ପାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍‌ର ଅଶ୍ୱିନୀ ମହାନ୍ତି, ଆୟୋଜକ ଭୁବନେଶ୍ୱର ଜିଲ୍ଲା ଟେନିସ ସଂଘ ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଶାଶ୍ୱତ ମିଶ୍ର ଉପସ୍ଥିତ ଥିଲେ । ପ୍ରତିଯୋଗୀଙ୍କୁ ମୋଟ ୪.୩୨ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା ।



## ସର୍ବଭାରତୀୟ ସବ୍‌ଜୁନିୟର କରାଟେ

# ଓଡ଼ିଶାକୁ ୧୦ ସ୍ୱର୍ଣ୍ଣ ସହ ୨୪ ପଦକ

ଭୁବନେଶ୍ୱର, ୧୫।୧୨(ସମିସ): ନୂଆଦିଲ୍ଲୀରେ ରବିବାର ଶେଷ ହୋଇଥିବା ସର୍ବଭାରତୀୟ ଜୁନିୟର କରାଟେ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ୧୦ ସ୍ୱର୍ଣ୍ଣ, ୧୪ ରୌପ୍ୟ ଓ ୮ କାଂସ୍ୟ ପଦକ ସହ ମୋଟ ୨୪ଟି ପଦକ ଜିତି ଅଭିଯାନ ଶେଷ କରିଛି । ଆଜି ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଦଳକୁ ୬ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୫ କାଂସ୍ୟ ପଦକ ମିଳିଛି । ସ୍ୱର୍ଣ୍ଣପଦକ ବିଜେତାମାନେ ହେଲେ ବୈଶାଳୀ ପାତ୍ର, ଆସିଲେଶା ପଣ୍ଡା, ଇଶାନୀ ପଣ୍ଡା, ଅନାଦି ଭଞ୍ଜ, ଶ୍ରେୟା କାନୁନଗୋ ଓ ସବ୍‌ଜୁନିୟର ମହିଳା ଟିମ୍ କାଟାରେ ଲିନ୍ସି ସିଂ, ଅର୍ଚ୍ଚିତା ପ୍ରିୟଦର୍ଶିନୀ, ରାଜେଶ୍ୱରୀ ସିଂ ଓ ଦିବ୍ୟାଙ୍ଗନା ସାମନ୍ତରା । ପଦକ ବିଜେତାମାନଙ୍କୁ ରାଜ୍ୟ କରାଟେ ସଂଘ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS